୬ ଭାରତ ବିପକ୍ଷରେ ଇଂଲଣ୍ଡ ୫୬ ରନ୍‌ରେ ବିଜୟୀ

ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
32 YEARS
ସମ୍ବାଦ କଳିକା
The Sambad Kalika
TM
E-mail : sambadkalikanews@gmail.com
e-paper www.sambadkalika.in
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper
NS-EN ISO 9001:2008
କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ
୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages, ₹2.00
● ବର୍ଷ–୩୩ ● ସଂଖ୍ୟା–୧୬୨ ● ୧୨ ଜୁଲାଇ ୨୦୨୬ ରବିବାର ● ଭୁବନେଶ୍ୱର ● Vol -33 ● Issue-162 ● 12th July 2026, Sunday ● Bhubaneswar
RNI Regd.No. : 52640/94 Postal Regd.No. : BN-60/25-27

ଓଡ଼ିଶାରେ ଆଦିତ୍ୟ ବିର୍ଲା ଗ୍ରୁପ୍‌ର ବଡ଼ ନିବେଶ ପ୍ରସ୍ତାବ

ଆଲୁମିନା ରିଫାଇନାରୀ ପ୍ରକଳ୍ପ ପାଇଁ ବିନିଯୋଗ ହେବ ଅତିରିକ୍ତ ୧୨ ହଜାର କୋଟି

ଭୁବନେଶ୍ୱର, ୧୧।୭

ନ୍ୟୁଜ୍ ବ୍ୟୁରୋ

ଆଦିତ୍ୟ ବିର୍ଲା ଗ୍ରୁପ୍ ଓଡ଼ିଶାର ରାୟଗଡ଼ା ଜିଲ୍ଲା କାଶୀପୁର ତହସିଲ ଅନ୍ତର୍ଗତ କଂସାରୀଗୁଡ଼ାଠାରେ ନିର୍ମାଣାଧୀନ ଗ୍ରୀନଫିଲ୍ଡ ଆଲୁମିନା ରିଫାଇନାରୀ ପ୍ରକଳ୍ପର ସମ୍ପ୍ରସାରଣ ପାଇଁ ଅତିରିକ୍ତ ୧୨ ହଜାର କୋଟି ଟଙ୍କା ବିନିଯୋଗ ପ୍ରସ୍ତାବ ଦେଇଛି। ଏହାଫଳରେ ପ୍ରକଳ୍ପରେ ମୋଟ ବିନିଯୋଗ ପ୍ରାୟ ୨୦ ହଜାର କୋଟି ଟଙ୍କାରେ ପହଞ୍ଚିବ।

ଏହି ପ୍ରସ୍ତାବକୁ ନେଇ ଶନିବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ଆଦିତ୍ୟ ବିର୍ଲା ଗ୍ରୁପ୍‌ର ଅଧ୍ୟକ୍ଷ କୁମାର ମଙ୍ଗଳମ ବିର୍ଲାଙ୍କ ମଧ୍ୟରେ ଆଲୋଚନା ହୋଇଥିଲା। ବୈଠକରେ ଓଡ଼ିଶାରେ ଗ୍ରୁପ୍‌ର ଚାଲୁଥିବା ଓ ପ୍ରସ୍ତାବିତ ଶିଳ୍ପ ପ୍ରକଳ୍ପଗୁଡ଼ିକର ଅଗ୍ରଗତି ସମୀକ୍ଷା କରାଯିବା ସହ ସେଗୁଡ଼ିକର ଶୀଘ୍ର କାର୍ଯ୍ୟକାରିତା ପାଇଁ ଆବଶ୍ୟକ ସହଯୋଗ ଉପରେ ଆଲୋଚନା କରାଯାଇଥିଲା।

ହିଣ୍ଡାଲକୋ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍ ପକ୍ଷରୁ ବିକଶିତ ହେଉଥିବା ଏହି ଆଲୁମିନା ରିଫାଇନାରୀର ପ୍ରାରମ୍ଭିକ କ୍ଷମତା ବାର୍ଷିକ ୧ ନିୟୁତ ଟନ୍ (୧ ଏମଟିପିଏ) ରଖାଯାଇଥିଲା, ଯେଉଁଥିରେ ପ୍ରାୟ ୮ ହଜାର କୋଟି ଟଙ୍କା ବିନିଯୋଗ ହେବାର ଯୋଜନା ଥିଲା। ନୂତନ ପ୍ରସ୍ତାବ ଅନୁସାରେ ଏଥିରେ ଅତିରିକ୍ତ ୨ ଏମଟିପିଏ କ୍ଷମତା ଯୋଡ଼ାଯିବ, ଫଳରେ ରିଫାଇନାରୀର ମୋଟ ଉତ୍ପାଦନ କ୍ଷମତା ୩ ଏମଟିପିଏକୁ ବୃଦ୍ଧି ପାଇବ।

ରାଜ୍ୟ ସରକାରଙ୍କ କହିବା ଅନୁସାରେ, ଏହି ସମ୍ପ୍ରସାରଣ ପ୍ରକଳ୍ପ ମାଧ୍ୟମରେ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ବହୁ ସଂଖ୍ୟାରେ ରୋଜଗାର ସୃଷ୍ଟି ହେବ। ଏହା ସହିତ ସ୍ଥାନୀୟ ଶିକ୍ଷା, ସେବା ପ୍ରଦାନକାରୀ ସଂସ୍ଥା ଏବଂ ଡାଉନ୍‌ଷ୍ଟ୍ରିମ୍ ମାନୁଫାକ୍ଚରିଂ ଶିଳ୍ପର ବିକାଶକୁ ମଧ୍ୟ ଗତି ମିଳିବ।

ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଏହି ନିବେଶ ପ୍ରସ୍ତାବକୁ ସ୍ୱାଗତ କରି କହିଛନ୍ତି ଯେ, ଓଡ଼ିଶାର ସମୃଦ୍ଧ ଖଣିଜ ସମ୍ପଦର ସର୍ବାଧିକ ଲାଭ ରାଜ୍ୟରେ ମୂଲ୍ୟଯୁକ୍ତ ଉତ୍ପାଦନ, ଉନ୍ନତ ଶିଳ୍ପାୟନ ଓ ଗୁଣାତ୍ମକ ରୋଜଗାର ସୃଷ୍ଟି ମାଧ୍ୟମରେ ପ୍ରତିଫଳିତ ହେବା ଆବଶ୍ୟକ। ଆଲୁମିନିୟମ କ୍ଷେତ୍ର ରାଜ୍ୟର ଶିଳ୍ପ ଉନ୍ନୟନ ନୀତିର ଏକ ପ୍ରମୁଖ ସ୍ତମ୍ଭ ବୋଲି ସେ କହିଥିଲେ। ମୁଖ୍ୟମନ୍ତ୍ରୀ ପ୍ରକଳ୍ପର ଶୀଘ୍ର କାର୍ଯ୍ୟକାରିତା ପାଇଁ *(ପୃଷ୍ଠା ୭ରେ)*

ବିଶ୍ୱକୁ ସ୍ପଷ୍ଟ ବାର୍ତ୍ତା

ଭାରତ କେବଳ ଏକ ବଜାର ନୁହେଁ ବରଂ ବିଶ୍ୱ ଅଭିବୃଦ୍ଧି ପାଇଁ ଏକ ଲଞ୍ଚ ପ୍ୟାଡ୍

ନୂଆଦିଲ୍ଲୀ, ୧୧।୭

ଉତ୍ପାଦନ ସହ ଜଡ଼ିତ ପ୍ରୋତ୍ସାହନ (ପିଏଲଆଇ) ଯୋଜନାର ଲାଭ ଉଠାଇବା ଲାଗି ଶିଳ୍ପ ଜଗତକୁ ଅନୁରୋଧ କରି ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ଖାଦ୍ୟ ପ୍ରକ୍ରିୟାକରଣ ଠାରୁ ଆରମ୍ଭ କରି ବୟନ ଶିଳ୍ପ ପର୍ଯ୍ୟନ୍ତ ୧୪ଟି କ୍ଷେତ୍ରରେ ପାଖାପାଖି ୨୦ ବିଲିୟନ ଡଲାର ମୂଲ୍ୟର ପ୍ରୋତ୍ସାହନ ଦିଆଯାଉଛି। ସେ ନ୍ୟୁଜିଲ୍ୟାଣ୍ଡର କମ୍ପାନୀମାନଙ୍କୁ ଭାରତର ଉତ୍ପାଦନ କ୍ଷେତ୍ରର ଏକ ଅଂଶ ହେବାକୁ ଆହ୍ୱାନ କରିଥିଲେ।

ସେ କହିଥିଲେ ଯେ ଭାରତ ବିମାନ ବନ୍ଦର, ଆଞ୍ଚଳିକ ବିମାନ ସଂଯୋଗ, ବିମାନ ମାଲ ପରିବହନ ଏବଂ ପର୍ଯ୍ୟଟନର ଦ୍ରୁତ ସମ୍ପ୍ରସାରଣ ଦେଖୁଛି ଏବଂ ଦେଶ ବିଶ୍ୱର ତୃତୀୟ ସର୍ବବୃହତ ଘରୋଇ ବିମାନ ଚଳାଚଳ ବଜାରରେ ପରିଣତ ହୋଇଛି। ଦୁଇ ଦେଶ ମଧ୍ୟରେ କାର୍ଗୋ କରିଡର, ବିମାନ ସଂଯୋଗ ଏବଂ ମିଳିତ ପର୍ଯ୍ୟଟନ ପ୍ୟାକେଜ ବିକଶିତ କରିବା ଲାଗି ସେ *(ପୃଷ୍ଠା ୭ରେ)*



ଭାରତୀୟ ନୌସେନାରେ ସାମିଲ ହେଲା ଆଇଏନ୍‌ଏସ୍ ମହେନ୍ଦ୍ରଗିରି

ମହେନ୍ଦ୍ରଗିରି
MAHENDRAGIRI

ବିଶାଖାପାଟଣା, ୧୧।୭

ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଶନିବାର ବିଶାଖାପାଟଣା ଡକୟାର୍ଡରେ ପ୍ରାୟ ୭୫ ପ୍ରତିଶତ ସ୍ୱଦେଶୀ ଜ୍ଞାନ କୌଶଳରେ ନିର୍ମିତ ଯୁଦ୍ଧଜାହାଜ ଆଇଏନ୍‌ଏସ୍ ମହେନ୍ଦ୍ରଗିରିକୁ ଲୋକାର୍ପିତ କରିଛନ୍ତି। ଏହା ସହିତ ଯୁଦ୍ଧଜାହାଜ ଆଇଏନ୍‌ଏସ୍ ମହେନ୍ଦ୍ରଗିରି ଭାରତୀୟ ନୌବାହିନୀରେ ବିଧିବଦ୍ଧ ଭାବେ ସାମିଲ ହୋଇଛି।

ରାଜନାଥ ଅଭିଭାଷଣରେ ମହେନ୍ଦ୍ରଗିରି ପର୍ବତ କଥା କହି ଓଡ଼ିଶାକୁ ପ୍ରଶଂସା କରିଛନ୍ତି। ମହେନ୍ଦ୍ରଗିରି ପର୍ବତମାଳାର ନାମ ଅନୁସାରେ ନାମିତ, ଏହି ଯୁଦ୍ଧଜାହାଜ ସ୍ଥିରତା, ଶକ୍ତି ଏବଂ ଅଟଳ ସଂକଳ୍ପର ପ୍ରତୀକ ବୋଲି ରାଜନାଥ କହିଛନ୍ତି। ଏହି ଅବସରରେ ପ୍ରତିରକ୍ଷା ମନ୍ତ୍ରୀଙ୍କୁ ଗାର୍ଡ ଅଫ ଅନର ଦିଆଯାଇଥିଲା।

ଆଇଏନ୍‌ଏସ୍ ମହେନ୍ଦ୍ରଗିରି ଭାରତର ସାମୁଦ୍ରିକ ଇତିହାସରେ ଆଉ ଏକ ଅଧ୍ୟାୟ ଯୋଡ଼ିବ ବୋଲି ଆଶା *(ପୃଷ୍ଠା ୭ରେ)*

ପାଇଖାନା ଟାଙ୍କିରେ ପଡ଼ି ୨ଶ୍ରମିକ ମୃତ

ଭୁବନେଶ୍ୱର, ୧୧।୭

ନ୍ୟୁଜ୍ ବ୍ୟୁରୋ

ଭୁବନେଶ୍ୱର ବିଜେବି ନଗରରେ ପାଇଖାନା ଟାଙ୍କିରେ ପଡ଼ି ୨ ଜଣଙ୍କର ଶୋଚନୀୟ ମୃତ୍ୟୁ ଘଟିଛି। ବିଜେବି ନଗର ସ୍ଥିତ ସରସ୍ୱତୀ ଶିଶୁ *(ପୃଷ୍ଠା ୭ରେ)*

ଆଜିର ମୁଖ୍ୟ ଖବର

- ମଣିପୁର: ପିଏଲଏ କ୍ୟାଡର ଗିରଫ, ୬୮ ଗ୍ରାମ ହେରୋଇନ ସହିତ ତିନି ଜଣ ଗିରଫ।
- ପରମ ବୀର ଚକ୍ର ପୁରସ୍କାରପ୍ରାପ୍ତ ଦ୍ୱିତୀୟ ଲେଫ୍ଟନାଣ୍ଟ ରାମ ରାଘୋବା ରାଣେଙ୍କ ଶ୍ରାଦ୍ଧ ବାର୍ଷିକୀରେ ଦେଶ ଶ୍ରଦ୍ଧାଞ୍ଜଳି ଜଣାଇଲା।
- ଭେନେଜୁଏଲାରେ ଦୁଇଟି ଭୂମିକମ୍ପରେ ମୃତ୍ୟୁ ସଂଖ୍ୟା ୪,୦୦୦ ଅତିକ୍ରମ।
- ମୁଖ୍ୟମନ୍ତ୍ରୀଙ୍କ ବିରୋଧରେ ଆପତ୍ତିଜନକ ସୋସିଆଲ ମିଡିଆ ପୋଷ୍ଟ ପାଇଁ କୋଲକାତାର ଦୁଇ ପୋଲିସ ଡିସି ନିଲମ୍ବିତ।

ସୁନା ଦର

୨୪ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୪,୪୪୩ (-୪୯)
୨୨ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୩,୨୩୦ (-୪୫)
୧୮ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୦,୮୨୫ (-୩୭)

ରୁପା ଦର

ରୂପା – ପ୍ରତି ଗ୍ରାମ ୨୩୫ (-୫)

ଡିଜିପିଙ୍କ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ

ଅଘଟଣ ମୁକ୍ତ ରଥଟଣା ଉପରେ ଗୁରୁତ୍ୱ

RAL POLICE B
CAR FESTIVAL - 2

ପୁରୀ, ୧୧।୭

ନ୍ୟୁଜ୍ ବ୍ୟୁରୋ

ଆସନ୍ତା ୧୬ ତାରିଖରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ଅନୁଷ୍ଠିତ ହେବାକୁ ଯାଉଛି । ଏହି ରଥଯାତ୍ରାକୁ ତ୍ରୁଟି ଶୂନ୍ୟ, ଶୃଙ୍ଖଳିତ ଏବଂ ସୁପରିଚାଳନା ଭାବେ ସମ୍ପନ୍ନ କରିବା ନିମନ୍ତେ ଶନିବାର ପୂର୍ବାହ୍ନରେ ପୁରୀସ୍ଥିତ ଟାଉନ୍ ହଲ୍ ପରିସରରେ ଡିଜିପି ଯୋଗେଶ ବାହାଦୁର ଖୁରାନିଆଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା।

ଏହି ରଥଯାତ୍ରାକୁ ଶୃଙ୍ଖଳିତ ଭାବେ ସମ୍ପନ୍ନ କରିବାକୁ ପୋଲିସ୍ ପ୍ରଶାସନ ସମ୍ପୂର୍ଣ୍ଣ ଭାବେ ସଜାଗ ରହିଛି ବୋଲି ଆରକ୍ଷୀ ମହାନିର୍ଦ୍ଦେଶକ ଶ୍ରୀ ଖୁରାନିଆ ମତବ୍ୟକ୍ତ କରିଛନ୍ତି ।

ଚଳିତ ବର୍ଷ ଲକ୍ଷାଧିକ ଭକ୍ତ ପୁରୀକୁ ଆସିବାର ସମ୍ଭାବନା ରହିଛି । ଏହାକୁ ଦୃଷ୍ଟିରେ ରଖି ସହରର ବିଭିନ୍ନ ୮ଟି ସ୍ଥାନରେ ନୂତନ ପାର୍କିଂସ୍ଥଳ ପ୍ରସ୍ତୁତ କରାଯାଇଛି। ଭକ୍ତଙ୍କୁ ଉପଯୁକ୍ତ ସେବା ଓ ସୁରକ୍ଷା ଉପରେ ପ୍ରାଧାନ୍ୟ ଦିଆଯିବ ବୋଲି ଡିଜିପି ଶ୍ରୀ ଖୁରାନିଆ ଗୁରୁତ୍ୱାରୋପ କରିଛନ୍ତି । ଏହାସହ ଭକ୍ତଙ୍କ ପ୍ରତି ସହନଶୀଳ ମନୋଭାବ ପ୍ରଦର୍ଶନ କରିବା ଉପରେ ଡିଜିପି ଗୁରୁତ୍ୱାରୋପ କରିଥିଲେ। ଶୃଙ୍ଖଳିତ *(ପୃଷ୍ଠା ୭ରେ)*

ଭିଏତନାମରେ ସ୍ପିଡ୍ ବୋଟ ଟ୍ରାଜେଡି : ୧୫ ଭାରତୀୟ ମୃତ

ଭିଏତନାମ, ୧୧।୭

ଭିଏତନାମରେ ବଡ଼ ଅଘଟଣ। ୩୨ ଜଣ ଭାରତୀୟ ପର୍ଯ୍ୟଟକ ଓ ୪ ଜଣ କ୍ରୁ ସଦସ୍ୟଙ୍କୁ ନେଇ ଯାଉଥିବା ଗୋଟିଏ ସ୍ପିଡ ବୋଟ ଫୁ କ୍ୱୋକ୍ ଦ୍ୱୀପରେ ବୁଡ଼ି ଯାଇଛି। ଏଥିରେ ୧୫ ଜଣ ଭାରତୀୟ ପର୍ଯ୍ୟଟକଙ୍କ ମୃତ୍ୟୁ ଘଟିଥିବା ବେଳେ ଅନେକ ନିଖୋଜ ହୋଇ ଯାଇଛନ୍ତି।

ଉଦ୍ଧାରକାରୀ ଟିମ ସମୁଦ୍ରରେ ନିଖୋଜ ଲୋକଙ୍କୁ ଖୋଜୁ ଥିବା ବେଳେ ଦୁର୍ଘଟଣାର ଯାଞ୍ଚ ମଧ୍ୟ ଆରମ୍ଭ ହୋଇଛି। ଭିଏତନାମରେ ଅବସ୍ଥାପିତ ଭାରତୀୟ ଦୂତାବାସ ଘଟଣା ଉପରେ ନଜର ରଖିଛି ଓ ସ୍ଥାନୀୟ କର୍ତ୍ତୃପକ୍ଷଙ୍କ ଯୋଗାଯୋଗରେ ରହିଥିବା କହିଛି।

ଦୂତାବାସ ପକ୍ଷରୁ ଏକ୍ସରେ କୁହାଯାଇଛି ଯେ "ଗୋଟିଏ ଦୁଃଖଦ ଘଟଣାକ୍ରମେ କିଛି ଘଣ୍ଟା ପୂର୍ବରୁ ଭିଏତନାମର ଫୁ କ୍ୱୋକ୍ ଦ୍ୱୀପ ନିକଟରେ ଅନେକ ଭାରତୀୟ ପର୍ଯ୍ୟଟକଙ୍କୁ ନେଇ ଯାଉଥିବା ସ୍ପିଡ *(ପୃଷ୍ଠା ୭ରେ)*

ପାଠ୍ୟ ପୁସ୍ତକରେ ତ୍ରୁଟି : କ୍ରାଇମବ୍ରାଞ୍ଚ ତଦନ୍ତ ପାଇଁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର, ୧୧।୭

ନ୍ୟୁଜ୍ ବ୍ୟୁରୋ

ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପାଠ୍ୟ ପୁସ୍ତକରେ ତ୍ରୁଟି ଘଟଣାକୁ ଗମ୍ଭୀରତାର ସହ ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶନିବାର ଏ ସମ୍ପର୍କରେ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛନ୍ତି। ସମଗ୍ର ପ୍ରକ୍ରିୟା ଉପରେ ଅପରାଧିକ ତଦନ୍ତ (କ୍ରିମିନାଲ ଇନଭେଷ୍ଟିଗେସନ୍) କରିବା ପାଇଁ ସେ ନିର୍ଦ୍ଦେଶ ଦେଇଛନ୍ତି। ଏହା ସହିତ ସ୍ୱତନ୍ତ୍ର ଭାବେ କ୍ରାଇମ ବ୍ରାଞ୍ଚ ଏସ୍‌ପିଙ୍କ ନିକଟରେ ଏଫଆଇଆର ଦାୟର କରିବାକୁ ଏସସିଇଆରଟି ନିର୍ଦ୍ଦେଶକଙ୍କୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

ସୂଚନାଯୋଗ୍ୟ ଯେ, ପୂର୍ବରୁ ପାଠ୍ୟ ପୁସ୍ତକ ତ୍ରୁଟିଜନିତ ବିଷୟର କାରଣ ଅନୁସନ୍ଧାନ କରିବା ପାଇଁ ମୁଖ୍ୟମନ୍ତ୍ରୀ ଉନ୍ନୟନ କମିଶନରଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କରିଥିଲେ। ଏହି କମିଟିର ରିପୋର୍ଟ ଅନୁଯାୟୀ ଏସସିଇଆରଟିର *(ପୃଷ୍ଠା ୭ରେ)*

ଯଦି ମୋତେ ହତ୍ୟା ଉଦ୍ୟମ ହୁଏ, ତେବେ ଇରାନକୁ ଉପଯୁକ୍ତ ଜବାବ ଦିଆଯିବ

ୱାଶିଂଟନ, ୧୧।୭

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇରାନକୁ କଡା ଚେତାବନୀ ଦେଇ କହିଛନ୍ତି ଯେ ଯଦି ତାଙ୍କୁ ହତ୍ୟା କରିବାକୁ ଉଦ୍ୟମ କରାଯାଏ ତେବେ ଆମେରିକା ଏହାର 'ବହୁତ ଦୃଢ' ଜବାବ ଦେବ। ଟ୍ରମ୍ପ ତାଙ୍କ ସୋସିଆଲ ମିଡିଆ ପ୍ଲାଟଫର୍ମ 'ଟ୍ରୁଥ୍ ସୋସିଆଲ' ରେ ପ୍ରକାଶିତ ଏକ ପୋଷ୍ଟରେ ଏହି ବିବୃତ୍ତି ଦେଇଛନ୍ତି।

ଋଷର ଆନ୍ତର୍ଜାତୀୟ ଟିଭି ନେଟୱାର୍କ ରିପୋର୍ଟ ଅନୁଯାୟୀ, ଟ୍ରମ୍ପ ଦାବି କରିଛନ୍ତି ଯେ ଯଦି ଇରାନ ତାଙ୍କୁ ହତ୍ୟା କରିବା କିମ୍ବା ହତ୍ୟା କରିବାକୁ ଚେଷ୍ଟା କରିବା ଭଳି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରେ ତେବେ ଆମେରିକା ସେନାକୁ ଆବଶ୍ୟକ ନିର୍ଦ୍ଦେଶ ଦିଆଯାଇଛି। ଏଭଳି ଯେକୌଣସି ପରିସ୍ଥିତିରେ ନିର୍ଣ୍ଣାୟକ ସାମରିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଆମେରିକା ପ୍ରସ୍ତୁତ ବୋଲି ସେ କହିଛନ୍ତି।

ଟ୍ରୁଥ୍ ସୋସିଆଲ୍‌ରେ ଟ୍ରମ୍ପ ଲେଖିଥିଲେ ଯେ, 'ଇରାନର ଇସଲାମିକ୍ ଗଣରାଜ୍ୟ ଉପରେ ୧୦୦୦ କ୍ଷେପଣାସ୍ତ୍ରକୁ ବନ୍ଦ କରିଦିଆଯାଇଛି ଏବଂ ତୁରନ୍ତ ଆହୁରି ହଜାର ହଜାର କ୍ଷେପଣାସ୍ତ୍ର ନିକ୍ଷେପ କରାଯାଇପାରେ, ଯଦି ଇରାନ ସରକାର ବର୍ତ୍ତମାନର ଆମେରିକା ରାଷ୍ଟ୍ରପତିଙ୍କ ସମେତ ବିଶ୍ୱର ଅନେକ ସ୍ଥାନରେ ଦିଆଯାଇଥିବା ଧମକକୁ କାର୍ଯ୍ୟକାରୀ କରନ୍ତି– ଅର୍ଥାତ୍, ମୁଁ!-ହତ୍ୟା କିମ୍ବା ହତ୍ୟା ଉଦ୍ୟମ କରାଯାଇଥିବା ସୂଚନା ମିଳିଛି।' *(ପୃଷ୍ଠା ୭ରେ)*

ଇସ୍ତଫା ଦେଲେ ଆଉ ଜଣେ ଓଡ଼ିଶା କ୍ୟାଡର୍ ଆଇପିଏସ୍

ଭୁବନେଶ୍ୱର, ୧୧।୭

ନ୍ୟୁଜ୍ ବ୍ୟୁରୋ

ଓଡ଼ିଶା କ୍ୟାଡରର ଆଉ ଜଣେ ଆଇପିଏସ୍ ଅଧିକାରୀ ଇସ୍ତଫା ଦେଇଛନ୍ତି। ୨୦୨୫ ବ୍ୟାଚର ଯୁବ ଆଇପିଏସ୍ ଅଫିସର ୩୩ ବର୍ଷୀୟ ଚୌଧୁରୀ ଅଭିଜିତ ରାମଦାସ ଚାକିରିରୁ ଇସ୍ତଫା ଦେଇଥିବା ଜଣାପଡ଼ିଛି।

ମହାରାଷ୍ଟ୍ର ବାରାମତୀ ଅଞ୍ଚଳର ଅଭିଜିତ ଗତ ବର୍ଷ ଆଇପିଏସ୍ ପାଇଥିଲେ । ତାଙ୍କୁ ଓଡ଼ିଶା କ୍ୟାଡର ମିଳିଥିଲା। ତେବେ ତାଙ୍କୁ ଏ ପର୍ଯ୍ୟନ୍ତ ଓଡ଼ିଶାରେ ନିଯୁକ୍ତି ମିଳିନଥିଲା। ବର୍ତ୍ତମାନ ସେ *(ପୃଷ୍ଠା ୭ରେ)*

ଏକାଳ ପଖାଳ



ଦଳଗୋଟା ଯାକ ଘାଣ୍ଟିଆଗୋଳିଆ
କେଜାଣି କଣ ହେବ
ରାତି ପାହିଲେ ଈଶ୍ୱର ଜାଣନ୍ତି
କିଏ ସେ କୁଆଡେ ଯିବ
କିଏ ନୋଟିସ୍ ଜବାବ ଦେବ
ସବୁ ଦୁର୍ଭାଗ୍ୟ ମାଡି ଆସିଲେଣି
ସୌଭାଗ୍ୟ କେଉଁଠି ଥିବ ?

ଶସ୍ତା ହେବ ଉଚ୍ଚ ରକ୍ତଚାପ, ମଧୁମେହ ଓ ହୃଦରୋଗ ଔଷଧ

ନୂଆଦିଲ୍ଲୀ, ୧୧।୭

ଜାତୀୟ ଔଷଧ ମୂଲ୍ୟ ନିର୍ଦ୍ଧାରଣ ପ୍ରାଧିକରଣ (ଏନପିପିଏ) ଡିପିସିଓ, ୨୦୧୩ ଅନୁଯାୟୀ ୩୯ଟି ନୂତନ ଔଷଧ ଫର୍ମୁଲେସନର ଖୁଚୁରା ମୂଲ୍ୟ ସ୍ଥିର କରିଛି। ଏଥିରେ ଉଚ୍ଚ ରକ୍ତଚାପ, ମଧୁମେହ, ଏଚଆଇଭି, ହୃଦରୋଗ ଏବଂ ଚକ୍ଷୁ ସଂକ୍ରମଣ ପାଇଁ ଔଷଧ ଅନ୍ତର୍ଭୁକ୍ତ।

ଜାତୀୟ ଔଷଧ ମୂଲ୍ୟ ନିର୍ଦ୍ଧାରଣ ପ୍ରାଧିକରଣ ଔଷଧ (ମୂଲ୍ୟ ନିୟନ୍ତ୍ରଣ) ଅର୍ଡର (ଡିପିସିଓ), ୨୦୧୩ ଅନୁଯାୟୀ ୩୯ଟି ନୂତନ ଔଷଧ ଫର୍ମୁଲେସନର ଖୁଚୁରା ମୂଲ୍ୟ ସ୍ଥିର କରିଛି।

ଏହି ଫର୍ମୁଲେସନଗୁଡ଼ିକ ରୋଗୀଙ୍କ ପାଇଁ ଅଧିକ ସୁଲଭ କରିବା ଲକ୍ଷ୍ୟରେ ଉଚ୍ଚ ରକ୍ତଚାପ, ମଧୁମେହ, ଏଚଆଇଭି, ହୃଦରୋଗ ଏବଂ ଚକ୍ଷୁ ସଂକ୍ରମଣର ଚିକିତ୍ସା ପାଇଁ ବ୍ୟବହୃତ ଔଷଧ ସମେତ ବିଭିନ୍ନ ପ୍ରକାରର ଔଷଧକୁ କଭର କରେ। ଏହି ବିଜ୍ଞପ୍ତି ଜୁଲାଇ ୮ରେ ଜାରି କରାଯାଇଥିଲା। ଏହା ଡିପିସିଓ, ୨୦୧୩ ଅନୁଯାୟୀ ନୂତନ ଔଷଧ ଫର୍ମୁଲେସନର ଖୁଚୁରା ମୂଲ୍ୟ ନିର୍ଦ୍ଧାରଣ ପ୍ରାଧିକରଣ, ମୂଲ୍ୟ ହ୍ରାସ ଆଦେଶ ନୁହେଁ। ଏନପିପିଏ ଏହା ମଧ୍ୟ ପୁନରାବୃତ୍ତି କରିଛି ଯେ ଖୁଚୁରା ବିକ୍ରେତା ଏବଂ ଡିଲରମାନଙ୍କୁ *(ପୃଷ୍ଠା ୭ରେ)*

ମହାନଦୀ ବିବାଦର ସାମଧାନ ପାଇଁ ଦୁଇ ରାଜ୍ୟ ସହମତି ଦେଇଛନ୍ତି

ଭୁବନେଶ୍ୱର, ୧୧।୭

ନ୍ୟୁଜ୍ ବ୍ୟୁରୋ

ଖୁବ ଶୀଘ୍ର ହୋଇପାରେ ମହାନଦୀ ଜଳ ବିବାଦ ମାମଲାର ସମାଧାନ। ମହାନଦୀ ବିବାଦର ସାମଧାନ ପାଇଁ ଦୁଇ ରାଜ୍ୟର ସହମତି ଦେଇଥିବା ଏଜି ପୀତାମ୍ବର ଆଚାର୍ଯ୍ୟ ସୂଚନା ଦେଇଛନ୍ତି। ସେହିପରି ମାମଲାର ସମାଧାନ ପାଇଁ ଓଡିଶା ସରକାର ଦେଇଥିବା ପ୍ରସ୍ତାବ ଉପରେ ଛତିଶଗଡ଼ ମୋହର ମାରିଛି। ଏନେଇ ଟ୍ରିବ୍ୟୁନାଲଙ୍କ ସମ୍ମୁଖରେ ଛତିଶଗଡ଼ ସରକାର ସ୍ପଷ୍ଟ କରିଛନ୍ତି। ସହମତି ଆଧାରରେ ଟ୍ରିବ୍ୟୁନାଲ ଛତିଶଗଡ଼ ଠାରୁ ଲିଖିତ ପ୍ରତିଶ୍ରୁତି ମାଗିଛନ୍ତି। ଲିଖିତ ପ୍ରତିଶ୍ରୁତି ଆଗାମୀ ଶୁଣାଣି ପୂର୍ବରୁ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଆଜିର ଶୁଣାଣି ୮ ବର୍ଷର ଶୁଣାଣି ମଧ୍ୟରେ ଗୁରୁତ୍ୱପୂର୍ଣ୍ଣ ଥିଲା। ମାମଲାର ପରବର୍ତ୍ତୀ ଶୁଣାଣି ଲାଗି ଆସନ୍ତା ୨୩ ତାରିଖ ଦିନ ଧାର୍ଯ୍ୟ କରାଯାଇଛି ବୋଲି ସୂଚନା ଦେଇଛନ୍ତି ଏଜି ଶ୍ରୀ ଆଚାର୍ଯ୍ୟ।

ରଘୁନାଥପୁରରେ ୧୬୨ ଅଭିଯୋଗ ପଞ୍ଜିକୃତ

ଜଗତସିଂହପୁର , ନ୍ୟୁଜ୍ ବ୍ୟୁରୋ

ଜଗତସିଂହପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମଜନ ଅଭିଯୋଗ ଶୁଣାଣି ଶିବିର ରଘୁନାଥପୁର ବ୍ଲକ୍ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଅଛି। ଏହି ଅଭିଯୋଗ ଶିବିର ରେ ଉପସ୍ଥିତ ରହି ଜିଲ୍ଲାପାଳ ଜେ ସୋନାଲ ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗ ର ଶୁଣାଣି କରିଥିଲେ। ମୋଟ ୧୬୨ ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୧୪୮ ଗୋଟି, ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ /ଗ୍ରାମ୍ୟ ସମସ୍ୟା ସମ୍ପର୍କୀୟ ୧୪ ଟି। ବ୍ୟକ୍ତିଗତ ଅଭିଯୋଗ ମଧ୍ୟରୁ ରାସନ୍ କାର୍ଡ ସମସ୍ୟା ସମ୍ପର୍କୀୟ ୮ ଟି, ଆବାସ ପାଇଁ ୬୭ ଟି, ଜମିଜମା ସମସ୍ୟା ସମ୍ପର୍କୀୟ ୧୬ ଟି, ଭତ୍ତା ପାଇବା ପାଇଁ ୧୫ ଟି, ପୋଲିସ ସହାୟତା ପାଇଁ ୩ ଟି ଏବଂ ଅନ୍ୟାନ୍ୟ ୩୧ ଟି ଅଭିଯୋଗର ଶୁଣାଣି କରାଯାଇଥିଲା। ୮ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା। ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ରେ ଆରକ୍ଷୀ ଅଧିକ୍ଷକ ଅଙ୍କିତ କୁମାର ବର୍ମା, ଅତିରିକ୍ତ ଜିଲ୍ଲାପାଳ, ଜଗତସିଂହପୁର ଜ୍ୟୋତି ଶଙ୍କର ରାୟ, ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ଅକ୍ଷୟ ପିଲ୍ଲେ, ଉପ ଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ରଘୁନାଥପୁର, ବିରଞ୍ଚି ନାରାୟଣ ବେହେରା, ତହସିଲଦାର, ରଘୁନାଥପୁର, ରାଜଲକ୍ଷ୍ମୀ ନାୟକ, ଜିଲ୍ଲା ସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ, ବ୍ଲକ ସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ।

ପାଣିକୋଇଲିରେ ୬୩ ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ

ବ୍ୟାସନଗର, ନ୍ୟୁଜ୍ ବ୍ୟୁରୋ

ଶୁକ୍ରବାର ଯାଜପୁର ଜିଲ୍ଲାର କୋରେଇ ନିର୍ବାଚନ ମଣ୍ଡଳୀର ମାନ୍ୟବର ବିଧାୟକ ତଥା ଯାଜପୁର ଜିଲ୍ଲା ଯୋଜନା ବୋର୍ଡ ଅଧକ୍ଷ ଆକାଶ ଦାସନାୟକଙ୍କ କରକମଳରେ ପାଣିକୋଇଲି ଗ୍ରାମପଞ୍ଚାୟତରେ ୮ କୋଟି ଟଙ୍କା ବ୍ୟୟରେ ୬୩ ଗୋଟି ପ୍ରକଳ୍ପର ଶୁଭ ଭିତିପ୍ରସ୍ତର ସ୍ଥାପନ ଓ ଶୁଭ ଉଦ୍‌ଘାଟନ କରାଯାଇଛି। ଦିବା ୧୨ ଘଟିକା ସମୟରେ ମାନ୍ୟବର ବିଧାୟକ ଚାନ୍ଦପୁର ଛକ ଠାରୁ ଏକ ବିଶାଳ ମଟର ସାଇକେଲ ପଟୁଆରରେ ଯାଇ ପାଣିକୋଇଲି ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ଠାରେ ପହଞ୍ଚି ସମସ୍ତ ୬୩ ଗୋଟି ପ୍ରକଳ୍ପର ଶୁଭ ଭିତିପ୍ରସ୍ତର ସ୍ଥାପନ ଓ ଶୁଭ ଉଦ୍‌ଘାଟନ କରିଥିଲେ। ଏହି ପ୍ରକଳ୍ପ ଗୁଡିକ ହେବା ଦ୍ୱାରା କୋରେଇ ନିର୍ବାଚନ ମଣ୍ଡଳୀର ବିକାଶରେ ଏକ ନୂତନ ଫର୍ଦ୍ଦ ଯୋଡି ହେବା ସହ ପାଣିକୋଇଲି ଗ୍ରାମପଞ୍ଚାୟତର ଗମନାଗମନ, ସ୍ୱାସ୍ଥ୍ୟ, ଶିକ୍ଷା, ପାନୀୟଜଳ କ୍ଷେତ୍ରରେ ଉନ୍ନତି ହୋଇପାରିବ। ଦିନକୁ ଦିନ କୋରେଇ ବିକାଶରେ ଅଗ୍ରଗତି ହେଉଛି। ଏହି କାର୍ଯ୍ୟକ୍ରମରେ ବିଧାୟକ ଦାସନାୟକ କହିଥିଲେ - ଆଗାମୀ ଦିନରେ କୋରେଇର ଗମନାଗମନ, ସ୍ୱାସ୍ଥ୍ୟସେବା, କୃଷିର ଉନ୍ନତି, ଶିକ୍ଷାର ଉନ୍ନତି ନିମନ୍ତେ ଅନେକ ପ୍ରକଳ୍ପର ଶୁଭ ଭିତିପ୍ରସ୍ତର ଖୁବ୍ ଶୀଘ୍ର ସ୍ଥାପନ କରାଯିବ। ଏହି କାର୍ଯ୍ୟକ୍ରମରେ ପାଣିକୋଇଲି ଭାରତୀୟ ଜନତା ପାର୍ଟି ସଭାପତି ବିନୋଦ ଜେନା, ପାଣିକୋଇଲି ସରପଞ୍ଚ ପଦ୍ମାବତୀ ପଣ୍ଡା, ପଦ୍ମଲୋଚନ ମଲ୍ଲିକ, ଏସ୍ .କେ. ଜହର ଅଲ୍ଲୀ, ଜିଲ୍ଲା ମହିଳା ସଭାପତି ଦିପ୍ତିମୟୀ କୁଅଁର, ଜୟନ୍ତୀ ସାହୁ, ରୁନୁ ଭୂୟାଁ, ମିନତୀ ପଣ୍ଡା, ବ୍ରାହ୍ମଣୀଦେବୀ ମଣ୍ଡଳ ସଭାପତି ରାକେଶ ଜେନା, ସାଂସଦ ପ୍ରତିନିଧି ପ୍ରମୋଦ ସାହୁ, ବିଧାୟକ ପ୍ରତିନିଧି ଧନେଶ୍ୱର ବାରିକ, ପ୍ରୀତିରଞ୍ଜନ ସାହୁ, ଗୌରପୁର ସରପଞ୍ଚ ସତ୍ୟାନନ୍ଦ ମହାପାତ୍ର, ମୂଳାପାଳ ସରପଞ୍ଚ ଜୟନ୍ତ ନାୟକ, ବନ୍ଦାର ସରପଞ୍ଚ ବିଷ୍ଣୁ ରଥ, ଗୋଳେଇପୁର ସରପଞ୍ଚ ସସ୍ମିତା ମାଝୀ, ବିକାଶ ଜେନା, ନିରଞ୍ଜନ ନାୟକ, ସୂର୍ଯ୍ୟମଣୀ ପଣ୍ଡା, ଶଶିକାନ୍ତ ମଲ୍ଲିକ, ଅଜୟ ସାହୁ, ପ୍ରଶାନ୍ତ ନାଥ, ଆଲୋକ ପରିଡା, ଖରସ୍ରୋତା ମଣ୍ଡଳ ମହିଳା ମୋର୍ଚ୍ଚା ସଭାପତି ମୌସୁମୀ ପରିଡା, ଦେବେନ୍ଦ୍ର ସ୍ୱାଇଁ, କଳ୍ପତରୁ ମହାପାତ୍ର, ଜଗଦୀଶ୍ୱର ମଲ୍ଲିକ, ବିନାୟକ ସାହୁ, ମୋନାଲିସା, ଶିତେଶ ପରିଡା, ଦେବାଶିଷ ପରିଡା, ବୀଣାପାଣି ଜେନା, ଅଜିତ ରାଉତ, ସୁବାସ ପଣ୍ଡା, କାର୍ତିକ ସାହୁ, ଅକ୍ଷୟ ନାୟକ, ଗୋପାଳ ସେଠୀ, ଲକ୍ଷ୍ମୀଧର କରଣ, ଅଶୋକ ବାରିକ, ମନୋଜ ଦାସ, ଖରସ୍ରୋତା ମଣ୍ଡଳ ସାଧାରଣ ସମ୍ପାଦକ ଅଜୟ ସାହୁ, ଗୋକୁଳାନନ୍ଦ ସାହୁ, ପ୍ରମେଶ ମହାକୁଡ, ମନୋଜ ପାଢୀ, ଉପେନ୍ଦ୍ର ପାତ୍ର, ସଂଜୀବ ନାୟକ, ବିଦ୍ୟାଧର ବେହେରା, ଅଶୋକ ନାୟକ, ଉଦୟ ପରିଡା, ହିମାଂଶୁ ପାଢୀ, ରାଜେନ୍ଦ୍ର ଗାହଣ, ଖରସ୍ରୋତା ମଣ୍ଡଳ ଯୁବ ସଭାପତି ଆଲୋକ ଦାସ, ନିରଞ୍ଜନ ସାମଲ, ବୀରକିଶୋର ଦାସ, ସୁବ୍ରତ ସ୍ୱାଇଁ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

ରାଏପାଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରଥମ ଏମ୍‌ସିଏମ୍ ବୈଠକ

ସୁବର୍ଣ୍ଣପୁର , ନ୍ୟୁଜ୍ ବ୍ୟୁରୋ

ସୋନପୁର ବ୍ଲକ ମୟୂରଉଡାଣ ଆଞ୍ଚଳିକ ସାଧନ କେନ୍ଦ୍ରର ପ୍ରଥମ ଏମ୍ ସି ଏମ୍ ବୈଠକ ସଦର ସୋନପୁର ବ୍ଲକ ଅନ୍ତର୍ଗତ ରାଏପାଲି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଥିଲା। ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଉମାକାନ୍ତ ମିଶ୍ର ଉକ୍ତ ବୈଠକର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ଖଲିଆପାଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଲୋକନାଥ ଦାଶ ବିଦ୍ୟାଳୟ ଶୈକ୍ଷିକ କ୍ୟାଲେଣ୍ଡର,ସମୟ ନିର୍ଘଣ୍ଟ , ବିଦ୍ୟାଳୟ ପରିଚାଳନା କମିଟି ଗଠନ ଓ ଶିକ୍ଷଣ ଫଳାଫଳ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ମୟୂରଉଡାଣ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରାଧାମାଧବ ମହାନ୍ତି ବିଦ୍ୟାଳୟ ସ୍ତରୀୟ ବିଭିନ୍ନ ଆକଳନ ଓ ଶିକ୍ଷଣ ସୋପାନ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ଶିକ୍ଷଣ ସୋପାନ ଉପରେ ରାଇପାଲି ଉଚ୍ଚପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଚନ୍ଦନ ବାରିକ ଆଲୋଚନା କରିଥିଲେ ପରିଶେଷରେ ଖଇରଟିକ୍ରା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଆଦିତ୍ୟ କିଶୋର ଦାନୀ ଧନ୍ୟବାଦ ଅର୍ପଣ କରିଥିଲେ।

ଜିଲ୍ଲାସ୍ତରୀୟ ବିକାଶର ଧାରା ଓଡ଼ିଶା ସାରା ଉଦ୍‌ଯାପିତ

ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ

ସ୍ଥାନୀୟ ଟାଉନ ହଲ୍‌ଠାରେ ଅନୁଷ୍ଠିତ ହୋଇଥିବା ଜିଲ୍ଲାସ୍ତରୀୟ ବିକାଶ ଧାରା ଓଡିଶା ସାରା ଉଦଯାପିତ ହୋଇଯାଇଛି । ଜାତି ଜନଜାତି ସମ୍ବାଦ ଦିବସ, ବିକାଶ କର୍ମଶାଳା ଏବଂ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଜିଲ୍ଲାପାଳ ବିଭୁତି ଭୂଷଣ ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ସମ୍ମାନିତ ଅତିଥି ଭାବେ କନ୍ଧମାଳ ସାଂସଦଙ୍କ ଜିଲ୍ଲା ପ୍ରତିନିଧି ଯୁଗଳ କିଶୋର ସାମଲ, ଜିଲ୍ଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଡମ୍ବରୁଧର କହଁର , ଉପାଧ୍ୟକ୍ଷା ଝରଣା ଜାନୀ ଏବଂ ଜିଲ୍ଲା ମଙ୍ଗଳ ଅଧିକାରୀ ସୂର୍ଯ୍ୟନାରାୟଣ ବେହେରା ପ୍ରମୁଖ ମଞ୍ଚାସୀନ ଥିଲେ । ସ୍ୱାଗତ ଅଭିଭାଷଣରେ ଜିଲ୍ଲା କଲ୍ୟାଣ ଅଧିକାରୀ ଅନୁସୂଚିତ ଜାତି, ଜନଜାତି ଲୋକଙ୍କ ବିକାଶ ପାଇଁ ସରକାରଙ୍କ ବିଭିନ୍ନ ପଦକ୍ଷେପ, ଛାତ୍ରଛାତ୍ରୀ ବୃତ୍ତି, ଅନ୍ୟାନ୍ୟ ସ୍କଲାରସିପ୍ ସୁବିଧା, ହୋଷ୍ଟେଲ ପରିଚାଳନା କରିବା, ଜାତିଗତ ପ୍ରମାଣପତ୍ର ପ୍ରଦାନ ଓ ସରକାରୀ ଯୋଜନାଗୁଡ଼ିକର ସଠିକ କାର୍ଯ୍ୟାନ୍ୱୟନ କରିବା, ଅନ୍ତର୍ଜାତୀୟ ବିବାହ ଏବଂ ଅତ୍ୟାଚାର ପୀଡ଼ିତଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିବା ଆଦି ବିଷୟରେ ସଚେତନ କରାଇଥିଲେ । ସାଂସଦଙ୍କ ପ୍ରତିନିଧି ଶ୍ରୀ ସାମଲ ବିଗତ ଦୁଇବର୍ଷରେ ସରକାରଙ୍କ ଦ୍ୱାରା ସାମୁହିକ ଭାବରେ ଜିଲ୍ଲାର ଉନ୍ନତି ପାଇଁ ଗ୍ରହଣ କରାଯାଇଥିବା ବିଭିନ୍ନ ପ୍ରକଳ୍ପ ସମ୍ବନ୍ଧରେ ସୂଚନା ଦେଇଥିଲେ। ଶ୍ରୀ କହଁର ସରକାରଙ୍କ ଦ୍ୱାରା ଅନୁସୂଚିତ ଜାତି , ଜନଜାତି ଏବଂ ପଛୁଆ ବର୍ଗ ମାନଙ୍କ କଲ୍ୟାଣ ନିମିତ୍ତ ଗ୍ରହଣ କରାଯାଇଥିବା ବିଭିନ୍ନ ଯୋଜନା ସମ୍ବନ୍ଧରେ ଅବଗତ କରାଇଥିଲେ । ଜିଲ୍ଲାପାଳ ନିଜ ଅଭିଭାଷଣରେ ଜିଲ୍ଲା ବିଭିନ୍ନ କ୍ଷେତ୍ରରେ ଦ୍ରୁତ ପ୍ରଗତି କରୁଥିବାର ସୂଚନା ଦେଇଥିଲେ । ଏହି ଅବସରରେ ଜିଲ୍ଲାର ବିଭିନ୍ନ ବିଭାଗ ଦ୍ୱାରା ବିଗତ ଦୁଇ ବର୍ଷରେ କରାଯାଇଥିବା ବିକାଶମୂଳକ କାର୍ଯ୍ୟକ୍ରମ ଏବଂ "ଭିଜନ-୨୦୩୬" ଉପରେ ଏକ ଆଲୋଚନାଚକ୍ର ଆୟୋଜିତ ହୋଇଥିଲା । ଅଧିକ୍ଷଣ ଯନ୍ତ୍ରି ପୂର୍ତ୍ତ ବିଭାଗ, ଗ୍ରାମ୍ୟ ଉନ୍ନୟନ ବିଭାଗ, ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ, ଏସିଏଫ ଜଙ୍ଗଲ ବିଭାଗ, ଉପନିର୍ଦ୍ଦେଶକ ବୟନଶିଳ୍ପ ପ୍ରମୁଖ ନିଜ ନିଜ ବିଭାଗର ସଫଳତା ଓ ଭବିଷ୍ୟତ କର୍ମପନ୍ଥା ସମ୍ବନ୍ଧରେ ବିସ୍ତୃତ ତଥ୍ୟ ଉପସ୍ଥାପନ କରିଥିଲେ । ବିଭିନ୍ନ ଗ୍ରାମବାସୀଙ୍କୁ ଜଙ୍ଗଲ ଜମି ଅଧିକାର ପଟ୍ଟା ବଣ୍ଟନ କରାଯାଇଥିଲା । ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିଦ୍ୟାପତି ପଣ୍ଡା ଓ ଶିକ୍ଷକ ପ୍ରମୋଦ କୁମାର ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରଣାମ ନୃତ୍ୟାନୁଷ୍ଠାନ, ସୃଷ୍ଟି ଡେନ୍ସ ଗ୍ରୁପ୍, ମେଣ୍ଡିମାଳ ଆଶ୍ରମ ସ୍କୁଲ, ସରକାରୀ ବାଳିକା ହାଇସ୍କୁଲ ବଡବନ୍ଧ, ହରେକୃଷ୍ଣପୁର ହାଇସ୍କୁଲର ଛାତ୍ରଛାତ୍ରୀମାନେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ଏହି ଅବସରରେ ଶିକ୍ଷା ବିଭାଗ ତରଫରୁ ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟ, ପି ଏମ ଶ୍ରୀ ବାଳିକା ଉଚ୍ଚବିଦ୍ୟାଳୟ ଓ ଜିଲ୍ଲାର ବିଭିନ୍ନ ଶିକ୍ଷାନୁଷ୍ଠାନରେ ସ୍ୱଛତା ଅଭିଯାନ ହୋଇଥିଲା ।

ଆଦର୍ଶ ବିଦ୍ୟାଳୟରେ ବୃକ୍ଷରୋପଣ କାର୍ଯ୍ୟକ୍ରମ

ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ

ବନ ମହୋତ୍ସବ ଅବସରରେ ବୌଦ୍ଧ ସଦର ବ୍ଲକ ତେତେଲେଙ୍ଗାସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପରିସରରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପରିବେଶ ସୁରକ୍ଷା ଓ ସବୁଜ ପରିବେଶ ଗଠନର ବାର୍ତ୍ତା ଦେବା ଉଦ୍ଦେଶ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବୌଦ୍ଧ ବନଖଣ୍ଡ ଅଧିକାରୀ ରାଜେନ୍ଦ୍ର ଗୋଛାୟତ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବୃକ୍ଷରୋପଣ କରିବା ସହ ପରିବେଶ ସଂରକ୍ଷଣର ଗୁରୁତ୍ୱ ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ଅବଗତ କରାଇଥିଲେ।ଏହି ଅବସରରେ ବିଦ୍ୟାଳୟ ପରିସରରେ ପିଜୁଳି, ଡାଳିମ୍ବ, ପଣସ, ଦେବଦାରୁ, ଅଁଳା, ତେନ୍ତୁଳି ଆଦି ବିଭିନ୍ନ ପ୍ରଜାତିର ଫଳ ଓ ଛାୟାଦାୟୀ ବୃକ୍ଷ ଚାରାରୋପଣ କରାଯାଇଥିଲା। କେବଳ ଚାରା ଲଗାଇବା ନୁହେଁ, ବରଂ ସେଗୁଡ଼ିକର ନିୟମିତ ଯତ୍ନ ନେବା ଓ ସୁରକ୍ଷା କରିବା ପାଇଁ ମଧ୍ୟ ଛାତ୍ରଛାତ୍ରୀଙ୍କୁ ଶପଥ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରାଜ କିଶୋର ପୃଷ୍ଟିଙ୍କ ସମେତ ସମସ୍ତ ଶିକ୍ଷକ-ଶିକ୍ଷୟିତ୍ରୀ, କର୍ମଚାରୀ ଓ ଛାତ୍ରଛାତ୍ରୀ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ। ସମସ୍ତଙ୍କ ମିଳିତ ପ୍ରୟାସରେ ବିଦ୍ୟାଳୟ ପରିସରକୁ ଅଧିକ ସବୁଜ ଓ ପରିବେଶ ଅନୁକୂଳ କରିବା ଦିଗରେ ଏହି ପଦକ୍ଷେପ ପ୍ରଶଂସନୀୟ ବୋଲି ମତ ପ୍ରକାଶ ପାଇଥିଲା।

ଶିକ୍ଷଣ କାର୍ଯ୍ୟକ୍ରମକୁ ସରସ ସୁନ୍ଦର କରିବା ଉପରେ ଗୁରୁତ୍ୱ

ରମ୍ଭା, ନ୍ୟୁଜ୍ ବ୍ୟୁରୋ

ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ, ଗଞ୍ଜାମ ପକ୍ଷରୁ ପ୍ରଥମ ମାସିକ କ୍ଲଷ୍ଟର ସ୍ତରୀୟ ଅଭିମୁଖୀକରଣ ବୈଠକ ପ୍ରତିଷ୍ଠାନର ସମ୍ମିଳନୀ କକ୍ଷରେ ଆନୁଷ୍ଠାନିକ ରୀତିରେ ଅନୁଷ୍ଠିତ ହୋଇଯାଇଛି । ସର୍ବ ପ୍ରଥମେ ଜଗତର ନାଥ ଶ୍ରୀଜଗନ୍ନାଥଙ୍କ ନିକଟରେ ସମୂହ ପ୍ରଦୀପ ପ୍ରଜ୍ଜ୍ୱଳନ କରାଯାଇଥିଲା। ପ୍ରତିଷ୍ଠାନର ଅଧକ୍ଷ ତଥା ବିଶିଷ୍ଟ ଶିକ୍ଷାବିତ୍ ଡକ୍ଟର ସନ୍ତୋଷ କୁମାର ପରିଡା ଉପସ୍ଥିତ ହୋଇ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ ।

ବୃକ୍ଷ ରୋପଣ କରି ପରିବେଶ ସୁରକ୍ଷା କରାଯାଉ

ଖପ୍ରାଖୋଲ, ନ୍ୟୁଜ୍ ବ୍ୟୁରୋ

ବଲାଙ୍ଗୀର ଜିଲ୍ଲା ଖପ୍ରାଖୋଲ ବ୍ଲକ୍ ଭାନପୁର ପଞ୍ଚାୟତ ତୁର୍ଲା ଆଶ୍ରମ ବିଦ୍ୟାଳୟ ପରିସରରେ ବନ ମହୋତ୍ସବ ଓ ସଚେତନତା ସଭା ପ୍ରଧାନ ଶିକ୍ଷକ ଭୂପିନ୍ଦ୍ର ବନଗୁଲାଙ୍କ ଅଧକ୍ଷତାରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟ ଅତିଥି ରୁପେ ପରିବେଶ କର୍ମୀ ଜ୍ୟୋତି ରଞ୍ଜନ ପଣ୍ଡା, ସମ୍ମାନୀତ ଅତିଥି ରୂପେ ହରିଶଙ୍କର ବନପାଳ ରଞ୍ଜିତ କୁମ୍ଭାର, ବିଜୟା ପଣ୍ଡା, ସହକାରୀ ଶିକ୍ଷକ ଦୟା ସାଗର ମର୍ହି, ଲଛମନ କାଲସାଏ, ଅଙ୍ଗନୱାଡ଼ି ରିତା ବରିହା ଯୋଗଦେଇଥିଲେ।

ନୂତନ ଭୋଟରମାନଙ୍କ ପାଇଁ ସଚେତନତା କାର୍ଯ୍ୟକ୍ରମ

କେନ୍ଦ୍ରାପଡା, ନ୍ୟୁଜ୍ ବ୍ୟୁରୋ

କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ନୂତନ ଭୋଟରମାନଙ୍କ ପାଇଁ ଏକ ସଚେତନତା କାର୍ଯ୍ୟକ୍ରମ ଉପଜିଲ୍ଲାପାଳ ଅରୁଣ କୁମାର ନାୟକଙ୍କ ତତ୍ୱବଧାନରେ ଅନୁଷ୍ଠିତ ହୋଇଯାଇଛି। ଯେଉଁ ମାନଙ୍କର ବୟସ ୧୮ ବର୍ଷ ହୋଇଥିବ ସେମାନଙ୍କୁ ଫର୍ମ -୬ ମାଧମରେ ନୂତନ ଭୋଟର ଭାବରେ ତାଲିକାରେ ଯୋଗ କରିବା ପାଇଁ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଛାତ୍ର ଛାତ୍ରୀ ମାନଙ୍କୁ ଫର୍ମ -୬ ବଣ୍ଟନ କରାଯାଇଥିଲା। ଏହି ସଚେତନତା କାର୍ଯ୍ୟକ୍ରମରେ ଉପସ୍ଥିତ ଥିବା ଶତାଧିକ ଛାତ୍ର/ଛାତ୍ରୀ ମାନଙ୍କୁ ଯେଉଁମାନଙ୍କର ବୟସ ଜୁଲାଇ ସୁଦ୍ଧା ୧୮ ବର୍ଷ ପୂରଣ ହେଉଛି ସେମାନେ ଭୋଟ୍ ଦେଇ ନିଜର ଅଧିକାର ସାବ୍ୟସ୍ତ କରିବା ପାଇଁ ଆବେଦନ କରି ନିଜର ନାମକୁ ସଂଯୋଗ କରିବା ପାଇଁ ଉପଜିଲ୍ଲାପାଳ ସଚେତନ କରିଥିଲେ। ଆୟୋଜିତ ଏହି କାର୍ଯ୍ୟକ୍ରମରେ କେନ୍ଦ୍ରାପଡା କଲେଜ୍ ଅଧକ୍ଷଙ୍କ ସମେତ ଡେପୁଟି କଲେକ୍ଟର ସୁନିତା ମହାପାତ୍ର, ଶାନ୍ତିଲତା ବୁଢିଆଳ ପ୍ରମୁଖ ଉପସ୍ଥିତ ଥିଲେ।

ବାଧ୍ୟତାମୂଳକ ଶିକ୍ଷାକୁ ନେଇ ଆଇନ୍ ସଚେତନତା ଉପରେ ଗୁରୁତ୍ୱ

କେନ୍ଦ୍ରାପଡା , ନ୍ୟୁଜ୍ ବ୍ୟୁରୋ

କେନ୍ଦ୍ରାପଡା ଜିଲ୍ଲା ଆଇନ୍‌ସେବା ପ୍ରାଧୀକରଣ ଆନୁକୁଲ୍ୟରେ ବାଧ୍ୟତାମୂଳକ ଶିକ୍ଷା ସମ୍ପର୍କରେ ଏକ ଆଇନ୍ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ରାପଡା ପୌରାଞ୍ଚଳ ଅନ୍ତର୍ଗତ ଗୋପସ୍ଥିତ କେମ୍ବ୍ରିଜ୍ ସ୍କୁଲରେ ବାଧ୍ୟତାମୂଳକ ଶିକ୍ଷା ଓ କିଶୋର ଆଇନ୍ ସମ୍ପର୍କରେ ଏକ ସଚେତନତା କାର୍ଯ୍ୟକ୍ରମ ଜିଲ୍ଲା ଆଇନ୍‌ସେବା ପ୍ରାଧୀକରଣ ସଚିବ ସନ୍ତୋଷ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଇନିସ୍ପେକ୍ଟର ନିଲମ୍ ସୋରେନ୍, ଡିଏସ୍‌ପି ବବିତା ଦଳାଇ, ସ୍କୁଲର ଅଧକ୍ଷ ସୟଦ୍ ରଫି, ଅହେମଦ ରଜା, ପ୍ରିନ୍ସପାଲ୍ ସଚ୍ଚିଦାନନ୍ଦ କର ପ୍ରମୁଖ ଉପସ୍ଥିତ ରହି ପିଲାମାନଙ୍କୁ ଶିକ୍ଷା ନିହାତି ଜରୁରୀ ତାହା ସହିତ ପିଲାମାନେ ଶିକ୍ଷିତ ହେଲେ ସମାଜକୁ ସୁସ୍ଥ କରି ଗଢି ତୋଳିବାରେ ସହାୟକ ହେବେ। କିଶୋର କିଶୋରୀ ଅବସ୍ଥାରେ ନିଜକୁ କିପରି ସତ୍ କର୍ମରେ ଲଗାଇ ଅପରାଧମୁକ୍ତ ହେବେ ସେ ସମ୍ପର୍କରେ ଆଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମରେ ସ୍କୁଲର ସମସ୍ତ ଛାତ୍ର ଛାତ୍ରୀ ଉପସ୍ଥିତ ଥିଲେ।

ଆଇନ୍‌ସେବା ପ୍ରାଧୀକରଣ ପକ୍ଷରୁ ବୃକ୍ଷରୋପଣ

କେନ୍ଦ୍ରାପଡା , ନ୍ୟୁଜ୍ ବ୍ୟୁରୋ

କେନ୍ଦ୍ରାପଡା ଜିଲ୍ଲା ଆଇନ୍‌ସେବା ପ୍ରାଧୀକରଣ ଆନୁକୁଲ୍ୟରେ ଗୋପଠାରେ ବନ ମହୋତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଆଇନ୍‌ସେବା ପ୍ରାଧୀକରଣ ସଚିବ ସନ୍ତୋଷ କୁମାର ମହାପାତ୍ରଙ୍କ ତତ୍ୱାବଧାନରେ ଗୋପସ୍ଥିତ କେମ୍ବ୍ରିଜ୍ ସ୍କୁଲ୍ ପରିସରରେ ବୃକ୍ଷରୋପଣ କରାଯାଇଛି। କାର୍ଯ୍ୟକ୍ରମରେ ଜିଲ୍ଲା ବନ ଅଧିକାରୀ ନିଳିମା ପ୍ରିୟଦର୍ଶନୀ ନାୟକ, ସ୍କୁଲର ଅଧକ୍ଷ ସୟଦ୍ ରଫି ଅହେମଦ୍ ରଜା, ସ୍କୁଲର ପ୍ରିନ୍ସପାଲ୍ ସଚ୍ଚିଦାନନ୍ଦ କର ପ୍ରମୁଖ ଉପସ୍ଥିତ ହୋଇ ବନ ମହୋତ୍ସବ ଉପଲକ୍ଷେ ସ୍କୁଲ୍ ପରିସରରେ ବିଭିନ୍ନ ପ୍ରକାର ଔଷଧୀୟ ବୃକ୍ଷ ସହିତ ପିଜୁଳି, ଆମ୍ବ, ପଣସ ଓ ବିଭିନ୍ନ ପ୍ରକାର ଫୁଲ ଜାତୀୟ ବୃକ୍ଷ ରୋପଣ କରାଯାଇଥିଲା।

ବନ ମହୋତ୍ସବ ସପ୍ତାହ ପାଳିତ

ଝୁମ୍ପୁରା, ନ୍ୟୁଜ ବ୍ୟୁରୋ

ମଙ୍ଗଳବାର ଦିନ ଝୁମ୍ପୁରା ବ୍ଲକ୍‌ର ରସବନ୍ତଳା ସରକାରୀ ବିଦ୍ୟାଳୟରେ ବନ ମହୋତ୍ସବ ସପ୍ତାହ ପାଳିତ ହୋଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ କୁସ୍ମିତା ନାୟକ ଗଛ ହିଁ ଆମର ପ୍ରକୃତ ବନ୍ଧୁ ବିଷୟରେ ପିଲାମାନଙ୍କୁ ବୁଝେଇବା ସହିତ ମା ପାଇଁ ଗଛଟିଏ ଲଗେଇବା ପାଇଁ ସମସ୍ତଙ୍କୁ ନିବେଦନ କରିଥିଲେ। ଏହି ଅବସରରେ ଶିକ୍ଷକ ଓ ଶିକ୍ଷୟିତ୍ରୀମାନଙ୍କ ସହିତ ଛାତ୍ରଛାତ୍ରୀମାନେ ଅଁଳା, ଆକାଶିଆ, ଲିଚୁ, ଡାଳିମ୍ବ, ଓଉ, ଆମ୍ବ, ପିଜୁଳି, କାଞ୍ଚନ ଆଦି ୬୦ରୁ ଅଧିକ ଗଛ ଲଗାଇଥିଲେ । ଶେଷରେ ସମସ୍ତେ ଗଛ ବଞ୍ଚାଅ ଜୀବନ ବଞ୍ଚାଅ, ପରିବେଶ ସୁରକ୍ଷା ଜୀବନ ରକ୍ଷା ନାରା ଦେଇଥିଲେ ଏବଂ ପରିବେଶକୁ ରକ୍ଷା କରିବା ଉଦ୍ଦେଶ୍ୟରେ ଶପଥ ପାଠ କରିଥିଲେ। ମନୋରମା ବେହେରା, ରଶ୍ମିରେଖା ନାଏକ, ଜ୍ୟୋସ୍ନାରାଣୀ ନାଏକ, ମନୋହର ମହାନ୍ତ, ପବିତ୍ର କୁମାର ସାହୁ, ଦିପ୍ତୀ ସେଠୀ, ସୁରଜିତ୍ ମାଝୀ, ଅନୁପମା ମହାନ୍ତ ପ୍ରମୁଖ ସହଯୋଗ କରିଥିଲେ।

ବୌଦ୍ଧ ଜିଲ୍ଲାରେ ଚିଠା ଭୋଟର ତାଲିକା ପ୍ରକାଶିତ

ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ

ଭାରତ ନିର୍ବାଚନ ଆୟୋଗଙ୍କ ସ୍ୱତନ୍ତ୍ର ସଘନ ପୁନରୀକ୍ଷଣ (ଏସଆଇଆର)-୨୦୨୬ କାର୍ଯ୍ୟକ୍ରମ ଅନୁସାରେ ଆଜି ବୌଦ୍ଧ ଜିଲ୍ଲାର ଦୁଇଟି ବିଧାନସଭା ନିର୍ବାଚନମଣ୍ଡଳୀ - ୮୫-କନ୍ଧମାଳ ଓ ୮୬-ବୌଦ୍ଧ ପାଇଁ ଚିଠା ଭୋଟର ତାଲିକା ପ୍ରକାଶ କରାଯାଇଛି। ଏହି ତାଲିକା ସମସ୍ତ ଭୋଟ ଗ୍ରହଣ କେନ୍ଦ୍ର, ସମ୍ପୃକ୍ତ ବିଏଲଓ, ଇଆରଓ, ଏଇଆରଓଙ୍କ କାର୍ଯ୍ୟାଳୟ ଏବଂ ଜିଲ୍ଲା ନିର୍ବାଚନ ୱେବସାଇଟ୍‌ରେ ସର୍ବସାଧାରଣଙ୍କ ଅବଗତି ପାଇଁ ଉପଲବ୍ଧ କରାଯାଇଛି। ଚିଠା ଭୋଟର ତାଲିକା ଅନୁଯାୟୀ ବୌଦ୍ଧ ଜିଲ୍ଲାରେ ମୋଟ ୩,୨୩,୩୯୪ ଜଣ ଭୋଟର ଅନ୍ତର୍ଭୁକ୍ତ ଅଛି। ସେଥିମଧ୍ୟରୁ ୧,୬୬,୧୩୫ ଜଣ ପୁରୁଷ, ୧,୫୭,୨୪୮ ଜଣ ମହିଳା ଓ ୧୧ ଜଣ ତୃତୀୟ ଲିଙ୍ଗ ଭୋଟର ରହିଛି। ଜିଲ୍ଲାରେ ମୋଟ ୪୬୬ଟି ଭୋଟ ଗ୍ରହଣ କେନ୍ଦ୍ର ରହିଛି। ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ବିଭୁତି ଭୂଷଣ ନାୟକଙ୍କ ଦ୍ୱାରା ଆଜି ଜିଲ୍ଲାପାଳଙ୍କ ସଦ୍‌ଭାବନା ସଭାଗୃହରେ ଇ ଆର୍ ଓ ତଥା ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପଧାନ ଏବଂ ଉପ ଜିଲ୍ଲାପାଳ ବିନୟ କୁମାର ଭୋଇ ଉପସ୍ଥିତ ଥିବାବେଳେ ବିଜେଡି ଦଳ ତରଫରୁ ପୂର୍ବତନ ବିଧାୟକ ପ୍ରଦୀପ କୁମାର ଅମାତ, ବିଜେପି ପକ୍ଷରୁ ଜିଲ୍ଲା ସଭାପତି ପ୍ରେମାନନ୍ଦ ମିଶ୍ର ଓ କଂଗ୍ରେସ ପକ୍ଷରୁ ସୋମରେଶ ମିଶ୍ର ଉପସ୍ଥିତ ରହିଥିଲେ । ଏହାପରେ ସମସ୍ତଙ୍କ ସମ୍ମୁଖରେ ଚିଠା ଭୋଟର ତାଲିକା ପ୍ରକାଶିତ ହୋଇଥିଲା । ଏହି ଚିଠା ଭୋଟର ତାଲିକା ଉପରେ ୫ ଜୁଲାଇରୁ ୧ ସେପ୍ଟେମ୍ବର ୨୦୨୬ ପର୍ଯ୍ୟନ୍ତ ଦାବି ଓ ଆପତ୍ତି ଗ୍ରହଣ କରାଯିବ। ଯେଉଁ ଯୋଗ୍ୟ ନାଗରିକଙ୍କ ନାମ ତାଲିକାରେ ଅନ୍ତର୍ଭୁକ୍ତ ହୋଇନାହିଁ, କିମ୍ବା କୌଣସି ତ୍ରୁଟି ରହିଛି, ସେମାନେ ନିର୍ଦ୍ଧାରିତ ଫର୍ମରେ ସମ୍ପୃକ୍ତ ବୁଥ୍ ସ୍ତରୀୟ ଅଧିକାରୀ (ବିଏଲ୍‌ଓ), ନିର୍ବାଚନ ପିକରଣ ଅଧିକାରୀ (ଇଆରଓ) କିମ୍ବା ସହକାରୀ ନିର୍ବାଚନ ପୀକରଣ ଅଧିକାରୀ (ଏଇଆରଓ)ଙ୍କ ନିକଟରେ ଆବେଦନ କରିପାରିବେ।

ରକ୍ତହୀନତାମୁକ୍ତ ବିଶ୍ୱବିଦ୍ୟାଳୟ ପରିସର ଗଠନ ଦିଗରେ ପଦକ୍ଷେପ

ବାଲେଶ୍ୱର, ନ୍ୟୁଜ୍ ବ୍ୟୁରୋ

ଫକୀରମୋହନ ବିଶ୍ୱବିଦ୍ୟାଳୟର ୨୮ତମ ପ୍ରତିଷ୍ଠା ଦିବସ ପାଳନ ଅବସରରେ ଆୟୋଜିତ ସାପ୍ତାହିକ କାର୍ଯ୍ୟକ୍ରମ ମଧ୍ୟରେ, ବିଶ୍ୱବିଦ୍ୟାଳୟ ପ୍ରାକ୍ତନ ଛାତ୍ର ସଂସଦ ଏବଂ ବିଶ୍ୱବିଦ୍ୟାଳୟ ସ୍ୱାସ୍ଥ୍ୟକେନ୍ଦ୍ରର ମିଳିତ ଆନୁକୂଲ୍ୟରେ ବିଶ୍ୱବିଦ୍ୟାଳୟ ପରିସରର ଦୁଇଟି ସ୍ଥାନରେ ଏକ ରକ୍ତହୀନତା ଚିହ୍ନଟ ଶିବିର ଆୟୋଜିତ ହୋଇଥିଲା। ଏଥିରେ ପ୍ରାୟ ୯୯୦ ଜଣ ଛାତ୍ରଛାତ୍ରୀ, ଅଧ୍ୟାପକ-ଅଧ୍ୟାପିକାବୃନ୍ଦ, ଅଣଶିକ୍ଷକ କର୍ମଚାରୀ ଏବଂ ପରିସର ସ୍ଥିତ ଆବାସିକ ପରିବାରର ସଦସ୍ୟମାନେ ଅଂଶଗ୍ରହଣ କରିଥିଲେ। କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ଦୂରଦର୍ଶୀ ନେତୃତ୍ୱରେ ବିଶ୍ୱବିଦ୍ୟାଳୟକୁ ସମ୍ପୂର୍ଣ୍ଣ ରକ୍ତହୀନତାମୁକ୍ତ ପରିସରରେ ପରିଣତ କରିବା ଲକ୍ଷ୍ୟରେ ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା, ସଚେତନତା ସୃଷ୍ଟି, ଔଷଧ ବିତରଣ ଓ ସମୟୋପଯୋଗୀ ଚିକିତ୍ସା ସହାୟତା ପ୍ରଦାନର ଏକ ଅଂଶ ସ୍ୱରୂପ ଏହି ଶିବିରର ଆୟୋଜନ କରାଯାଇଥିଲା। ପ୍ରାକ୍ତନ ଛାତ୍ର ସଂସଦର ସଭାପତି ଡ଼କ୍ଟର ଚୌଧୁରୀ ସତ୍ୟବ୍ରତ ନନ୍ଦ, ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସୋମା ନନ୍ଦ, ଡ଼କ୍ଟର ଦେବଦତ୍ତ ଦାସ ଓ ଅଧ୍ୟାପିକା ଶିବାନୀ ହାଁସଦାଙ୍କ ସମନ୍ୱୟରେ ଚିକିତ୍ସକ ଦଳ ଅଂଶ ଗ୍ରହଣକାରୀମାନଙ୍କ ହିମୋଗ୍ଲୋବିନ ପରୀକ୍ଷା କରିବା ସହ ସ୍ୱାସ୍ଥ୍ୟ ପରାମର୍ଶ ପ୍ରଦାନ କରିଥିଲେ। ସେହିପରି ରକ୍ତହୀନତାର କାରଣ, ଲକ୍ଷଣ, ପ୍ରତିରୋଧ ଓ ନିୟନ୍ତ୍ରଣ ସମ୍ପର୍କରେ ସଚେତନ କରାଇବା ସହ ଲୌହସମୃଦ୍ଧ ଖାଦ୍ୟ, ସନ୍ତୁଳିତ ପୁଷ୍ଟିକର ଆହାର ଏବଂ ସୁସ୍ଥ ଜୀବନଶୈଳୀ ଅବଲମ୍ବନର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ମାନବ ସମ୍ବଳ ବିକାଶ କେନ୍ଦ୍ର ଏବଂ କ୍ରୀଡ଼ା ପରିସରରେ ଆୟୋଜିତ ଶିବିରକୁ ସମ୍ବୋଧିତ କରି କୁଳପତି ପ୍ରଫେସର ତ୍ରିପାଠୀ କହିଥିଲେ ଯେ, ସୁସ୍ୱାସ୍ଥ୍ୟ ହେଉଛି ଶିକ୍ଷାଗତ ସଫଳତା ଓ ବ୍ୟକ୍ତିତ୍ୱ ବିକାଶର ମୂଳ ଆଧାର। ଛାତ୍ରଛାତ୍ରୀ ଓ କର୍ମଚାରୀମାନଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ପାଇଁ ବିଶ୍ୱବିଦ୍ୟାଳୟ ପକ୍ଷରୁ ଏଭଳି ସ୍ୱାସ୍ଥ୍ୟ ସଚେତନତା ଏବଂ ସ୍ୱାସ୍ଥ୍ୟ ପରୀକ୍ଷା କାର୍ଯ୍ୟକ୍ରମ ନିୟମିତ ଭାବେ ଜାରି ରହିବ। ସମସ୍ତଙ୍କ ସହଯୋଗ ଓ ନିୟମିତ ନିରୀକ୍ଷଣ ମାଧ୍ୟମରେ ବିଶ୍ୱବିଦ୍ୟାଳୟକୁ ରକ୍ତହୀନତାମୁକ୍ତ ପରିସରରେ ପରିଣତ କରିବାର ସଂକଳ୍ପକୁ ମଧ୍ୟ ସେ ଉଲ୍ଲେଖ କରିଥିଲେ। କାର୍ଯ୍ୟକ୍ରମର ସଫଳ ଆୟୋଜନ ପାଇଁ ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରାକ୍ତନ ଛାତ୍ର ସଂସଦ, ସ୍ୱାସ୍ଥ୍ୟକେନ୍ଦ୍ର ଓ ଚିକିତ୍ସକ ଦଳଙ୍କୁ ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ସନ୍ତୋଷ ଅଗ୍ରୱାଲା ପ୍ରଶଂସା କରିଛନ୍ତି। ଏହି ପଦକ୍ଷେପ ବିଶ୍ୱବିଦ୍ୟାଳୟର ସୁସ୍ଥ, ସଚେତନ ଓ ଶୈକ୍ଷିକ ବାତାବରଣ ଗଠନ ପ୍ରତି ଥିବା ଦୃଢ଼ ପ୍ରୟାସକୁ ପ୍ରତିଫଳିତ କରିଅଛି।

32 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୧୨ ଜୁଲାଇ ୨୦୨୬ ରବିବାର

ନଦୀରେ ବୁଡ଼ି ୫ ବର୍ଷୀୟ ଶିଶୁ ମୃତ

ଭଦ୍ରକ, ନ୍ୟୁଜ୍ ବ୍ୟୁରୋ

ଧାମନଗର ବ୍ଲକ ଭଟସାହି ପଞ୍ଚାୟତ ଅନ୍ତର୍ଗତ ବାମଦେବପୁର ଗ୍ରାମର ବସାସାହିରେ ଏକ ଅଭାବନୀୟ ଓ ମର୍ମନ୍ତୁଦ ଘଟଣା ଘଟିଯାଇଛି। ନଦୀ ଗାଧୁଆ ତୁଠରେ ଗୋଡ଼ ଖସିଯିବାରୁ ୫ ବର୍ଷୀୟ ଶିଶୁ ପୁତ୍ର ରୋହନ ପଣ୍ଡାଙ୍କର ମୃତ୍ୟୁ ଘଟିଛି। ରୋହନ ସ୍ଥାନୀୟ ଜ୍ୟୋତି ପ୍ରକାଶ ପଣ୍ଡାଙ୍କ ଏକମାତ୍ର ପୁତ୍ର ବୋଲି ଜଣାପଡ଼ିଛି। ମିଳିଥିବା ସୂଚନା ଅନୁଯାୟୀ, ଶିଶୁଟି ସକାଳ ପ୍ରାୟ ୯ଟା ସମୟରେ ଘର ନିକଟସ୍ଥ କଣ୍ଠିଆ ନଦୀକୁ ଚାଲିଯାଇଥିଲା। ଦୀର୍ଘ ସମୟ ପର୍ଯ୍ୟନ୍ତ ରୋହନ ଘରକୁ ନଫେରିବାରୁ ପରିବାରବର୍ଗ ଓ ଗ୍ରାମବାସୀ ବ୍ୟସ୍ତ ହୋଇ ଖୋଜାଖୋଜି ଆରମ୍ଭ କରିଥିଲେ। ଶେଷରେ ଦିନ ପ୍ରାୟ ୧ଟା ସମୟରେ ନଦୀରୁ ଶିଶୁଟିର ମୃତଦେହ ଉଦ୍ଧାର କରାଯାଇଥିଲା। ଏହି ଘଟଣା ପରେ ସମଗ୍ର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଖବରପାଇ ଧୁଷୁରୀ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଛି। ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ଶବ ବ୍ୟବଚ୍ଛେଦ ପାଇଁ ଭଦ୍ରକ ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ଏହି ଦୁଃଖଦ ଖବରପାଇ ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ଅଶୋକ ନାୟକ, ଡାକ୍ତର ସଞ୍ଜୟ ଦାସ, ସରପଞ୍ଚ ସୀତାକାନ୍ତ ମିଶ୍ର, ପୂର୍ବତନ ସରପଞ୍ଚ ଦୟାନିଧି ମିଶ୍ର, ଯୁବ ନେତା ଶେଷଦେବ ମିଶ୍ର, ବିଶ୍ୱଜିତ ସାହୁ, ଉମାକାନ୍ତ ସାହୁ, ଅମୂଲ୍ୟ ପଣ୍ଡା ପ୍ରମୁଖ ଶୋକସନ୍ତପ୍ତ ପରିବାରକୁ ଭେଟି ସମବେଦନା ଜଣାଇଛନ୍ତି।

କଟକରେ ଟ୍ରାଫିକ୍ ପୋଲିସର ଯାଞ୍ଚ:ଅମାନିଆ ଚାଳକଙ୍କ ଗାଡ଼ି ଜବତ ହେବ

କଟକ, ନ୍ୟୁଜ୍ ବ୍ୟୁରୋ

ଟ୍ରାଫିକ୍ ନିୟମ ଉଲ୍ଲଂଘନକାରୀଙ୍କ ପ୍ରତି କଡ଼ା ଆଭିମୁଖ୍ୟ। ଏଣିକି ଆଉ ଫାଇନ୍ ନୁହେଁ, ସିଧା ଜବତ ହେଉଛି ଗାଡ଼ି। କଟକରେ ଟ୍ରାଫିକ୍ ପୋଲିସ ପକ୍ଷରୁ ଜୋରଦାର୍ ଚଢ଼ଉ ଚାଲିଛି। କାହାର ଫିଟ୍‌ନେସ୍ ନାହିଁ ତ କିଏ ବିନା ଡ୍ରାଇଭିଂ ଲାଇସେନ୍ସରେ ଚଳାଉଥିଲା ଗାଡ଼ି। ଆଉ ଆଜି ପଡ଼ିଛନ୍ତି ଟ୍ରାଫିକ୍ ପୋଲିସ ହାବୁଡରେ। କଟକ ସହରରେ ବିଭିନ୍ନ ସ୍ଥାନରେ ଚାଲିଛି ଜୋରଦାର୍ ଚଢ଼ଉ। ଛକ ଛକରେ ଛକିଛନ୍ତି ଟ୍ରାଫିକ୍ ପୋଲିସ। ଅଚାନକ୍ ଯାଞ୍ଚ ବେଳେ ଅନେକ ଅମାନିଆ ଚାଳକ ଧରାପଡ଼ିଛନ୍ତି। ଏଣିକି ଆଉ ଫାଇନ୍ ନୁହେଁ, ସିଧା ଗାଡ଼ି ଜବତ କରାଯାଉଛି। ସପ୍ତାହେ ଭିତରେ କଟକ ସହରରେ ୬୦ରୁ ଅଧିକ ଗାଡ଼ି ଜବତ ହେଲାଣି। ଆଗକୁ ଏସବୁ ଗାଡ଼ିର ପଞ୍ଜିକରଣ ରଦ୍ଦ ହେବ ବୋଲି ଆର୍‌ଟିଓ କହିଛନ୍ତି। କଡ଼ା ନିୟମ ସତ୍ତ୍ୱେ ବି ଅମାନିଆ ଗାଡ଼ି ଚାଳକଙ୍କ ସଂଖ୍ୟା ବଢ଼ିଚାଲିଥିବାରୁ ଟ୍ରାଫିକ୍ ପୋଲିସ ପକ୍ଷରୁ ଏ କଡ଼ା ପଦକ୍ଷେପ ନିଆଯାଇଛି। ଖାଲି ଗାଡ଼ି ଫିଟ୍‌ନେସ୍ ନୁହେଁ, ପରମିଟ୍ ଏବଂ ଇନ୍ସୁରାନ୍ସ ନଥିଲେ ବି କଡ଼ା ପଦକ୍ଷେପ ନେବାକୁ ନିର୍ଦ୍ଦେଶ ରହିଛି। ଇ-ଡିଟେକ୍ସନ୍ ମାଧ୍ୟମରେ ବିଭିନ୍ନ ଟୋଲ୍‌ଗେଟ୍‌ରେ ୪୩ ହଜାରରୁ ଅଧିକ ନିୟମ ଉଲ୍ଲଂଘନକାରୀ ଗାଡ଼ି ଚିହ୍ନଟ ହୋଇଛି। ଆଶ୍ଚର୍ଯ୍ୟକର କଥା କେହି କେହି ଗାଡ଼ି ଚାଳକ ୨୦ ଥର ଏବଂ ୫୦ ଥର ନିୟମ ଉଲ୍ଲଂଘନ କରି ମଧ୍ୟ ଖୋଲାରେ ବୁଲୁଛନ୍ତି। ଏବେ ସେମାନଙ୍କ ବିରୋଧରେ କି ଆକ୍ସନ୍ ହେଉଛି ତାହା ଦେଖିବାର କଥା।

ମାଁ ପାଟଣେଶ୍ୱରୀ ଗମ୍ଭିରା ଘର ମରାମତି ସ୍ୱତନ୍ତ୍ର ଭାବେ ହେବ: ଉପମୁଖ୍ୟମନ୍ତ୍ରୀ

ବଲାଙ୍ଗିର, ନ୍ୟୁଜ୍ ବ୍ୟୁରୋ

ବଲାଙ୍ଗିର ପାଟଣା ରାଜ୍ୟର ଇଷ୍ଟଦେବୀ ମାଁ ପାଟଣେଶ୍ୱରୀ ଏବଂ ୪୮ ପାଟର ଇଷ୍ଟଦେବୀ ମାଁ ପାଟଣେଶ୍ୱରୀ ରାଜ୍ୟରେ ପୂଜା ପାଇ ଆସୁଛନ୍ତି। ୧୮୭୨ ମସିହାରୁ ନୂତନ ଭାବେ ବଲାଙ୍ଗିରରେ ସ୍ଥାପନ ହୋଇଥିଲା ରାଜଧାନୀ। ସେହିଦିନ ଠାରୁ ମାଁ ପାଟଣେଶ୍ୱରୀ ଦେବୀ ମନ୍ଦିର ବା ପୀଠରେ ମାଁ ପୂଜା ପାଇ ଆସୁଛନ୍ତି। ୧୯୯୨ ମସିହାରେ ମାଁ ପାଟଣେଶ୍ୱରୀ ଦେବୀଙ୍କ ଗମ୍ଭିରା ଘରରେ ପରଭା ନିର୍ମାଣ ଦୀର୍ଘ ୩୦ ବର୍ଷ ବିତିଗଲାଣି। ଦୀର୍ଘ ୫ ବର୍ଷରୁ ଉର୍ଦ୍ଧ୍ୱ ହେବ ପରଭାଟି ଭଗ୍ନ ଅବସ୍ଥାରେ ଅଛି, ଫାଟ ସୃଷ୍ଟି ହୋଇଛି। ଦେବୀଙ୍କ ପ୍ରତିମୂର୍ତ୍ତି ଉପରେ ଚୂନ ପଥର ପଡୁଥିବାରୁ ଏ ନେଇ ପ୍ରଶାସନ ସହ ଆଲୋଚନା କଲେ ମଧ୍ୟ କିଛି କାର୍ଯ୍ୟ ହୋଇନଥିବାରୁ ଦେବାଳୟ ଓ ଐତିହ୍ୟ ସୁରକ୍ଷା କମିଟି ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓଙ୍କୁ ସାକ୍ଷାତ କରି ମନ୍ଦିରର ବିଭିନ୍ନ ବିଷୟରେ ଆଲୋଚନା କରି ଦାବିପତ୍ର ପ୍ରଦାନ କରିଥିଲେ। ଉପମୁଖ୍ୟମନ୍ତ୍ରୀ ପ୍ରତିଶୃତି ଦେଇଥିଲେ ସ୍ୱତନ୍ତ୍ରତା ଭାବେ ଯାଞ୍ଚ କରି ଏହାର କିଭଳି ମରାମତି ହେବ ତାହା ସ୍ୱତନ୍ତ୍ର ଭାବେ ତଦାରଖ କରି ଅର୍ଥ ଅନୁଦାନ ଦିଆଯିବ ବୋଲି କହିଥିଲେ ଏବଂ କମିଟି ଦାବି ଜଣାଇଥିଲେ ମାଁ ସମଲେଶ୍ୱରୀ ମନ୍ଦିର କିଭଳି କାର୍ଯ୍ୟ ଆରମ୍ଭ ହେବ। ଅଧାରେ ଅଟକି ଯାଇଥିବା ବେଳେ ଏହି ବିଷୟରେ ସମ୍ପୂର୍ଣ୍ଣ ଭାବେ ସେ ବିଭାଗ ସହ ଆଲୋଚନା କରିବି ବୋଲି ପ୍ରତିଶୃତି ଦେଇଥିଲେ। ସଭାପତି ଜୟକୃଷ୍ଣ ମିଶ୍ରଙ୍କ ନେତୃତ୍ୱରେ ସମ୍ପାଦକ ପ୍ରଶାନ୍ତ ମହାକୁର, ସହସମ୍ପାଦକ ଶମ୍ଭୁ ପ୍ରସାଦ ଶତପଥି, କୋଷାଧ୍ୟକ୍ଷ ତଥା ଆଇନଜୀବୀ ଭବାନୀ ଶଙ୍କର ଭୋଇଙ୍କ ସମେତ ଗୋପାଳଜୀ ପାଣିଗ୍ରାହୀ ଆଲୋଚନାରେ ଭାଗ ନେଇଥିଲେ।

ଶିମିଳିପାଳ ସମ୍ପୂର୍ଣ୍ଣ ସୁରକ୍ଷା ନେଇ ଭଞ୍ଜସେନାର ଅଭିଯାନ

ବାରିପଦା, ନ୍ୟୁଜ୍ ବ୍ୟୁରୋ

ଶିମିଳିପାଳର ସମ୍ପୂର୍ଣ୍ଣ ସୁରକ୍ଷା ସହ ପର୍ଯ୍ୟଟନ ଶିଳ୍ପ ଓ ପ୍ରାକୃତିକ ସମ୍ପଦ ମାଧ୍ୟମରେ ମୟୂରଭଞ୍ଜବାସୀଙ୍କୁ ଆତ୍ମନିର୍ଭରଶୀଳ କରିବା ସହିତ ଜିଲ୍ଲାରୁ ଦାଦନ ସମସ୍ୟାର ଦୂରୀକରଣ କରାଯିବା ଲକ୍ଷ୍ୟ ନେଇ ଜିଲ୍ଲାବାସୀଙ୍କ ମଧ୍ୟରେ ଜନସଚେତନତା ସୃଷ୍ଟି କରି ସରକାରଙ୍କ ଅବଗତି ନିମନ୍ତେ 'ଶିମିଳିପାଳ ବଞ୍ଚିଲେ ଆମେ ବଞ୍ଚିବା', 'ଦାଦନ ହଟିବ ମୟୂରଭଞ୍ଜ ହସିବ' ସ୍ଲୋଗାନ୍ ନେଇ ଭଞ୍ଜସେନା ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନାଙ୍କର ଆହ୍ୱାନ୍ କ୍ରମେ ଗତ ମାସ ଜୁନ୍ ୧୭ ତାରିଖରୁ ଚଳିତ ମାସ ଜୁଲାଇ ୧୨ ତାରିଖ ପର୍ଯ୍ୟନ୍ତ ଜିଲ୍ଲା ତମାମ୍ (ସମସ୍ତ ବ୍ଲକ/ମ୍ୟୁନିସିପାଲିଟି/ଏନ୍‌ଏସି) ପର୍ଯ୍ୟାୟକ୍ରମେ ଜିଲ୍ଲାର ଏକମାତ୍ର ଅଗ୍ରଣୀ ତଥା ଅଣ ରାଜନୈତିକ ସଂଗଠନ ଭଞ୍ଜସେନା ପକ୍ଷରୁ ମୟୂରଭଞ୍ଜ ଜିଲ୍ଲାର ଅଧିଷ୍ଠାତ୍ରୀ ଦେବୀ ଖିଚିଂ ସ୍ଥିତ ମାଆ କିଚକେଶ୍ୱରୀ ଦେବୀଙ୍କର ପୀଠରୁ ମଶାଲ ଶୋଭାଯାତ୍ରା ଆରମ୍ଭ ହୋଇସାରିଥିବା ସ୍ଥଳେ, ଜିଲ୍ଲାର ସମସ୍ତ ଏରିଆରେ ମଶାଲ ଶୋଭାଯାତ୍ରା ସାରି ଚଳିତ ଜୁଲାଇ ମାସ ୧୨ ତାରିଖ ରବିବାର ଜିଲ୍ଲାର ସଦର ମହକୁମା ବାରିପଦା ଠାରେ ସମାପ୍ତ ହେବାର କାର୍ଯ୍ୟକ୍ରମ ରହିଛି। ବାରିପଦାରେ ହେବାକୁଯାଉଥିବା ଏହି ମଶାଲ କାର୍ଯ୍ୟକ୍ରମ ରବିବାର ଦିନ ସନ୍ଧ୍ୟା ୬ଟା ଠାରୁ ମାଆ ଅମ୍ବିକା ମନ୍ଦିର ସମ୍ମୁଖରୁ ଆରମ୍ଭ ହୋଇ ବଡ଼ଦାଣ୍ଡ-ଜଗନ୍ନାଥ ମନ୍ଦିର ଦେଇ କେସି ସର୍କଲ୍ ଠାରେ ସମାପ୍ତ ହେବ ବୋଲି ସଂଗଠନ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ଜୁଲାଇ ୧୨ ତାରିଖ ହେବାକୁଥିବା ଶେଷ ମଶାଲ ଶୋଭାଯାତ୍ରା କାର୍ଯ୍ୟକ୍ରମକୁ ସଫଳ କରିବା ନିମନ୍ତେ ବାରିପଦା ଠାରେ ଏକ ପୂର୍ବ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ପ୍ରତିଷ୍ଠାତାଙ୍କର ସମେତ ଅଧ୍ୟକ୍ଷ ସଞ୍ଜୀବ ରାଉତ, ଶୃଙ୍ଖଳାଗତ କମିଟି ଅଧ୍ୟକ୍ଷ ସତ୍ୟସ୍ୱରୂପ ଦାଶ, ଜିଲ୍ଲା ସଭାପତି ପିଣ୍ଟୁ ମାଇତି, ଜିଲ୍ଲା ଆଦିବାସୀ ଶାଖା ସଭାପତି ବାଜୁନ ହାଁସଦା, ଜିଲ୍ଲା ଆବାହକ ରାକେଶ ବେହେରା, କାର୍ଯ୍ୟକାରୀ ସଭାପତି ସାମନ୍ତ ଶେଖର ପାଲ, ବାରିପଦା ସହର ସଭାପତି ରାକେଶ ମହାନ୍ତି, ଜିଲ୍ଲା ମୁଖପାତ୍ର ଜ୍ୟୋତିରଞ୍ଜନ ପୃଷ୍ଟି, ଜିଲ୍ଲା ଯୁବଛାତ୍ର ସଂଯୋଜକ ଏସ୍.କେ ରାଜାଖାନ, ଜିଲ୍ଲା ଉପସଭାପତି ପ୍ରଶାନ୍ତ ମହାକୁଡ ଏବଂ ପ୍ରିତମ ପଣ୍ଡା ପ୍ରମୁଖ ଉପସ୍ଥିତ ରହିଥିଲେ ବୋଲି ମୁଖପାତ୍ର ଜ୍ୟୋତି ରଞ୍ଜନ ପୃଷ୍ଟି ସୂଚନା ପ୍ରଦାନ କରିଛନ୍ତି।

ଭଙ୍ଗା ପୋଲକୁ ନେଇ ଚିନ୍ତାରେ ଗ୍ରାମବାସୀ

ବର୍ଷା ଦିନ ଆସିଲେ ୬ ଖଣ୍ଡ ଗାଁ ଲୋକଙ୍କ ବଢୁଛି ଦୁର୍ଦ୍ଦଶା

ଜୟପୁର, ନ୍ୟୁଜ୍ ବ୍ୟୁରୋ

କୋରାପୁଟ ଜିଲ୍ଲାରେ ଭଙ୍ଗା ପୋଲକୁ ଭୁଲିଗଲା ପ୍ରଶାସନ। ବର୍ଷା ଦିନ ଆସିଲେ ବଢିଛି ଲୋକଙ୍କ ଦୁର୍ଦ୍ଦଶା। ଭଙ୍ଗା ପୋଲର ଏପାଖରେ ଜୀବନ, ସେପାଖରେ ଜୀବିକା। ବାଧ୍ୟ ହୋଇ ଏଠି ପ୍ରତିଦିନ ଲୋକେ ଜୀବନକୁ ବାଜି ଲଗାଇ ଯାତାୟାତ କରନ୍ତି। କୋରାପୁଟ ଜିଲ୍ଲା ବୈପାରୀଗୁଡା ବ୍ଲକ ଚିପାକୁର ପଞ୍ଚାୟତର କ୍ରିଶାଲ ଗାଁରେ ଏଭଳି ସମସ୍ୟା ଉପୁଜିଛି। ଗତ ବର୍ଷ ବର୍ଷାରେ କ୍ରିଶାଲ ଗାଁ ରାସ୍ତାରେ ୨ଟି ପୋଲ ଭାଙ୍ଗିଥିବାବେଳେ ଏ ପର୍ଯ୍ୟନ୍ତ ମରାମତି ହୋଇନାହିଁ। ପଞ୍ଚାୟତରୁ ବିଚ୍ଛିନ୍ନ ହୋଇପଡ଼ିଛି ୬ଟି ଗାଁ। ଲୋକଙ୍କ ଯାତାୟାତରେ ସୁବିଧା ପାଇଁ ନିର୍ମାଣ ହୋଇଥିଲା ନାଳ ଉପରେ ପୋଲ, କିନ୍ତୁ ସେ ପୋଲ ଏବେ ଗାଁ ଲୋକଙ୍କ ପାଇଁ ଦୁଃଖର କାରଣ ପାଲଟିଛି। ଗତବର୍ଷର ଲଗାଣ ବର୍ଷାରେ ଭାସି ଯାଇଥିବା ୨ ଗୋଟି ପୋଲ। ହେଲେ ଆଜି ପର୍ଯ୍ୟନ୍ତ ନିର୍ମାଣ ହୋଇପାରିନାହିଁ। ଫଳରେ ବର୍ଷା ଦିନେ ୬ଟି ଗାଁ ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇପଡ଼ିଛି। ଭଙ୍ଗା ପୋଲକୁ ଭୁଲିଗଲା ପ୍ରଶାସନ। ବର୍ଷେ ବିତିଲା ତଥାପି କୌଣସି ପଦକ୍ଷେପ ନେଲେ ନାହିଁ। ବେତଭଟା ଠାରୁ କ୍ରିଶାଲ ଗାଁକୁ ସଂଯୋଗ କରୁଥିବା ଏକ କିଲୋମିଟର ରାସ୍ତା ମଝିରେ ୨ଟି ପୋଲ ଭାଙ୍ଗି ଯାଇଛି। ନିମ୍ନମାନର କାମ ଯୋଗୁ ଏଭଳି ପରିସ୍ଥିତି ଉପୁଜିଛି ବୋଲି ଗାଁ ଲୋକେ ଅଭିଯୋଗ କରିଛନ୍ତି। ଏହି ରାସ୍ତା ଦେଇ କିର୍ଷାଲ, ବଡବେତ, ଝୁଲଣୀ ଏବଂ ଚିପାକୁର, କାଠପଡା ପଞ୍ଚାୟତର ଅନେକ ଗ୍ରାମ ଲୋକେ ଯାତାୟାତ କରନ୍ତି। ଲୋକେ ଚିପାକୁର ପଞ୍ଚାୟତ କାର୍ଯ୍ୟାଳୟକୁ କୌଣସି କାମରେ ଯିବାକୁ ହେଲେ ମାଠପଡା ପଞ୍ଚାୟତ ଦେଇ ୨୩ କିଲୋମିଟର ବୁଲି ଯିବାକୁ ପଡୁଛି। ରାସନ୍ ଚାଉଳ, ଭତ୍ତା, ଜରୁରୀ ରୋଗୀ ସେବା ଏବଂ ଆମ୍ବୁଲାନ୍ସ ସେବାରୁ ସମ୍ପୂର୍ଣ୍ଣ ବଞ୍ଚିତ ହେଉଛନ୍ତି ଏସବୁ ଗ୍ରାମ ଗୁଡ଼ିକ। ଯଥାଶୀଘ୍ର ଏହି ୨ଟି ପୋଲ ନିର୍ମାଣ ପାଇଁ ଦାବି କରିଛନ୍ତି ସ୍ଥାନୀୟ ସରପଞ୍ଚ ରାଜୁ ଖିଲ ଏବଂ ଗାଁ ଲୋକେ। ସେପଟେ ସ୍ଥାନୀୟ ବିଡ଼ିଓ ସୁବ୍ରତ ସାହୁ କହିଛନ୍ତି, ଏହି ସମସ୍ୟାକୁ ନେଇ ଗ୍ରାମ୍ୟ ଉନ୍ନୟନ ବିଭଗ ସହ ଆଲୋଚନା କରାଯାଇଛି ଏବଂ ଆବଶ୍ୟକ ପଡିଲେ ଜରୁରୀ କାଳୀନ ଯାତାୟାତ ପାଇଁ ପଞ୍ଚାୟତ ତରଫରୁ ବ୍ୟବସ୍ଥା କରାଯିବ। ଗ୍ରାମାଞ୍ଚଳ ଲୋକଙ୍କ ଗମନାଗମନ ସୁବିଧା ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଥିଲେ ସୁଦ୍ଧା ସରକାରୀ କର୍ମଚାରୀଙ୍କ ଅବହେଳା ହେଉ କିମ୍ବା ଜନ ପ୍ରତିନିଧିଙ୍କ ଦୁର୍ବଳତା ହେଉ କିନ୍ତୁ ଲୋକଙ୍କ ଟଙ୍କା ନଷ୍ଟ ହେଉଛି। ସାଧାରଣ ଲୋକେ ଆଜି ପର୍ଯ୍ୟନ୍ତ ଭଲ ରାସ୍ତା ପାଇପାରୁନାହାନ୍ତି। ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବା ଆବଶ୍ୟକ ରହିଛି।

ବୌଦ୍ଧରେ ମହାନଦୀ ଜଳସ୍ତର ସ୍ୱାଭାବିକ

ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ

ହୀରାକୁଦ ଡ୍ୟାମ୍‌ର ୧୦ଟି ଗେଟ୍ ଖୋଲାଯାଇଥିବା ପରିପ୍ରେକ୍ଷୀରେ ବୌଦ୍ଧ ଜିଲ୍ଲା ପ୍ରଶାସନ ପକ୍ଷରୁ ମହାନଦୀର ଜଳସ୍ତର ଉପରେ କଡ଼ା ନଜର ରଖାଯାଇଛି। ବର୍ତ୍ତମାନ ସୁଦ୍ଧା ବୌଦ୍ଧ ସହର ସ୍ଥିତ ଜଳସେଚନ ବିଭାଗର ଇନ୍ସପେକ୍ସନ୍ ବଙ୍ଗଳା ନିକଟରେ ମହାନଦୀର ଜଳସ୍ତର ସମ୍ପୂର୍ଣ୍ଣ ସ୍ୱାଭାବିକ ରହିଛି ଏବଂ ବନ୍ୟା ପରିସ୍ଥିତି ସୃଷ୍ଟି ହେବାର କୌଣସି ଆଶଙ୍କା ନାହିଁ। ଜଳସେଚନ ବିଭାଗର ତଥ୍ୟ ଅନୁଯାୟୀ, ଗୁରୁବାର ଅପରାହ୍ନ ୪ଟା ସୁଦ୍ଧା ମହାନଦୀର ଜଳସ୍ତର ୮୨.୦୮ ମିଟର ରହିଥିବା ବେଳେ ଏହା କ୍ରମାଗତ ଭାବେ ହ୍ରାସ ପାଉଛି। ନଦୀର ଶୂନ୍ୟସ୍ତର ୮୧.୦୫ ମିଟର, ସତର୍କସ୍ତର ୮୬.୮୦ ମିଟର ଏବଂ ବିପଦସ୍ତର ୮୭.୮୦ ମିଟର ରହିଛି। ବର୍ତ୍ତମାନର ଜଳସ୍ତର ସତର୍କସ୍ତର ଠାରୁ ୪.୭୨ ମିଟର ଏବଂ ବିପଦସ୍ତର ଠାରୁ ୫.୭୨ ମିଟର ତଳେ ଥିବାରୁ ଜିଲ୍ଲାବାସୀଙ୍କ ପାଇଁ ଏହି ମୁହୂର୍ତ୍ତରେ ଚିନ୍ତାର କୌଣସି କାରଣନାହିଁ। ତେବେ ବର୍ଷାରତୁ ଓ ହୀରାକୁଦ ଡ୍ୟାମ୍‌ରୁ ଜଳ ନିଷ୍କାସନକୁ ଦୃଷ୍ଟିରେ ରଖି ଜିଲ୍ଲାପାଳ ବିଭୁତିଭୂଷଣ ନାୟକ ମହାନଦୀ କୂଳବର୍ତ୍ତୀ ଗ୍ରାମଗୁଡ଼ିକର ଲୋକମାନଙ୍କୁ ସତର୍କ ରହିବାକୁ ଆହ୍ୱାନ କରିଛନ୍ତି। ସେହିପରି ଆଭାସୀ ମାଧ୍ୟମରେ ସମସ୍ତ ବିଡିଓ ଓ ତହସିଲଦାର ଏବଂ ଜିଲ୍ଲାସ୍ତରୀୟ ଅଧିକାରୀ ମାନଙ୍କୁ ନଦୀକୂଳବର୍ତ୍ତୀ ଗ୍ରାମଗୁଡ଼ିକର ସ୍ଥିତି ଉପରେ ନିରନ୍ତର ନଜର ରଖିବା, ଗ୍ରାମବାସୀଙ୍କୁ ସତର୍କ କରିବା, ତଳିଆ ଅଞ୍ଚଳରେ ଆବଶ୍ୟକ ପ୍ରସ୍ତୁତି ସୁନିଶ୍ଚିତ କରିବା ଏବଂ କୌଣସି ଜରୁରୀ ପରିସ୍ଥିତି ଉପୁଜିଲେ ତୁରନ୍ତ ଜିଲ୍ଲା ଜରୁରୀକାଳୀନ ପରିଚାଳନା କେନ୍ଦ୍ରକୁ ଅବଗତ କରାଇବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜିଲ୍ଲାପ୍ରଶାସନ, ଜଳସେଚନ ବିଭାଗ ଏବଂ ସମସ୍ତ କ୍ଷେତ୍ରସ୍ତରୀୟ ଅଧିକାରୀମାନେ ସମ୍ପୂର୍ଣ୍ଣ ସଜାଗ ରହି ମହାନଦୀର ଜଳସ୍ତର ଉପରେ ୨୪ ଘଣ୍ଟିଆ ସତର୍କ ନଜର ରଖି ପରିସ୍ଥିତିର ନିରନ୍ତର ସମୀକ୍ଷା କରୁଛନ୍ତି। ଜଳସ୍ତରରେ କୌଣସି ଉଲ୍ଲେଖନୀୟ ପରିବର୍ତ୍ତନ ଘଟିଲେ ଜନସାଧାରଣଙ୍କୁ ତୁରନ୍ତ ସୂଚିତ କରାଯିବ ଏବଂ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ। ଜିଲ୍ଲାପ୍ରଶାସନ ପକ୍ଷରୁ ଜନସାଧାରଣଙ୍କୁ ନଦୀ ନାଳ ବ୍ୟବହାର ସମୟରେ ସମ୍ପୂର୍ଣ୍ଣ ସାବଧାନତା ଅବଲମ୍ବନ କରିବା ପାଇଁ ପରାମର୍ଶ ଦିଆଯାଇଛି।

ଘରେ ପଶି ଲୁଟି ନେଲେ ସୁନା ଅଳଙ୍କାର

ଚୌଦ୍ୱାର, ନ୍ୟୁଜ୍ ବ୍ୟୁରୋ

ଚୌଦ୍ୱାର ପୌରପାଳିକା ୧୭ନଂ ୱାର୍ଡ ଅନ୍ତର୍ଗତ ନୂଆସାହିରେ ରହୁଥିବା ଶାନ୍ତିଲତା ସାହୁଙ୍କ ଘରେ ଗୁରୁବାର ରାତିରେ ଚୋରି ହୋଇଥିବା ଚୌଦ୍ୱାର ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ ଶାନ୍ତିଲତା ଓ ତାଙ୍କ ପରିବାର ବାଲିଚନ୍ଦ୍ରପୁର ଥାନା ଭୁଲୁକା ଗ୍ରାମ ସ୍ଥିତ ନିଜ ଗାଁକୁ ଯାଇଥିବା ବେଳେ ଗୁରୁବାର ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ତାଙ୍କ ଘରର ମୁଖ୍ୟ ଫାଟକ ତାଲା ଭାଙ୍ଗି ଘରେ ପଶିବା ସହିତ ଘର ଭିତରେ ଥିବା ଆଲମିରା ଭାଙ୍ଗି ସେଥିରେ ଥିବା ସୁନା ମଙ୍ଗଳସୂତ୍ର, ଶଙ୍ଖା, ମୁଦି, ରୂପା ପାଉଁଜୀ ଆଦି ଲୁଟି ନେବା ସହିତ ସେ କରିଥିବା ଘର ସଂଲଗ୍ନ ଦୋକନ ଘରୁ କିଛି ସାମଗ୍ରୀ ମଧ୍ୟ ଲୁଟି ନେଇଥିବା ଅଭିଯୋଗ ହୋଇଛି। ଅଭିଯୋଗ ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଛି। ତେବେ ନିକଟରେ ଥିବା ସିସିଟିଭି ଫୁଟେଜ୍‌କୁ ଯାଞ୍ଚ କରାଯାଇ ଖୁବ୍‌ଶିଘ୍ର ଅଭିଯୁକ୍ତ ମାନଙ୍କୁ ଧରାଯିବ ବୋଲି ଆଇଆଇସି ରଜନୀକାନ୍ତ ଦାସ ସୂଚନା ଦେଇଛନ୍ତି।

ଜୟପୁରରେ ଶହେ କୋଟି ଟଙ୍କା ବିନିମୟରେ ସିଏନ୍‌ଜି ପ୍ଲାଣ୍ଟ ସ୍ଥାପନ ହେବ

ଜୟପୁର, ନ୍ୟୁଜ୍ ବ୍ୟୁରୋ

କୋରାପୁଟ ଜିଲ୍ଲା ଜୟପୁର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପ୍ରଶାସନ ସହ ବିଧାୟକ ତାରା ପ୍ରସାଦ ବାହିନିପତିଙ୍କ ବୈଠକ ଅନୁଷ୍ଠିତ ହୋଇଛି। ବିକାଶମୂଳକ କାର୍ଯ୍ୟ ଉପରେ ଆଲୋଚନା ହୋଇଛି। ବୈଠକରେ କୋରାପୁଟ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ, ଜୟପୁର ଉପଜିଲ୍ଲାପାଳ ଯଦୁମଣି ନାୟକ, ରାସ୍ତା ଓ ଗୃହ ବିଭାଗର ଅଧିକ୍ଷଣ ଯନ୍ତ୍ରୀ ପ୍ରିୟ ରଞ୍ଜନ ବେହେରା, ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ପୁଜା ରାଉତ, ତହସିଲଦାର ସବ୍ୟସାଚି ଜେନା, ପୌରଅଧ୍ୟକ୍ଷ ନରେନ୍ଦ୍ର କୁମାର ମହାନ୍ତି, ସହ ପିଏଚ୍‌ଡି, ଏମ୍‌ଆଇଟିର ଅଧିକାରୀମାନେ ଉପସ୍ଥିତ ଥିଲେ। ଜଗନ୍ନାଥ ପୁନଃ କାର୍ଯ୍ୟ ରାସ୍ତା, ଜବରଦଖଲ, ସିସି କ୍ୟାମେରା ଏସ୍ ପ୍ରିୟବ୍ରତ ବେହେରା ଏସ୍‌ଡିପିଓ ଜଗନ୍ନାଥ ସାଗର ନିକଟରେ ରାସ୍ତା କିପରି ଦବିବା ଘଟଣା କ'ଣ ତ୍ରୁଟି ରହିଥିଲା ସେ ଉପରେ ଆଲୋଚନ କରାଯାଇଥିଲା। ଜୟପୁରରେ ବର୍ଜ୍ୟବସ୍ତୁର ଗ୍ୟାସ୍ ପ୍ଲାଣ୍ଟ ସ୍ଥାପନ ହେବ। ତୁରନ୍ତ ୧୦ ଏକର ଜମି ଦେବାକୁ ପ୍ରଶାସନ ସ୍ତରରେ ଆଲୋଚନା ହୋଇଛି। ଶହେ କୋଟି ଟଙ୍କା ବିନିମୟରେ ସିଏନ୍‌ଜି ପ୍ଲାଣ୍ଟ ସ୍ଥାପନ ହେବ। ଜୟପୁର ପୌରାଞ୍ଚଳରେ ବାହାରୁ ଥିବା ବର୍ଜ୍ୟବସ୍ତୁରୁ ଗ୍ୟାସ୍ ପ୍ଲାଣ୍ଟ ହେବ। ଯାହାକି ଜୟପୁର ପାଇଁ ଏକ ଖୁସି ଖବର ବୋଲି ବିଧାୟକ ତାରା ପ୍ରସାଦ ବାହିନିପତି ସୂଚନା ଦେଇଛନ୍ତି। ଜଗନ୍ନାଥ ସାଗରର ଡିପିଆର୍ ଉପରେ ଆଲୋଚନା ହୋଇଥିଲା। ସାଗର ନିକଟରେ ଥିବା ପାର୍କ ନିର୍ମାଣ ଚାଲୁଥିବା ସମୟରେ ବନ୍ଦ ହୋଇଛି ତାହା ତୁରନ୍ତ କାର୍ଯ୍ୟ କରିବାକୁ ବିଧାୟକ ବାହିନିପତି ନିର୍ଦ୍ଦେଶ ଦେଇଥିଲେ। ଏମ୍‌ଆଇର ଅଧିକ୍ଷଣ ଯନ୍ତ୍ରୀ ଉପସ୍ଥିତ ଥିଲେ। ସାଗର ତଟରେ ନିର୍ମାଣାଧିନ ଡ୍ରେନ୍ କାର୍ଯ୍ୟ ଅଧା ଛାଡି ଠିକାଦାର ଚମ୍ପଟ୍ ମାରିଥିବା ବେଳେ ତାହାକୁ କଳା ତାଲିକାଭୁକ୍ତ କରି କେନସଲ କରିବା ସହ ନୂତନ ଟେଣ୍ଡର କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସାଗର ଓ ପାର୍କ ସଂଯୋଗ କରି ଏକ ବ୍ରିଜ୍ ନିର୍ମାଣ କରାଯାଇ ତାହାକୁ ସୌନ୍ଦର୍ଯ୍ୟକରଣ କରାଯିବ। ସାଗର ଚାରିପଟେ ରହିଥିବା ଜବର ଦଖଲ ଉଚ୍ଛେଦ କରିବାକୁ ପୌରପାଳିକାକୁ ନିର୍ଦ୍ଦେଶ ଦିଆଯାଇଛି। ଏହା ସହ ଜୟପୁରର ବିକାଶ ମୂଳକ କାର୍ଯ୍ୟ ରାସ୍ତାଘାଟ, ନାଳ, ମୁଖ୍ୟ ରାସ୍ତାରେ ସିସି କ୍ୟାମେରା ଲଗାଇବା ସହ ଜୟପୁର ରଥଯାତ୍ରା ଯେପରି ସୁରୁଖୁରୁରେ ଶେଷ ହେବ ସେ ନେଇ ଆଲୋଚନା ହୋଇଥିବା ବିଧାୟକ ବାହିନିପତି ସୂଚନା ଦେଇଥିଲେ।

ପୁଣି ଅସମ୍ମାନ:ବାଇକ୍‌ରେ ବୁହା ହେଲା ଶବ



ଉମରକୋଟ, ନ୍ୟୁଜ୍ ବ୍ୟୁରୋ

ଶବ ନେବାକୁ ଶବ ବାହକ ଗାଡ଼ିକୁ ଅର୍ଥ ଅଭାବରୁ ଶେଷରେ ବାଇକ୍‌ରେ ବୁହା ହୋଇ ଗାଁକୁ ଗଲା ଶବ। ଏଭଳି ଏକ ଘଟଣା ଦେଖିବାକୁ ମିଳିଛି ନବରଙ୍ଗପୁର ଜିଲ୍ଲା ଉମରକୋଟ ବ୍ଲକ ଅଧିନରେ। ବ୍ଲକର ମୂର୍ଣ୍ଡୁମା ପଞ୍ଚାୟତ ଆମ୍ବା ଗୁଡା ଗ୍ରାମର ଅନିତ୍ରା ଲୋହରା (୧୩) କୌଣସି ରୋଗରେ ପୀଡିତ ଥିଲେ। କିଛିଦିନ ତଳେ ପ୍ରଥମେ ପରିବାର ଲୋକେ ଅନିତ୍ରାଙ୍କୁ ଉମରକୋଟ ଉପଖଣ୍ଡ ଚିକିତ୍ସାଳୟରେ ଚିକିତ୍ସା କରାଇଥିଲେ। କିନ୍ତୁ ଅନିତ୍ରାଙ୍କ ରୋଗ ଠିକ୍ ନହେବାରୁ ଉପଖଣ୍ଡ ଚିକିତ୍ସାଳୟରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଥିଲା। ସେଠାରୁ ସୁସ୍ଥ ହୋଇ ଘରକୁ ଫେରିଥିଲେ। କିନ୍ତୁ ଅନିତ୍ରା ସ୍ୱାସ୍ଥ୍ୟ ବିଗିଡିବାରୁ ପରିବାର ଲୋକେ ଉମରକୋଟ ଉପଖଣ୍ଡ ଚିକିତ୍ସାଳୟକୁ ଆଣିଥିଲେ। ଉମରକୋଟରେ ଅନିତ୍ରା ଚିକିତ୍ସା ହେବାପରେ ପରିବାର ଲୋକେଙ୍କୁ ଉମରକୋଟ ବ୍ଲକ ସାନ ଭରଣ୍ଡି ଗ୍ରାମରେ ଥିବା ନିଜ ସମ୍ପର୍କୀୟ ଘରକୁ ନେଇଥିଲେ। କିନ୍ତୁ ସକାଳେ ସାନ ଭରଣ୍ଡି ଠାରେ ଅନିତ୍ରାଙ୍କ ମୃତ୍ୟୁ ଘଟିଥିଲା। ସାନଭରଣ୍ଡୀ ଗ୍ରାମବାସୀ ଶ୍ମଶାନରେ ଶବ ସତ୍କାର ସ୍ଥାନ ଦେବାକୁ ମନା କରିବା ସହ ଶବ ସଂସ୍କାର କରିବାକୁ ହେଲେ ଅର୍ଥ ଦାବି କରିଥିଲେ। ଅନିତ୍ରାଙ୍କ ପରିବାର ଲୋକେ ଗରିବ ଶ୍ରେଣୀର ହୋଇଥିବାରୁ ଅର୍ଥ ଦେବାର କ୍ଷମତା ନଥିବାରୁ ଏବଂ ଆମ୍ବୁଲାନ୍ସକୁ ଯୋଗାଯୋଗ ନକରି ବାଇକ୍ ଯୋଗେ ସାନ ଭରଣ୍ଡି ଠାରୁ ଆମ୍ବାଗୁଡା ୧୦ କିଲୋମିଟର ବାଇକ୍ ଯୋଗେ ଶବ ବୋହି ଆଣିଥିଲେ।

କେନ୍ଦ୍ରାପଡ଼ା ଜିଲ୍ଲାର ବିକାଶ ପ୍ରକଳ୍ପ ସମୀକ୍ଷା

କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ

କେନ୍ଦ୍ରାପଡା ଜିଲ୍ଲାରେ ଚାଲିଥିବା ବଡ ବଡ ପ୍ରକଳ୍ପ ଗୁଡିକର ଅଗ୍ରଗତି ସମ୍ପର୍କରେ ଏକ ସମୀକ୍ଷା ବୈଠକ ଜିଲ୍ଲା ସଦ୍‌ଭାବନା ଗୃହରେ ଜିଲ୍ଲାପାଳ ରଘୁରାମ୍. ଆର୍. ଆୟାର୍‌ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ସମୀକ୍ଷା ବୈଠକରେ ମହାକାଳପଡା ବିଧାୟକ ଡକ୍ଟର ଦୁର୍ଗା ପ୍ରସନ୍ନ ନାୟକ, ରାଜନଗର ବିଧାୟକ ଧ୍ରୁବଚରଣ ସାହୁ, ସାଂସଦଙ୍କ ପ୍ରତିନିଧି ସଂଜୟ କୁମାର ରଥ ପ୍ରମୁଖଙ୍କ ସହ ପୂର୍ତ୍ତ ବିଭାଗ ଜଳ ସମ୍ପଦ ବିଭାଗ, ଗ୍ରାମୀଣ ଉନ୍ନତି ବିଭାଗର ସମସ୍ତ ଅଧୀକ୍ଷଣ ଯନ୍ତ୍ରୀ ଓ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ରହି ଜିଲ୍ଲାରେ ଚାଲିଥିବା ଏକ କୋଟିରୁ ଉର୍ଦ୍ଧ୍ୱ ମୂଲ୍ୟର ପ୍ରକଳ୍ପଗୁଡିକର ସମୀକ୍ଷା କରାଯାଇଛି। ଏହି ପ୍ରକଳ୍ପଗୁଡିକୁ ସମୟସୀମା ମଧ୍ୟରେ ସାରି ଜନସାଧାରଣଙ୍କ ହିତରେ ଲଗାଇବା ପାଇଁ ଆଲୋଚନା କରାଯାଇଛି। ପ୍ରକଳ୍ପଗୁଡିକୁ ସମୟ ଭିତରେ ସାରିବା ପାଇଁ ଯାହା ଯାହା ଅସୁବିଧା ଉପୁଜୁଛି ସେଗୁଡିକୁ ଅଧିକାରୀମାନେ ନିଜ ଭିତରେ ସମନ୍ୱୟ ରଖି ସମାଧାନ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ ଜନ ସାଧାରଣଙ୍କ ହିତ ପାଇଁ ଜିଲ୍ଲାର କେତେକ ଜାଗାରେ ନୂଆ ପ୍ରକଳ୍ପ ଗୁଡିକୁ ସାମିଲ୍ କରିବା ପାଇଁ ଆଲୋଚନା ହୋଇଛି। ଅନେକଗୁଡିଏ ବିଭାଗ ସେମାନଙ୍କର କାର୍ଯ୍ୟକୁ ଠିକ୍ ଭାବରେ ତୁଲାଉନଥିବାରୁ ଏବଂ ଚାଲୁଥିବା ପ୍ରକଳ୍ପଗୁଡିକୁ ଗୁରୁତ୍ୱ ଦେଉନଥିବାରୁ ସମୀକ୍ଷା ବୈଠକରେ ଅସନ୍ତୋଷ ପ୍ରକାଶ ପାଇଛି। ଜିଲ୍ଲାର ବିକାଶକୁ ଦୃଷ୍ଟିରେ ରଖି ପ୍ରକଳ୍ପଗୁଡିକୁ ଯେପରି ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସାରିବା ପାଇଁ ଜିଲ୍ଲାପାଳ ସମସ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ଆଜିର ଭଲମନ୍ଦ

ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆ ପାଞ୍ଜି ଗଣନାକାର)
ମୋବାଇଲ-୯୩୩୭୬୯୩୦୨୨
csnastrology@gmail.com

ଉଦୟକାଳୀନ ଗ୍ରହଚକ୍ର



ସନ- ୧୪୩୩ ସାଲ, ଶକାବ୍ଦ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୬୯ଙ୍କ

ତା୧୨।୦୭।୨୦୨୬, ଆଷାଢ଼ ଦ୨୮ନ, ରବିବାର

ସୂର୍ଯ୍ୟୋଦୟ- ଘ ୫।୧୭।୦୬ ଚନ୍ଦ୍ରୋଦୟ- ରାଘ ୩।୪୦।୧୮

ତ୍ରୟୋଦଶୀ ରାଘ ୧୦।୩୩ ପର୍ଯ୍ୟନ୍ତ। ରୋହିଣୀ ନକ୍ଷତ୍ର ଦିଘ ୮।୩୦ ପର୍ଯ୍ୟନ୍ତ। ବୃଷ ଚନ୍ଦ୍ର ସଂଘ ୭।୦୮ ପର୍ଯ୍ୟନ୍ତ। **ଚନ୍ଦ୍ରଶୁଦ୍ଧି-** ବୃଷ, ମିଥୁନ, କର୍କଟ, ସିଂହ, ଧନୁ, କୁମ୍ଭ, ମୀନ ରାଶିର। ସଂଘ ୭।୦୮ ଗତେ ମେଷ, ମିଥୁନ, କର୍କଟ, ସିଂହ, ଧନୁ, ମକର, ମୀନ ରାଶିର। **ଘାତଚନ୍ଦ୍ର-** ବିଛା ରାଶିର। ସଂଘ ୭।୦୮ ଗତେ କନ୍ୟା ରାଶିର। **ଶ୍ରାଦ୍ଧନିର୍ଣ୍ଣୟ-** ତ୍ରୟୋଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। **ନିଷିଦ୍ଧ ଖାଦ୍ୟ-** ବାଇଗଣ ରାଘ ୧୦।୩୩ ଗତେ ବିରି ଖାଇବା ମନା। **ଆଜିର ଶୁଭବେଳା-** ପ୍ରାଘ ୭।୦୫ ଗତେ ଦିଘ ୯।୪୩ ମଧ୍ୟେ। ଦିଘ ୧।୩୨ ଗତେ ଦିଘ ୨।୫୬ ମଧ୍ୟେ। **ପର୍ବୋତ୍ସବ-** ଅଣସର ତ୍ରୟୋଦଶୀ।

ମେଷ: ପରିଶ୍ରମର ପରିମାଣ ଅଧିକ ହେବ। ଦୟାଳୁ ସ୍ୱଭାବଯୁକ୍ତ ହେବେ। ଆୟ ଓ ବ୍ୟୟ ସମାନ ରହିବ। ପାରିବାରିକ ଆନନ୍ଦ ଲାଭ ହେବ। ହଠାତ୍ ଶୁଭ ଖବର ମିଳିପାରେ। ମହିଳାମାନେ କର୍ତ୍ତବ୍ୟନିଷ୍ଠ ହେବେ।

ବୃଷ: କର୍ମକ୍ଷେତ୍ରରେ ବିଦ୍ରୋହ ଦେଖାଦେବ। ଏଣୁ ପରିଶ୍ରମୀ ହୋଇପାରନ୍ତି। ସୁସ୍ୱାଦୁ ଭୋଜନ ପ୍ରାପ୍ତ ହେବ। ରୋଜଗାର ମଧ୍ୟମ ଧରଣର ହେବ। ବନ୍ଧୁଙ୍କ ସାହାଯ୍ୟ ଓ ସହଯୋଗ ଲାଭ କରିବେ। ଗୃହେ ଆନନ୍ଦ ଦେଖାଦେବ।

ମିଥୁନ: ଆଜି ଆପଣଙ୍କର ଦିନଟି ଭଲରେ କଟିବ। ଆୟରେ ଉନ୍ନତି ହେବ। ଦେହ ଓ ମନ ଭଲ ରହିବ। ପାରିବାରିକ ସୁଖ ଶାନ୍ତି ଅବ୍ୟାହତ ରହିବ। ଶୁଭ ଖବର ମିଳିବାର ସମ୍ଭାବନା ମଧ୍ୟ ରହିଛି।

କର୍କଟ: ଆୟ ଠାରୁ ବ୍ୟୟର ମାତ୍ରା ବଢ଼ିବ। କର୍ମକ୍ଷେତ୍ରରେ ଲକ୍ଷ୍ୟ ହାସଲରେ ବିଳମ୍ବ ହେବ। ବନ୍ଧୁଙ୍କ ଆଚରଣ ମନରେ ସନ୍ଦେହ ଜାତ କରିବ। ସାମାଜିକ ସ୍ତରରେ ସୁଖ ସମ୍ମାନ ଲାଭ କରିବେ। ଲକ୍ଷ୍ୟ ହାସଲ କରିବେ।

ସିଂହ: ବ୍ୟବସାୟରେ ଲାଭବାନ୍ ହେବେ। ଆୟର ପରିମାଣ ବଢ଼ିବ। ମାଲିମୋକଦ୍ଦମାରେ ବିଜୟ ହାସଲ କରିବେ। ଶରୀର ସୁସ୍ଥ ରହିବ। ସୁସମ୍ବାଦ ଲାଭ କରିବେ। ଦେବ ଦର୍ଶନ ସାଙ୍ଗକୁ ଭ୍ରମଣ ଯୋଗ ମଧ୍ୟ ରହୁଛି।

କନ୍ୟା: କର୍ମକ୍ଷେତ୍ରରେ ସହଯୋଗ ଦେଖାଦେବ। ଖର୍ଚ୍ଚର ପରିମାଣ ବଢ଼ିବ। ପାରିବାରିକ କଳହ ଓ ଅଶାନ୍ତି ଦେଖାଦେବ। ବନ୍ଧୁଙ୍କ ସହ ମତାନ୍ତର ସୃଷ୍ଟି ହେବ। ଅଯଥାରେ ଦୂରକୁ ଯାତ୍ରା କରିବାକୁ ପଡ଼ିପାରେ।

ତୁଳା: ପରୋପକାରୀ ହେବେ। ଯାନବାହାନ କ୍ରୟ କରିପାରନ୍ତି। ରୋଜଗାର ଭଲ ହେବ। ଯଶ ଖ୍ୟାତି ବଢ଼ିବାର ସୂଚନା। ଶରୀର ଅସୁସ୍ଥ ରହିବ। ପାରିବାରିକ ସମସ୍ୟାର ସମାଧାନ ହେବ। ନୂତନ କର୍ମାରମ୍ଭ ହେବ।

ବିଛା: ଶାରୀରିକ ପୀଡ଼ା ଦେଖାଦେବ। ପାରିବାରିକ ଅଶାନ୍ତି ଦେଖାଦେବ। ଆୟ ସ୍ଥିର ରହିବ। ବନ୍ଧୁଙ୍କ କାର୍ଯ୍ୟ ନିମନ୍ତେ ମନରେ ଅଶାନ୍ତି ସୃଷ୍ଟି ହେବ। କର୍ମକ୍ଷେତ୍ରରେ ଅବନତି ମନକୁ ଭାରାକ୍ରାନ୍ତ କରିବ। ମହିଳାମାନେ ଗର୍ବୀ ହେବେ।

ଧନୁ: ଆୟ ଅପେକ୍ଷା ବ୍ୟୟ ଅଧିକ ହେବ। ପାରିବାରିକ ପ୍ରୀତି ଲାଭ ହେବ। କଚେରି ମାମଲାରେ ସଫଳତା ହାସଲ ହେବ। ଉତ୍ତମ ବନ୍ଧୁ ମିଳିବ। ଭ୍ରମଣ ସମୟରେ ଦ୍ରବ୍ୟ ନଷ୍ଟ ହୋଇପାରେ। ସାମାଜିକ ସ୍ତରରେ ପ୍ରଶଂସିତ ହେବେ।

ମକର: ଯଶ ଖ୍ୟାତି ବୃଦ୍ଧି ହେବ। ଦେହ ଓ ମନ ଭଲ ରହିବ। କର୍ମକ୍ଷେତ୍ରରେ ଅସ୍ଥିରତା ଦେଖାଦେବ। ଶୁଭ କାର୍ଯ୍ୟ ପାଇଁ ଦିନଟି ଅତି ଉତ୍ତମ। ଆୟ ଓ ବ୍ୟୟ ସମାନ ରହିବ। ଘରେ ଆନନ୍ଦ ଲାଭ ହେବ।

କୁମ୍ଭ: ଚାକିରୀ କ୍ଷେତ୍ରରେ ଅସହଯୋଗ ଦେଖାଦେବ। ଅପ୍ରିୟ ସତକଥା କହି ବିରୋଧି ହୋଇପାରନ୍ତି। ଖର୍ଚ୍ଚର ପରିମାଣ ଅଧିକ ହେବ। ମହିଳାମାନେ ସୁଖୀ ହେବେ। ବନ୍ଧୁଙ୍କ ସହଯୋଗ ଲାଭ କରି ଉପକୃତ ହେବେ। ମହିଳାମାନେ ସୁଖୀ ହେବେ।

ମୀନ: ଭୋଜନ ହେତୁ ଶାରୀରିକ ପୀଡ଼ା ଦେଖାଦେବ। ଅନେକ କ୍ଷେତ୍ରରେ ବିଜୟୀ ହେବେ। ବନ୍ଧୁ ମହଲରୁ ସମ୍ମାନିତ ହେବେ। ଦୂରଯାତ୍ରାରେ ସଫଳତା ହାସଲ ହେବ। ମଧ୍ୟାହ୍ନେ ଟେନ୍‌ସନ୍‌ର ମାତ୍ରା ବଢ଼ିବ।

ଆଗାମୀ କାଲିର ପଞ୍ଜିକା

ସନ- ୧୪୩୩ ସାଲ, ଶକାବ୍ଦ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୬୯ଙ୍କ

ତା୧୩।୦୭।୨୦୨୬, ଆଷାଢ଼ ଦ୨୯ନ, ସୋମବାର

ସୂର୍ଯ୍ୟୋଦୟ- ଘ ୫।୧୭।୨୮ ଚନ୍ଦ୍ରୋଦୟ- ନିଘ ୪।୫୦।୨୧

ଚତୁର୍ଦ୍ଦଶୀ ସଂଘ ୬।୫୧ ପର୍ଯ୍ୟନ୍ତ। ମୃଗଶିରା ନକ୍ଷତ୍ର ପ୍ରାଘ ୫।୪୩ ଗତେ ଆର୍ଦ୍ରା ନକ୍ଷତ୍ର କ୍ଷୟ। ମିଥୁନ ଚନ୍ଦ୍ର ଅହୋରାତ୍ର। **ଚନ୍ଦ୍ରଶୁଦ୍ଧି-** ମେଷ, ମିଥୁନ, କର୍କଟ, ସିଂହ, ଧନୁ, ମକର, ମୀନ ରାଶିର। **ଘାତଚନ୍ଦ୍ର-** କନ୍ୟା ରାଶିର। **ଶ୍ରାଦ୍ଧନିର୍ଣ୍ଣୟ-** ଚତୁର୍ଦ୍ଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। **ନିଷିଦ୍ଧ ଖାଦ୍ୟ-** ବିରି ସଂଘ ୬।୫୧ ଗତେ ଆମିଷ ଖାଇବା ମନା। **ଆଜିର ଶୁଭବେଳା-** ଦିଘ ୮।୪୯ ଗତେ ଦିଘ ୧୦।୩୫ ମଧ୍ୟେ। **ପର୍ବୋତ୍ସବ-** ଶିବ ଚତୁର୍ଦ୍ଦଶୀ ଉପବାସ ଓ ବେଢ଼ା ପରିକ୍ରମା। ଅଣସର ଚତୁର୍ଦ୍ଦଶୀ, ଶ୍ରୀଜୀଉଙ୍କର ପଣା ଲାଗି।

ସମ୍ପାଦକୀୟ
32 YEARS
ସମ୍ବାଦ କଳିକା

ଗ୍ରୀଷ୍ମ ପ୍ରବାହ ପାଇଁ ବିପଦରେ ଭାରତର ୧୪ ସହର

ଆଗାମୀ ବର୍ଷ ଭାରତର ବଡ଼ ସହରଗୁଡ଼ିକରେ ରହିବା କଷ୍ଟକର ହୋଇପାରେ । ପ୍ରବଳ ଗ୍ରୀଷ୍ମ ପ୍ରବାହ ଏହି ସହରଗୁଡ଼ିକରେ ଜନଜୀବନ ତିଷ୍ଠି ରହିବା କାଠିକର ପାଠ ହେବାର ଆଶଙ୍କା ରହିଛି । ସହର ନିର୍ମାଣ ଢାଞ୍ଚା ବି ଏହି ବିପଦକୁ ଅଧିକ ବଢ଼ାଉଥିବା ଅକ୍ସଫୋର୍ଡ ୟୁନିଭର୍ସିଟିର ଏକ ନୂଆ ଅଧ୍ୟୟନ ରିପୋର୍ଟରେ କୁହାଯାଇଛି । ଦୁନିଆର ୨୦୫ ବଡ଼ ସହରକୁ ନେଇ କରାଯାଇଥିବା ଏହି ଅଧ୍ୟୟନରେ ଭାରତ, ପାକିସ୍ତାନ, ନାଇଜେରିଆ ଏବଂ ଘାନାର ସହରଗୁଡ଼ିକ ଗ୍ରୀଷ୍ମ ପ୍ରବାହର ସବୁଠୁ ଅଧିକ ପ୍ରଭାବ ଦେଖିବାକୁ ମିଳିବ ବୋଲି ଜଣାଯାଇଛି । ଗ୍ରୀଷ୍ମ ପ୍ରବାହ ଯୋଗୁ ସର୍ବାଧିକ ପ୍ରଭାବିତ ହେବାକୁ ଥିବା ୫୦ ସହର ମଧ୍ୟରେ କେବଳ ଭାରତର ୧୪ ସହର ରହିଛି । ସଷ୍ଟେନେବଲ ସିଟିଜ୍ ଆଣ୍ଡ ସୋସାଇଟିରେ ପ୍ରକାଶିତ ଏହି ରିପୋର୍ଟ ଅନୁସାରେ, ସର୍ବାଧିକ ବିପଦରେ ଥିବା ସହରଗୁଡ଼ିକ ମଧ୍ୟରୁ ୯୫ ପ୍ରତିଶତରୁ ଅଧିକ ସହର ଦକ୍ଷିଣ ଏବଂ ଦକ୍ଷିଣ- ପୂର୍ବ ଏସିଆ ଏବଂ ଉପ-ସାହାରା ଆଫ୍ରିକୀୟ ଅଞ୍ଚଳରେ ରହିଛି । ଇରାକର ଅଲ୍ ? ବସ୍ରା ବିଶ୍ୱର ସବୁଠାରୁ ଅଧିକ ବିପଦପୂର୍ଣ୍ଣ ସହର ହୋଇଥିବାବେଳେ ଗୁଜରାଟର ଅହମ୍ମଦାବାଦ ଦ୍ୱିତୀୟରେ ରହିଛି । ବିଶ୍ୱ ତାପମାତ୍ରା କ୍ରମାଗତ ଭାବେ ବୃଦ୍ଧି ପାଉଥିବାବେଳେ କେଉଁ ସ୍ଥାନଗୁଡ଼ିକରେ ଲୋକେ ସବୁଠୁ ଅଧିକ ବିପଦରେ ଅଛନ୍ତି ତାହା ଏହି ଅଧ୍ୟୟନ ଜରିଆରେ ଚିହ୍ନଟ କରାଯାଇଛି । ଏହି ସହରଗୁଡ଼ିକ ମଧ୍ୟରେ ମହାରାଷ୍ଟ୍ରର ନାଗପୁର, ପୁନେ, ତାମିଲନାଡୁର ମଦୁରାଇ, ଚେନ୍ନାଇ, କର୍ଣ୍ଣାଟକର ବେଙ୍ଗାଲୁରୁ, ଉତ୍ତରପ୍ରଦେଶର କାନପୁର ଓ ଲକ୍ଷ୍ନୌ ସମେତ ୧୪ ସହର ରହିଛି । ଅଧ୍ୟୟନ ରିପୋର୍ଟର ମୁଖ୍ୟ ଲେଖିକା ତଥା ବ୍ରିଟେନର ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟର ଗବେଷିକା ନେଥମି ଜୟରନେ୍ କାରିୟାଓ୍ୱାସମ୍ କହିଛନ୍ତି, ଗ୍ରୀଷ୍ମ ପ୍ରବାହର ବିପଦ କେବଳ ଅଧିକ ତାପମାତ୍ରା ଯୋଗୁ ସୃଷ୍ଟି ହୁଏ ନାହିଁ । ସହରଗୁଡ଼ିକର ସାମାଜିକ, ଆର୍ଥିକ ସ୍ଥିତି ମଧ୍ୟ ଏଥିରେ ବଡ଼ ଭୂମିକା ନିଭାଇଥାଏ। ସହରଗୁଡ଼ିକରେ ସବୁଜିମା ନଷ୍ଟ ହେବା, କଂକ୍ରିଟ ନିର୍ମାଣ ବଢ଼ିବା ମଧ୍ୟ ଗରମକୁ ବୃଦ୍ଧି କରିଥାଏ। ବ୍ୟାଙ୍ଗ୍‌କକ୍ ଏବଂ ଜେଦାହରେ ଅଧିକ ଗ୍ରୀଷ୍ମ ପ୍ରବାହ ହେଲେ ବି ସେଠାରେ ଉନ୍ନତ ସ୍ୱାସ୍ଥ୍ୟ ସେବା, ମଜଭୁତ ଭିତ୍ତିଭୂମି ଢାଞ୍ଚା, କୁଲିଂ ବ୍ୟବସ୍ଥା ଥିବା ଯୋଗୁ ସେଠାରେ ବିପଦ ଅପେକ୍ଷାକୃତ କମ୍ । କିନ୍ତୁ କରାଚୀ, ଫୈସଲାବାଦ ଏବଂ ନାଇଜେରିଆର କାଦୁନା ଭଳି ସହରରେ ତାପମାତ୍ରା ଅପେକ୍ଷାକୃତ କମ୍ ହେବା ସତ୍ତ୍ୱେ ସେଠାରେ ଦୁର୍ବଳ ବ୍ୟବସ୍ଥା ଯୋଗୁ ଲୋକଙ୍କ ଉପରେ ଅଧିକ ବିପଦ ରହିଛି । ଗବେଷଣାର ସହପର୍ଯ୍ୟବେକ୍ଷିକା ରାଧିକା ଖୋସଲା କହିଛନ୍ତି, ଏସି ଉପରେ ବେଶୀ ନିର୍ଭର କଲେ ଅଧିକ ବିପଦ ସୃଷ୍ଟି ହେବ । ସମସ୍ତଙ୍କ ସୁରକ୍ଷା ସୁନିଶ୍ଚିତ କରିବାକୁ ହେଲେ ଆମକୁ କମ୍ ଶକ୍ତି ବ୍ୟବହାର କରୁଥିବା ପ୍ରଯୁକ୍ତିବିଦ୍ୟାକୁ ଆପଣାଇବାକୁ ପଡ଼ିବ।

ବିଷ୍ଣୁ ପ୍ରସାଦ ଦାସ

ସ୍ନେହ କୁଟୀର,
ଝାଞ୍ଜିରୀ ମଙ୍ଗଳା
କଟକ -୭୫୩୦୦୯
ମୋ: ୯୯୩୭୧୭୪୦୯୭

ସାମୁଦ୍ରିକ ପଥ ଅବରୋଧ

ବିଶ୍ୱ ରାଜନୀତିରେ ବର୍ତ୍ତମାନ ଏକ ଘୃଣ୍ୟ ପରମ୍ପରା ସୃଷ୍ଟି ହୋଇଛି । ବିକଶିତ ରାଷ୍ଟ୍ର ଗୁଡିକ ଏହି ପରମ୍ପରା ଭିତରେ ଇଚ୍ଛା ଥାଉ ବା ନ ଥାଉ ନିଜକୁ ସାମିଲ କରିବାକୁ ବାଧ ହେଉଛନ୍ତି । ଏହି ଅମାନବୀୟ ପ୍ରକ୍ରିୟାଟି ହେଲା ରାସ୍ତା ଅବରୋଧ କରିବା , ଅନ୍ତର୍ଜାତୀୟ ନିୟମକୁ ଖୋଲା ଖୋଲି ଉଲଂଘନ କରି ରାସ୍ତା ଅବରୋଧ କରାଯାଉଛି । ନିଜ ଦେଶର ସ୍ୱାର୍ଥ ନିମନ୍ତେ ଅନେକ ଦେଶ ଏହାର ବିକଳ୍ପ ଖୋଜୁଛନ୍ତି । ତେବେ କଥା ଉଠୁଛି ଏହି ରାସ୍ତା ଅବରୋଧର ପ୍ରଭାବ ବେଶୀ ଜଳପଥରେ ଦେଖା ଯାଉଛି । ପୃଥିବୀର ଅଶି ଭାଗ ବ୍ୟବସାୟ ଜଳପଥ ଉପରେ ନିର୍ଭରଶୀଳ , ପଣ୍ୟ ବାହୀ ସାମୁଦ୍ରିକ ପୋତ ଗୁଡିକୁ ବେନିୟମ ଭାବେ ଅଟକାଇବା ଦ୍ୱାରା ପୃଥିବୀରେ ନିତ୍ୟ ବ୍ୟବହାର୍ଯ୍ୟ ପଦାର୍ଥର ଘୋର ଅଭାବ ଦେଖା ଦେଇଛି । ଅନେକ ଦେଶର ଆର୍ଥିକ କ୍ଷତି ହେଉଛି ଏବଂ ସଧାରଣ ବର୍ଗର ଲୋକଙ୍କ ପାଇଁ ଏକ ଅଲଗା ପରିସ୍ଥିତି ସୃଷ୍ଟି ହୋଇଛି। ବିଶ୍ୱ ସାମୁଦ୍ରିକ ପଥରେ ଅନେକ ସଂକୀର୍ଣ୍ଣ ପଥ (ଷ୍ଟ୍ରେଟ୍) ରହିଛି ଏବଂ ଏହାର ଦୁରୁପଯୋଗ କରି ସମୁଦ୍ର ନିକଟବର୍ତ୍ତୀ ଦେଶ ଗୁଡିକ ନିଜର ସାମରିକ ପତିଆରା ଦେଖାଉଛନ୍ତି ।

ବିଶ୍ୱ ବାଣିଜ୍ୟ କାରବାର ନିମନ୍ତେ ଜଳ ପଥର ଏକ ସ୍ୱତନ୍ତ୍ର ସ୍ଥାନ ରହିଛି । ଜଳ ପଥରେ ସ୍ୱଳ୍ପ ବ୍ୟୟରେ ପରିବହନ ବ୍ୟବସ୍ଥାକୁ ସୁଚାରୁ ରୂପେ ପରିଚାଳନା କରି ହୁଏ। ଉପକୂଳବର୍ତ୍ତୀ ବିଶ୍ୱର ବିଭିନ୍ନ ଦେଶ ଜଳପଥ ଦ୍ୱାରା ସଂଯୁକ୍ତ ହୋଇଛି । ସାମୁଦ୍ରିକ ବନ୍ଦର ଗୁଡିକର ଆଧୁନିକୀକରଣ ବିଣିର୍ଜ୍ୟିକ କାରବାର ସହିତ ଯାତ୍ରୀ ସେବା ମଧ୍ୟ ସୁଚାରୁରୂପେ ଚଳାଇବା ନିମନ୍ତେ ସମାର୍ଥ ରଖିଛି । ଲ୍ୟାଣ୍ଡ ଲକ୍ ଦେଶ ଗୁଡିକ ମଲ୍ଟି ମୋଡ଼ ଟ୍ରାନ୍ସପୋର୍ଟ ବ୍ୟବସ୍ଥାକୁ ଆପଣେଇ ନେଉଛନ୍ତି ବା ଟ୍ରାନ୍ସ ସିପ୍ ମେଣ୍ଟ ଦ୍ୱାରା ନିଜ ଦେଶର ଚାହିଦା ମେଣ୍ଟାଉଛନ୍ତି । କିଛି ପ୍ରମୁଖ ଆନ୍ତର୍ଜାତିକ ବ୍ୟବସାୟିକ ଜଳ-ସ୍ଥଳ-ଜଳ ମାର୍ଗ ଉପରେ ଅବଲୋକନ କରିବା ଯାହାକି ବର୍ତ୍ତମାନ ସମୟରେ ବିଶ୍ୱ ରାଜନୀତିରେ ଏକ ସମ୍ବେଦନଶୀଳ ପରିସ୍ଥିତି ସୃଷ୍ଟି କରିଛି । ବିଶ୍ୱର ଶକ୍ତିଶାଳୀ ରାଷ୍ଟ୍ର ମାନେ ନିଜ ସ୍ୱାର୍ଥ ସାଧନା ନିମନ୍ତେ ଅନ୍ୟ ଦେଶ ଗୁଡିକ ପାଇଁ ମୁଣ୍ଡ ବିନ୍ଧାର କାରଣ ପାଲଟି ଯାଇଛନ୍ତି । ବ୍ୟବସାୟ ବାଣିଜ୍ୟ ବିନା ଦେଶର ଆର୍ଥିକ ପରିସ୍ଥିତି ନିମ୍ନ ଗାମୀ ହେବା ସ୍ୱାଭାବିକ କଥା । କିଛି ଯୁଦ୍ଧଖୋର ରାଷ୍ଟ୍ରର ମନୋବୃତ୍ତି ପାଇଁ ବିଶ୍ୱର ନବେ ପ୍ରତିଶତ ଦେଶର ଜନତା ତ୍ରାହି ତ୍ରାହି ଡାକ ଦେଲେଣି । ଗ୍ୟାସ ସଙ୍କଟ, ତୈଳ ସଙ୍କଟ ଦିନକୁ ଦିନ ଭୟାବହ ପରିସ୍ଥିତି ସୃଷ୍ଟି କରୁଛି। ହରମୁଜ୍ ପ୍ରଣାଳୀ କେତେବେଳେ ଖୋଲୁଛି ଏବଂ କେତେବେଳେ ବନ୍ଦ୍ ହେଉଛି ତାହା କହିବା ମୁସ୍କିଲ । ଏହି ପ୍ରକାର ଜଳପଥ , ଆକାଶ ପଥ ସ୍ଥଳ ପଥ କୁ ଯଦି ମୁଷ୍ଟିମେୟ ଦେଶ ମାନେ ଧମକ ଚମକ ଦେଇ ଶକ୍ତି ପ୍ରୟୋଗ କରି ବନ୍ଦ୍ କରିଦେବେ ତେବେ ପୃଥିବୀରେ ଅସ୍ଥିରତା ବଢି ଯିବ । ମୁଖ୍ୟ ବ୍ୟବସାୟିକ ଜଳ ମାର୍ଗ ଗୁଡିକ ମଧ୍ୟରୁ ୧୦ ଟି ମୁଖ୍ୟ ବାଣିଜ୍ୟିକ ମାର୍ଗ ଉପରେ କିଞ୍ଚିତ୍ ଆଲୋକପାତ କରିବା ।

୧. ଟ୍ରାନ୍ସ କାସ୍ପିଆନ୍ ଅନ୍ତର୍ଜାତୀୟ ପରିବହନ ମାର୍ଗ ଯାହାକି ଦକ୍ଷିଣ ପୂର୍ବ ଏସିଆ ଏବଂ ଚୀନରୁ କାଜାଖସ୍ତାନ୍, କାସ୍ପିଆନ୍ ସାଗର, ଆଜର ବାଇଜାନ୍, ଜର୍ଜିଆ ଏବଂ ତୁର୍କୀ ଦେଇ ୟୁରୋପକୁ ବାଣିଜ୍ୟ ମାର୍ଗ ରୂପେ ପରିଚିତ । ଜଳପଥ ସ୍ଥଳପଥ ଉଭୟ ପଥରେ ମଲ୍ଟି ମୋଡ୍ ଟ୍ରାନ୍ସପୋର୍ଟ ସିଷ୍ଟମ ଦ୍ୱାରା ଏହି ମାର୍ଗ ଦ୍ୱାରା ପରିବହନ କାର୍ଯ୍ୟ କରା ହେଉଛି । ଯଦିଓ ସମୟ ସମୟରେ ଉକ୍ତ ମାର୍ଗରେ ପଣ୍ୟ ପରିବହନକୁ ନେଇ ରାଜନୈତିକ ବାଧା ସୃଷ୍ଟି ହେଉଛି।

୨. କେପ୍ ଅଫ୍ ଗୁଡ୍ ହୋପ୍ - ଏହି ମାର୍ଗ ୟୁରୋପୀୟ-ଏସୀୟ ସମୁଦ୍ର ପଥ (ଦକ୍ଷିଣ ଆଫ୍ରିକା କେପ୍ ରୁଟ୍) ହେଉଛି ଆଟଲାଣ୍ଟିକ୍ ମହାସାଗରର ୟୁରୋପୀୟ ଉପକୂଳରୁ ଭାରତ ମହାସାଗରରେ ଏସିଆ ଉପକୂଳକୁ ଏକ ଜାହାଜ ଚଳାଚଳ ପଥ ରୂପେ ପରିଚିତ। ଏହା ଆଫ୍ରିକାର ଦକ୍ଷିଣ ଦିଗରେ କେପ୍ ଅଫ୍ ଗୁଡ୍ ହୋପ୍ ଏବଂ କେପ୍ ଆଗୁଲହାସ୍ ଦେଇ ସଂଯୁକ୍ତ ହୋଇଛି । କେପ୍ ରୁଟ୍ ଭାସ୍କୋ ଡା' ଗାମାଙ୍କ ଦ୍ୱାରା ଆବିଷ୍କୃତ ହୋଇଥିଲା । ସ୍ୱେଜ୍ କେନାଲ ପଥ ଖୋଲିବା ଫଳରେ ସମୟ ଏବଂ ବ୍ୟୟ ହ୍ରାସ ନିମନ୍ତେ ଲମ୍ବା କେପ୍ ଜଳପଥ ଦେଇ ଜାହାଜ ପରିବହନ ୯୦ ପ୍ରତିଶତ ହ୍ରାସ ପାଇଛି । ଯେଉଁ ବିଶାଳକାୟ ଜାହାଜ ଗୁଡିକ ସ୍ୱେଜ୍ କେନାଲ ଦେଇ ଯାଇ ପାରେ ନାହିଁ ସେହି ଗୁଡିକ କେପ୍ ରୁଟ୍ ବ୍ୟବହାର କରିଥାଏ । ଯଦି କୌଣସି କାରଣ ବଶତଃ ସ୍ୱେଜ କେନାଲ ବନ୍ଦ ହୋଇ ଯାଏ ତେବେ ବ୍ୟୟ ବହୁଳ ବିକଳ୍ପ ପଥ ହିସାବରେ କେପ୍ ଅଫ୍ ଗୁଡ୍ ହୋପ୍ ପଥକୁ ବ୍ୟବହାର କରିବାକୁ ହୁଏ ।

୩. ଟ୍ରାନ୍ସ ଆଟ୍ଲାଣ୍ଟିକ୍ ମାର୍ଗ ...ଟ୍ରାନ୍ସଆଟଲାଣ୍ଟିକ୍ ମାର୍ଗ ଗୁଡ଼ିକ ହେଉଛି ୟୁରୋପ ଆଫ୍ରିକା ଏବଂ ଆମେରିକା ମଧ୍ୟରେ ଆଟଲାଣ୍ଟିକ୍ ମହାସାଗର ଦେଇ ଯାତ୍ରୀ ଏବଂ ମାଲ୍ ପରିବହନର ଅନ୍ୟତମ ପଥ । ଅଧିକାଂଶ ଯାତ୍ରୀ ପରିବହନ ପଶ୍ଚିମ ୟୁରୋପ ଏବଂ ଉତ୍ତର ଆମେରିକା ମଧ୍ୟରେ ଉତ୍ତର ଆଟଲାଣ୍ଟିକ୍ ମହାସାଗର ଦେଇ ହୋଇଥାଏ । ଯଦିଓ ବର୍ତ୍ତମାନ୍ ଅନେକ ଯାତ୍ରୀ ବିମାନ ସେବା ଦ୍ୱାରା ନିଜ ଗନ୍ତବ୍ୟ ସ୍ଥଳ ରେ ଖୁବ୍ କମ୍ ସମୟରେ ପହଞ୍ଚି ପାରୁଛନ୍ତି। ତେଣୁ ଏହି ପଥରେ ତୈଳ ଏବଂ କଣ୍ଟେନର ବାହୀ ଜାହାଜ ବେଶୀ ଚଳା ଚଳ କରେ ।

୪. ଟ୍ରାନ୍ସ ପାସିଫିକ୍ ମାର୍ଗ -- ଟ୍ରାନ୍ସପାସିଫିକ୍ କ୍ରସିଂ ହେଉଛି ଏସିଆ, ଓସେନିଆ ଏବଂ ଆମେରିକା ମଧ୍ୟରେ ପ୍ରଶାନ୍ତ ମହାସାଗର ଦେଇ ଯାତ୍ରୀ ଏବଂ ମାଲ ପରିବହନ ମାର୍ଗ । ଟ୍ରାନ୍ସପାସିଫିକ୍ ଯାତ୍ରା ଗୁଡ଼ିକ ପ୍ରାୟତଃ ଆନ୍ତର୍ଜାତୀୟ ତାରିଖ ରେଖା ଅତିକ୍ରମ କରେ । ମାର୍ଚ୍ଚ ୧୫୨୧ ରେ ସ୍ପେନର ଐତିହାସିକ ମାଗେଲାନ୍ ଅଭିଯାନ ଦ୍ୱାରା ପ୍ରଶାନ୍ତ ମହାସାଗରର ପାର କରିବାରେ ପ୍ରଥମ ରେକର୍ଡ ହାସଲ କରା ଯାଇଥିଲା ।

୫. ଦକ୍ଷିଣ ଚାଇନା ସାମୁଦ୍ରିକ ମାର୍ଗ ---ଦକ୍ଷିଣ ଚୀନ୍ ସାଗର ହେଉଛି ପଶ୍ଚିମ ପ୍ରଶାନ୍ତ ମହାସାଗରର ଏକ ସୀମାନ୍ତ ସମୁଦ୍ର । ଏହା ଉତ୍ତରରେ ଦକ୍ଷିଣ ଚୀନ୍, ପଶ୍ଚିମରେ ଇଣ୍ଡୋଚୀନ୍ ଉପଦ୍ୱୀପ, ପୂର୍ବରେ ତାଇୱାନ ଏବଂ ଉତ୍ତର-ପଶ୍ଚିମ ଫିଲିପାଇନ୍ସ ଦ୍ୱୀପପୁଞ୍ଜ (ମୁଖ୍ୟତଃ ଲୁଜୋନ୍, ମିଣ୍ଡୋରୋ ଏବଂ ପାଲାଓ୍ୱାନ୍) ଏବଂ ଦକ୍ଷିଣରେ ବୋର୍ନିଓ, ପୂର୍ବ ସୁମାତ୍ରା ଏବଂ ବାଙ୍ଗକା ବେଲିଟୁଙ୍ଗ ଦ୍ୱୀପପୁଞ୍ଜ ଦ୍ୱାରା ଘେରି ରହିଛି, ଯାହା ପ୍ରାୟ ୩୫୦୦୦୦୦ ବର୍ଗ କିମି ଅଞ୍ଚଳ ପରିବ୍ୟାପ୍ତ । ଏହା ତାଇୱାନ୍ ସଟ୍ରେଟ/ ପ୍ରଣାଳୀ ମାଧ୍ୟମରେ ପୂର୍ବ ଚୀନ୍ ସାଗର, ଲୁଜୋନ୍ ପ୍ରଣାଳୀ ମାଧ୍ୟମରେ ଫିଲିପାଇନ୍ସ ସାଗର, ପାଲାଓ୍ୱାନ୍ ଚାରି ପାଖରେ ଥିବା ପ୍ରଣାଳୀ ମାଧ୍ୟମରେ ସୁଲୁ ସାଗର, କରିମାଟା ଏବଂ ବାଙ୍ଗକା ପ୍ରଣାଳୀ ମାଧ୍ୟମରେ ଜାଭା ସାଗର ଏବଂ ସିଧାସଳଖ ଥାଇଲ୍ୟାଣ୍ଡ ଉପସାଗର ସହିତ ଯୋଗାଯୋଗ କରିଥାଏ । ଏହା ସହିତ, ଟୋଙ୍କିନ୍ ଉପସାଗର ଦକ୍ଷିଣ ଚୀନ୍ ସାଗରର ଏହା ଏକ ଅଂଶ ବୋଲି ଧରାଯାଏ ।

୬.ପାନାମା କେନାଲ୍ --ପାନାମା କେନାଲ ହେଉଛି ପାନାମାର ଏକ କୃତ୍ରିମ ୮୨ କିଲୋମିଟର ଜଳପଥ ଯାହା କାରିବିଆନ୍ ସାଗରକୁ ପ୍ରଶାନ୍ତ ମହାସାଗର ସହିତ ସଂଯୋଗ କରେ । ଏହା ପାନାମାର ସବୁଠାରୁ ସଂକୀର୍ଣ୍ଣ ଭୂଖଣ୍ଡକୁ କାଟି ଆଟଲାଣ୍ଟିକ୍ ମହାସାଗର ଏବଂ ପ୍ରଶାନ୍ତ ମହାସାଗର ମଧ୍ୟରେ ସାମୁଦ୍ରିକ ବାଣିଜ୍ୟ ପାଇଁ ଏକ ସୁଗମ ପଥ । ପ୍ରତ୍ୟେକ ମୁଣ୍ଡରେ ଥିବା ଲକ୍ ଗେଟ୍ ଦ୍ୱାରା ଜଳ ପତ୍ତନ ବଢାଇ ଜାହାଜକୁ ଗାଟୁନ୍ ହ୍ରଦ ପର୍ଯ୍ୟନ୍ତ ଉଠା ଯାଇ ଥାଏ । ଗାଟୁନ୍ ହ୍ରଦ ସମୁଦ୍ର ପତ୍ତନଠାରୁ ୨୬ ମିଟର ଉଚ୍ଚ ଏକ କୃତ୍ରିମ ମଧୁର ଜଳ ହ୍ରଦ । ଏହା ଚାଗ୍ରେସ୍ ନଦୀ ଏବଂ ଆଲାଜୁଏଲା ନଦୀ ଜଳ ଦ୍ୱାରା ସୃଷ୍ଟି ହୋଇଥିବା ହ୍ରଦ । ଗାଟୁନ୍ ହ୍ରଦ ଜଳକୁ ପାନାମା କେନାଲରେ ଜାହାଜ ଯାତାୟାତ ନିମନ୍ତେ ବ୍ୟବହାର କରାଯାଏ । ଦୁଇ ପଟ ସମୁଦ୍ର ପତ୍ତନରେ ଅନେକ ତାରତମ୍ୟ ତଥା ଅସମତଳ ଭୂଖଣ୍ଡକୁ କେନାଲ୍ ଲକ୍ ଗେଟ୍ ମାଧ୍ୟମରେ ଉଚ୍ଚତମ ସ୍ତରକୁ ନେବା ପୁନଶ୍ଚ ଜଳ ନିଷ୍କାସନ କରି ଜାହାଜ ଗୁଡିକୁ ସ୍ୱସ୍ଥାନକୁ ଆଣି ପାନାମା କେନାଲ ପାର କରାଇବା କାର୍ଯ୍ୟ ସାଧିତ ହୁଏ । ମୂଳ ଲକ୍ ଗେଟ୍ ଗୁଡ଼ିକ ୩୩.୫ ମିଟର ଚଉଡା ହୋଇ ଥିବାରୁ କେବଳ ସେହି କ୍ଷମତା/ଆକାରର ଜାହାଜ ଗୁଡ଼ିକୁ ତାହା ମଧ୍ୟରେ ଯିବାକୁ ଅନୁମତି ଦିଆଯାଏ । ସେପ୍ଟେମ୍ବର ୨୦୦୭ ଏବଂ ମେ ୨୦୧୬ ମଧ୍ୟରେ ଏକ ତୃତୀୟ, ପ୍ରଶସ୍ତ କେନାଲ୍ ଗେଟ୍ ନିର୍ମାଣ କରା ଯାଇଅଛି, ଯାହା ଦ୍ୱାରା ବିଶାଳକାୟ ଜାହାଜ ଗୁଡିକ ଅନାୟାସରେ କେନାଲ୍ ପାରି ହୋଇ ନିଜ ଗନ୍ତବ୍ୟ ସ୍ଥଳରେ ପହଞ୍ଚି ପାରୁଛି ।

୭.ସ୍ୱେଜ କେନାଲ୍ ---ସ୍ୱେଜ୍ କେନାଲ୍ ହେଉଛି ଏକ ମାନବ ନିର୍ମିତ ଜଳପଥ ଯାହା ମିଶର/ ଇଜିପ୍ଟ ଦେଇ ଉତ୍ତର-ଦକ୍ଷିଣକୁ ଯୋଡ଼ି ଥାଏ । ସ୍ୱେଜ୍ କେନାଲ୍ ଭୂମଧ୍ୟ ସାଗରକୁ ଲୋହିତ ସାଗର ସହିତ ସଂଯୋଗ କରେ, ଏହାକୁ ୟୁରୋପରୁ ଏସିଆକୁ ଯିବା ପାଇଁ ସବୁଠାରୁ ଛୋଟ ସାମୁଦ୍ରିକ ପଥ ରୂପେ ମାନ୍ୟତା ଦିଆ ଯାଉଛି । ଏହା ଦ୍ୱାରା ସମୟ ସହିତ ବ୍ୟୟ ମଧ୍ୟ ହ୍ରାସ ପାଇଥାଏ । ୧୮୬୯ ରେ ଏହାର ନିର୍ମାଣ ସମାପ୍ତି ପରଠାରୁ, ଏହା ବିଶ୍ୱର ସବୁଠାରୁ ଅଧିକ ବ୍ୟବହୃତ ଜାହାଜ ପଥ ମଧ୍ୟରୁ ଗୋଟିଏ ହୋଇ ଯାଇଛି ।

୮.ଷ୍ଟ୍ରେଟ୍ ଅଫ୍ ହରମୁଜ୍--- ହରମୁଜ୍ ପ୍ରଣାଳୀ ବିଶ୍ୱର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଏବଂ ରାଜନୈତିକ ଜଳପଥ ମଧ୍ୟରୁ ଗୋଟିଏ । ଏହା ଇରାନର ଦକ୍ଷିଣ ଉପକୂଳ ଏବଂ ଓମାନର ଉତ୍ତର ଉପକୂଳ ଏବଂ ସଂଯୁକ୍ତ ଆରବ ଏମିରେଟ୍ସ ମଧ୍ୟରେ ଅବସ୍ଥିତ ଏକ ସଂକୀର୍ଣ୍ଣ ଜଳପଥ । ଏହି ପ୍ରଣାଳୀ ପାରସ୍ୟ ଉପ ସାଗରକୁ ଓମାନ୍ ଉପସାଗର ଏବଂ ଆରବ ସାଗର ସହିତ ସଂଯୋଗ କରେ, ଯାହା ପାରସ୍ୟ ଉପସାଗର ଚାରିପାଖରେ ଥିବା ତୈଳ ସମୃଦ୍ଧ ଦେଶ ଗୁଡ଼ିକରୁ ବିଶ୍ୱର ଅନ୍ୟାନ୍ୟ ସ୍ଥାନକୁ ପ୍ରାକୃତିକ ଗ୍ୟାସ/ ତୈଳ ପରିବହନ କରୁଥିବା ତୈଳ ଟ୍ୟାଙ୍କର ଏବଂ ଜାହାଜ ପାଇଁ ଏକମାତ୍ର ସମୁଦ୍ର ପଥ । ସଦା ସର୍ବଦା ଯୁଦ୍ଧର ବିଭୀଷିକା ଏହି ଅଞ୍ଚଳରେ ଦେଖାଯାଏ ଅନେକ ତୈଳବାହୀ ଜାହାଜ ନଷ୍ଟ ହୁଏ । ୯.ଷ୍ଟ୍ରେଟ୍ ଅଫ୍ ମାଲାକା --ମାଲାକ୍କା ପ୍ରଣାଳୀ, ଆଣ୍ଡାମାନ ସାଗର (ଭାରତ ମହାସାଗର) ଏବଂ ଦକ୍ଷିଣ ଚୀନ୍ ସାଗର (ପ୍ରଶାନ୍ତ ମହାସାଗର) କୁ ସଂଯୋଗ କରୁଥିବା ଏକ ଗୁରୁତ୍ୱପୂର୍ଣ୍ଣ ସଂକୀର୍ଣ୍ଣ ଜଳ ପଥ । ଏହା ପଶ୍ଚିମରେ ଇଣ୍ଡୋନେସିଆର ସୁମାତ୍ରା ଦ୍ୱୀପ ଏବଂ ପୂର୍ବରେ ଉପଦ୍ୱୀପ (ପଶ୍ଚିମ) ମାଲେସିଆ ଏବଂ ଦକ୍ଷିଣ ଥାଇଲ୍ୟାଣ୍ଡ ମଧ୍ୟରେ ଅବସ୍ଥିତ ଏବଂ ଏହାର କ୍ଷେତ୍ରଫଳ ପ୍ରାୟ ୬୫୦୦୦ ବର୍ଗ କିଲୋମିଟର । ଏହି ପ୍ରଣାଳୀ ୮୦୦ କିଲୋମିଟର ଲମ୍ବା ଏବଂ କାହାଳୀ ବା ଫନେଲ୍ ଆକୃତିର । ଦକ୍ଷିଣରେ ଏହାର ପ୍ରସ୍ଥ ମାତ୍ର ୬୫ କିଲୋମିଟର ଯାହା ଉତ୍ତର ଆଡକୁ ସୁମାତ୍ରାର ୱି ଦ୍ୱୀପ ଏବଂ ମୁଖ୍ୟ ଭୂମିରେ କ୍ରାର ମଧ୍ୟରେ ପ୍ରାୟ ୨୫୦ କିଲୋମିଟର ପର୍ଯ୍ୟନ୍ତ ବିସ୍ତାରିତ ହୋଇଛି । ଏହି ପ୍ରଣାଳୀର ନାମ ମଲାକା (ମାଲାକ୍କା) ବାଣିଜ୍ୟ ବନ୍ଦରରୁ ଆସିଛି । ଯାହା ୧୬ ଶ ଏବଂ ୧୭ ଶ ଶତାବ୍ଦୀରେ ଗୁରୁତ୍ୱପୂର୍ଣ୍ଣ ଥିଲା । ୧୦.ଇଂଲିଶ୍ ଚ୍ୟାନେଲ୍ -- ଇଂଲିଶ୍ ଚ୍ୟାନେଲ୍, ଆଟଲାଣ୍ଟିକ୍ ମହାସାଗରର ସଂକୀର୍ଣ୍ଣ ଜଳପଥ ଯାହା ଇଂଲଣ୍ଡର ଦକ୍ଷିଣ ଉପକୂଳକୁ ଫ୍ରାନ୍ସର ଉତ୍ତର ଉପକୂଳରୁ ପୃଥକ କରେ ଏବଂ ପୂର୍ବ ଦିଗରେ ଡୋଭର ପ୍ରଣାଳୀ (ଫରାସୀ: ପାସ୍ ଡି କାଲାଇସ୍) ଠାରେ ଉତ୍ତର ସାଗର ସହିତ ସଂଯୋଗ ସ୍ଥଳକୁ ସଙ୍କୁଚିତ କରିଛି । ପ୍ରାୟ ୭୫୦୦୦ ବର୍ଗ କିଲୋମିଟର କ୍ଷେତ୍ରଫଳ ସହିତ, ଏହା ୟୁରୋପର ମହାଦେଶୀୟ ଅଗଭୀର ସମୁଦ୍ର ମଧ୍ୟରୁ ସବୁଠାରୁ ଛୋଟ ଜଳପଥ ଭାବରେ ଚିହ୍ନିତ ହୋଇଛି । ଉତ୍ତର ଆଟଲାଣ୍ଟିକ୍ ମହାସାଗରରେ ସିଲି ଦ୍ୱୀପପୁଞ୍ଜ ଏବଂ ଉଶାନ୍ତ ଦ୍ୱୀପପୁଞ୍ଜ ମଧ୍ୟରେ ଏକ ରେଖା ଦ୍ୱାରା ଚିହ୍ନିତ ଏକ କାଳ୍ପନିକ ସୀମା – ଏହାର ପ୍ରସ୍ଥ ୧୮୦ କିଲୋମିଟର ରୁ ସର୍ବନିମ୍ନ ୩୫ କିଲୋମିଟରକୁ ସଙ୍କୁଚିତ ହୋଇ ଥିବାର ଦେଖାଯାଏ । ଏହାର ହାରାହାରି ଗଭୀରତା ୪୫ ରୁ ୧୨୦ ମିଟର ମଧ୍ୟରେ ଥାଏ ଫଳରେ ମଧ୍ୟମ ତଥା ବଡ଼ ବଡ଼ ଜାହାଜ ଗୁଡିକ ଚଳାଚଳ ନିମନ୍ତେ କୌଣସି ବାଧା ଉପୁଜେ ନାହିଁ । ବର୍ତ୍ତମାନ ଚତୁର ରାଷ୍ଟ୍ରମାନେ ଆଗାମୀ ପଚାଶ ବର୍ଷ ଆଖି ଆଗରେ ରଖି ନିଜ ଦେଶର ସ୍ୱାର୍ଥ ପାଇଁ ତଥା ଶତ୍ରୁ ରାଷ୍ଟ୍ରକୁ ଜବାବ ଦେବା ପାଇଁ ବିକଳ୍ପ ପଥ ଖୋଜିବାରେ ବ୍ୟସ୍ତ । ଏହି ପରିପ୍ରେକ୍ଷୀରେ ଭାରତର ପ୍ରଧାନ ମନ୍ତ୍ରୀ ସୀସେଲ ଗସ୍ତରେ ଯାଇ ଥିଲେ । ସୀସେଲ ସହିତ ଅନେକ ଅନ୍ତର୍ଜାତୀୟ ବୁଝାମଣା ସହିତ ଭାରତ ମହାସାଗରରେ ଭାରତର ଏବଂ ସୀସେଲ ର ନିରାପତ୍ତା ଉପରେ ଗୁରୁତ୍ୱ ଦେଇଥିଲେ । ସୀସେଲ ବନ୍ଦର ଏବଂ ଆମେରିକାର ଡିଏଗ ଗ୍ରାସିଆ ମଧ୍ୟରେ ଭାରତର ନୌବାହିନୀ ସୁରକ୍ଷା ଦୃଷ୍ଟିରୁ କାର୍ଯ୍ୟ କରିବ । ଇଣ୍ଡୋନେସି ଗସ୍ତ କରି ଇଣ୍ଡୋନେସିଆର ଏକ ଛୋଟ ଦ୍ୱୀପ ଯାହାକି ନିକୋବର ଦ୍ୱୀପପୁଞ୍ଜରୁ ମାତ୍ର ୧୬୧ କିଲୋମିଟର ଦୂରରେ ଅବସ୍ଥିତ ତାହାର ସାବାଙ୍ଗ ସାମୁଦ୍ରିକ ବନ୍ଦରର ଉନ୍ନତି ତଥା ବ୍ୟବହାର ପାଇଁ ରାଜିନାମା କରୁଛନ୍ତି । ଏହା ଫଳରେ ଭାରତ ମହା ସାଗର ଦେଇ ଦକ୍ଷିଣ ଚୀନ ସାଗରକୁ ଯାଉଥିବା ପଣ୍ୟବାହୀ ଜାହାଜକୁ ନିୟନ୍ତ୍ରଣ କରିହେବ । ଭବିଷ୍ୟତରେ ଯଦି ଚୀନ ଦେଶ ଶତ୍ରୁତା କରିବ ତବେ ତା ପାଇଁ ଜଳପଥ ରୋକି ଦେବାକୁ ଭାରତ ସମର୍ଥ ହେବ । ଚୀନ ଦେଶର ଚକ୍ରାନ୍ତରେ ବଙ୍ଗଳାଦେଶରେ ମଙ୍ଗଳା ବନ୍ଦର ଭାରତ ହାତରୁ ଚାଲିଗଲା , ଭାରତ ଏହି ବନ୍ଦର ପାଇଁ ଅନେକ ଆର୍ଥିକ ସହାୟତା କରିଥିଲା । ମଧ୍ୟ ପ୍ରାଚ୍ୟର ଚାର-ବାହାର ବନ୍ଦର ମଧ୍ୟ ଭାରତ ହାତରୁ ଚାଲି ଯାଇଛି ।

ଆମେ ବର୍ତ୍ତମାନ ତୃତୀୟ ବିଶ୍ୱ ଯୁଦ୍ଧ ଦେଖିବା ଅପେକ୍ଷାରେ ଥିବା ପରି ମନେ ହୁଏ । ବିଶ୍ୱ ଶାନ୍ତି ପରିବର୍ତ୍ତେ ବିଶ୍ୱରେ ଅରାଜକତା ଅନେକାଂଶରେ ବଢି ଯାଇଛି, ଆଣବିକ ଶକ୍ତିରେ ବଳିୟାନ୍ ଦେଶ ଗୁଡିକ ମଧ୍ୟରେ ବୁଝାମଣାର ଘୋର ଅଭାବ ଦୃଷ୍ଟିଗୋଚର ହୁଏ । ଅନେକ ଦେଶ ଧର୍ମକୁ ଦ୍ୱାହି ଦେଇ ବିଶୃଙ୍ଖଳା ସୃଷ୍ଟି କରୁଛନ୍ତି । ଜୋର ଯାହାର ମୁଲକ୍ ତାହାର ନୀତିରେ ବିଶ୍ୱ ରାଜନୀତି ଚାଲିଛି ।। ବର୍ତ୍ତମାନ ଏହିସବୁ ବିଷୟକୁ ବିଚାର କରାଯାଇ ବିଶ୍ୱ ବାଣିଜ୍ୟ କାରବାର ପାଇଁ ବ୍ୟବହୃତ ହେଉଥିବା ଜଳପଥ ଆକାଶ ପଥ ତଥା ସ୍ଥଳ ପଥକୁ ନିଜ ଦେଶର ସ୍ୱାର୍ଥ ପାଇଁ ସୁରକ୍ଷା ଦେବା ଛଡା ଅନ୍ୟ କୌଣସି ବିକଳ୍ପ ନାହିଁ ।

ନିଶାପ

(ନିରପେକ୍ଷ ଶାସନ ପଦ୍ଧତି)

ସଦ୍‌ଗୁରୁ ଶ୍ରୀ ଶ୍ରୀ ଶ୍ରୀ ଅଭିରାମ ସରସ୍ୱତୀ

ସମ୍ଭବ

ହେ ଭକ୍ତ ସମ୍ଭବପର ସବୁ ହୋଇପାରେ । ସେହି ଭକ୍ତ, ଯେ ନିଷ୍କାମ ଓ ନିଷ୍ଠାର ସହିତ ସତ୍ୟକୁ ଆଧାର କରି ସମୟର ପ୍ରତ୍ୟେକ ମୂହୁର୍ତ୍ତକୁ ଶାନ୍ତିର ବାଣୀ ଦ୍ୱାରା ପରିଚାଳନା କରିଥାଏ। ସେହି ଭକ୍ତ ହିଁ ସମାଜ ପାଇଁ ସମ୍ଭବପର ହୋଇଥାଏ । କାରଣ ତା ପାଖରେ ଅସମ୍ଭବ କିଛି ନାହିଁ । କାରଣ ତାର କାୟ ମନ ବାକ୍ୟରେ ସମ୍ବଳ ହିଁ ସ୍ୱୟଂ ଈଶ୍ୱର । ତେଣୁ ସେ ନିର୍ଭିକ ବିବେକବାନ ସେ ହିଁ ଧର୍ମ । ସେ ହିଁ ସନାତନ ।

ତେଣୁ ହେ ଭକ୍ତ ସମ୍ଭବକୁ ଅସମ୍ଭବ ଭାବିବା ଭାରି ସହଜ କିନ୍ତୁ ତାକୁ ପାଳନ କରିବା ଭାରି କଷ୍ଟ । କିନ୍ତୁ ସମ୍ଭବ ଭକ୍ତର ଭାଷାକୁ ବୁଝିବା ଭାରି କଷ୍ଟ । ତାର ବାକ୍ୟକୁ ଗ୍ରହଣ କରିବା ସବୁଠାରୁ କଷ୍ଟ । ସେତିକି ନିଷ୍ଠା ଥିବା ଦରକାର । ଯେପରି ଅଙ୍ଗୁରୁ ଖାଇ ନପାରିଲେ ଖଟା ବୋଲି କହିଥାଆନ୍ତି ସେହିପରି ଭକ୍ତର ମନକୁ ନ ବୁଝି ତାକୁ ହେୟ ଜ୍ଞାନ କରିଥାଆନ୍ତି ଏହି ବଦ୍ଧଜୀବମାନେ । ତେଣୁ ହେ ଭକ୍ତ ପାତ୍ରରେ ଦାନ ଦିଅ । ଅ ପାତ୍ରରେ ନୁହେଁ । ତାର ଅର୍ଥ ହେଲା –

"ମୂର୍ଖଙ୍କୁ ଦେଲେ ଉପଦେଶ
ଲାଗିବ ବ୍ରହ୍ମହତ୍ୟା ଦୋଷ ।"
ତେଣୁ ବୁଝି ବିଚାରୀ କାର୍ଯ୍ୟ କଲେ
ପ୍ରମାଦ ନ ପଡଇ ଭଲେ । ହରି ଓଁ ।

◆◆

ଭାରତ ପାଇଁ ସମସ୍ୟା ହେବ କି ଖସୁଥିବା ଜନ୍ମହାର ?

ବିଜନ କୁମାର ମହାପାତ୍ର

ଉମା ନଗର, ଚତୁର୍ଥ ଲେନ
ଲାଞ୍ଜିପଲ୍ଲୀ, ବ୍ରହ୍ମପୁର -୮
ମୋ-୮୮୪୭୮୪୨୪୨୪

ଭାରତରେ ପ୍ରଥମ ଥର ପାଇଁ ମୋଟ ପ୍ରଜନନ ହାର (ଟୋଟାଲ ଫର୍ଟିଲିଟି ରେଟ୍) -ଟିଏଫଆର 'ପ୍ରତିସ୍ଥାପନ ସ୍ତର' ବା ରିପ୍ଲେସମେଣ୍ଟ ଲେବେଲର ତଳକୁ ଖସିଥିବା ନେଇ ରିପୋର୍ଟ ପ୍ରକାଶ ପାଇଛି । ସରଳ ଭାଷାରେ 'ପ୍ରତିସ୍ଥାପନ ସ୍ତର'ର ଅର୍ଥ ହେଉଛି ଭାରତୀୟ ପରିବାରଗୁଡିକରେ ହାରାହାରି ଜନ୍ମ ହେଉଥିବା ପିଲାଙ୍କ ସଂଖ୍ୟା ଜନସଂଖ୍ୟାକୁ ସ୍ଥିର ରଖିବା ପାଇଁ ଆବଶ୍ୟକ ସ୍ତରଠାରୁ କମ୍ । ସ୍ଥିର ଜନସଂଖ୍ୟା ବଜାୟ ରଖିବା ପାଇଁ ଜଣେ ମହିଳାଙ୍କ ଜୀବନକାଳ ମଧ୍ୟରେ ହାରାହାରି ୨.୧ ପିଲା ଜନ୍ମ ହେବା ଆବଶ୍ୟକ । ବର୍ତ୍ତମାନ ଭାରତରେ ମୋଟ ପ୍ରଜନନ ହାର ବା ଟିଏଫଆର୍ ୨ରୁ ବି କମ୍ ରହିଛି । ଦେଶର ମୋଟ ପ୍ରଜନନ ହାର (ଟିଏଫଆର୍) ପ୍ରତିସ୍ଥାପନ ସ୍ତର ତଳକୁ ଖସିବା ଅର୍ଥ ପ୍ରତ୍ୟେକ ନୂତନ ପିଢି ପୂର୍ବ ପିଢିର ସ୍ଥାନ ନେବା ବା ସଂପୂର୍ଣ୍ଣ ଭାବେ ପ୍ରତିସ୍ଥାପନ କରିବା ପାଇଁ ଯଥେଷ୍ଟ ବଡ ନୁହେଁ ।

ନମୁନା ପଂଜୀକରଣ ପ୍ରଣାଳୀ (ସାମ୍ପଲ ରେଜିଷ୍ଟ୍ରେସନ ସିଷ୍ଟମ)–ଏସଆରଏସ ରିପୋର୍ଟ ଅନୁସାରେ ଭାରତର ଟିଏଫଆର୍ ୧ ଦଶମିକ ୯ ରହିଛି । ଅର୍ଥାତ୍ ଏବେ ହାରାହାରି ପ୍ରତି ମହିଳାଙ୍କ ୧.୯ ପିଲା ହେଉଛନ୍ତି, ଯାହା କି ପ୍ରତିସ୍ଥାପନ ସ୍ତରଠାରୁ କମ୍ । ଏହା ସୂଚାଉଛି ଯେ, ଭାରତର ଜନସଂଖ୍ୟା କମିବାରେ ଲାଗିଛି ।

ଗତ ଶତାବ୍ଦୀର ୭୦ ଦଶକରେ ଭାରତର ଟିଏଫଆର୍ ୫ରୁ ଅଧିକ ଥିଲା । ମାନେ ପ୍ରତି ମହିଳାଙ୍କ ହାରାହାରି ୫ରୁ ଅଧିକ ପିଲା ହେଉଥିଲା । ୧୦ ବର୍ଷ ତଳେ ଏହି ହାର ଥିଲା ୨.୩ । ସଦ୍ୟତମ ପରିସଂଖ୍ୟନ ଅନୁସାରେ ଟିଏଫଆର୍ ୧.୯ ରହିଛି । ଏହାର ଅର୍ଥ ହେଲା ଯେ, ୧୦ ବର୍ଷ ମଧ୍ୟରେ ଜନସଂଖ୍ୟାରେ ହ୍ରାସ ହୋଇଛି । ରାଜଧାନୀ ଦିଲ୍ଲୀ ଭଳି ମହାନଗରରେ ତ ଟିଏଫଆର୍ ୧.୨ ରହିଛି ।

ଭାରତରେ ଶିକ୍ଷିତ ପରିବାରଗୁଡିକରେ ତ ଜନ୍ମ ହାର ଆହୁରି ଅନେକ ବର୍ଷ ପୂର୍ବରୁ ହ୍ରାସ ପାଇଥିଲା । ଏବେ ପ୍ରାୟ ସବୁ ବର୍ଗର ପରିବାରରେ ଜନ୍ମ ହାର କମିଛି । ବଢୁଥିବା ଜନସଂଖ୍ୟା ବିପଦର କାରଣ ବୋଲି ଦିନେ କୁହାଯାଉଥିଲା । ଏବେ ଜନ୍ମହାର ହ୍ରାସ ଯୋଗୁଁ ଜନସଂଖ୍ୟା କମିବା ମଧ୍ୟ ଭାରତ ପାଇଁ ଭବିଷ୍ୟତରେ ବିପଦ ବୋଲି କୁହାଯାଉଛି । ଏହା କେମିତି ବୋଲି ପ୍ରଶ୍ନ ଉଠିବା ସ୍ୱାଭାବିକ। ଏସିଆର ଜାପାନ, ଚୀନ ଓ ଦକ୍ଷିଣ କୋରିଆ ଭଳି କିଛି ଦେଶ ଜନସଂଖ୍ୟା ହ୍ରାସ ଜନିତ ସମସ୍ୟାର ସାମନା କରୁଛନ୍ତି । ୟୁରୋପରେ ଋଷିଆ ଭଳି କିଛି ଦେଶ ମଧ୍ୟ ଏହି ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ହେଲେ ଆର୍ଥିକ ଦୃଷ୍ଟିରୁ ବେଶ୍ ବିକଶିତ ହେଲା ପରେ ହିଁ ଏସବୁ ଦେଶରେ ଜନସଂଖ୍ୟା ହ୍ରାସ ପାଇଛି । ଜନସଂଖ୍ୟା ହ୍ରାସ ପାଇଥିବା ଦେଶଗୁଡିକରେ ଏବେ ଯୁବ ଶ୍ରମଶକ୍ତିର ଅଭାବ ଦେଖାଦେଇଛି । କାର୍ଯ୍ୟ କରିବାରେ ଅକ୍ଷମ ବୟସ୍କ ବ୍ୟକ୍ତିଙ୍କ ସଂଖ୍ୟା ବଢିଥିବାରୁ ସମସ୍ୟା ଉପୁଜିଛି ଓ ଅର୍ଥନୀତି ପ୍ରଭାବିତ ହୋଇଛି । ସେଥିପାଇଁ ଦକ୍ଷିଣ କୋରିଆ, ଜାପାନ ଓ ଋଷିଆ ଭଳି ଦେଶ ଏବେ ଜନସଂଖ୍ୟା ବୃଦ୍ଧିକୁ ପ୍ରୋତ୍ସାହନ କରିବାରେ ଲାଗିଛନ୍ତି।

ହେଲେ ଭାରତର କଥା ଟିକେ ଅଲଗା । ଭାରତ ଧନୀ ହେବା ଆଗରୁ ଜନସଂଖ୍ୟା ହ୍ରାସ ପାଇବା ଆରମ୍ଭ ହେଲାଣି । ଏହାର ସକାରାତ୍ମକ କାରଣ ବି ରହିଛି । ଆମଦେଶରେ ବାଳିକା ଶିକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଉନ୍ନତି ହୋଇଛି । ୧୯୯୦ ପରେ ସ୍କୁଲଗୁଡିକରେ ଛାତ୍ରୀଙ୍କ ସଂଖ୍ୟା ବହୁମାତ୍ରାରେ ବଢିଥିଲା । ଜାତୀୟ ପରିବାର ଓ ସ୍ୱାସ୍ଥ୍ୟ ସର୍ଭେ – ଏନଏଫଏଚଏସର ତଥ୍ୟ ମୁତାବକ ଶିକ୍ଷିତ ମହିଳାମାନେ ହାରାହାରି ୧.୬ରୁ ୧.୮ ପିଲା ଜନ୍ମ କରନ୍ତି । ଏ ତୁଳନାରେ ଅଶିକ୍ଷିତ ମହିଳାମାନେ ୩ରୁ ଅଧିକ ପିଲା ଜନ୍ମ କରନ୍ତି ।

ବର୍ତ୍ତମାନ ନାରୀ ଶିକ୍ଷା ପ୍ରତି ଧାରଣା ବଦଳିଛି । ମହିଳାମାନେ ଏବେ ନିଜ ନିଜ କ୍ୟାରିୟର ପ୍ରତି ଅଧିକ ଧ୍ୟାନ ଦେବା ସହ ଡେରିରେ ବିବାହ କରିବାକୁ ପସନ୍ଦ କରୁଛନ୍ତି । ଗାଁ ଗାଁରେ ଟିଭି, ମୋବାଇଲ୍ ଓ ଇଣ୍ଟରନେଟ୍ ଦ୍ରୁତ ପ୍ରବେଶ ଘଟିଛି। ଛୋଟ ପରିବାର ମଡେଲର ଗ୍ରହଣୀୟତା ବଢିଛି । ସରକାରୀ ପରିବାର ନିୟୋଜନ ଯୋଜନା ମଧ୍ୟ ସଫଳ ହୋଇଛି । ବିଶେଷ କରି ଦକ୍ଷିଣ ଭାରତୀୟ ରାଜ୍ୟଗୁଡିକରେ ଏହା ବେଶ୍ ସଫଳତା ହାସଲ କରିଛି। ଶିଶୁଙ୍କ ସ୍ୱାସ୍ଥ୍ୟ ପ୍ରତି ଉପଯୁକ୍ତ ଧ୍ୟାନ ଦିଆଯାଇ ଜାରି ରହିଛି ଟୀକାକରଣ କାର୍ଯ୍ୟକ୍ରମ । ଏବେ ଦୁଇଟି ସନ୍ତାନ ମଧ୍ୟ ଲୋକଙ୍କୁ ଅଧିକ ଲାଗୁଛି । ଭାରତ ବିକାଶଶୀଳ ଦେଶ ଭାବେ ରହିଥିଲେ ମଧ୍ୟ ମଧ୍ୟବିତ୍ତଙ୍କ ସଂଖ୍ୟା ଓ ସେମାନଙ୍କ ଆଶା ଆଂକାକ୍ଷା ବଢିଯାଇଛି। ଉନ୍ନତ ସ୍କୁଲ, କୋଚିଂ, ଘର,ଗାଡିର ଆବଶ୍ୟକତା ପୂରଣ ପାଇଁ ନିଜ ନିଜର ପରିବାର ଛୋଟ କରିବାରେ ଲାଗିଛନ୍ତି । ତେଣୁ ଟିଏଫଆର୍ ହ୍ରାସ ପାଇଲେ , ଏଥିରେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ । ଏହା ସତ୍ତ୍ୱେ ଏବେ ବି ଯୁବ ଶ୍ରମବଳ ଭାରତ ଶକ୍ତି ଓ ସାମର୍ଥ୍ୟ । କିନ୍ତୁ ଟିଏଫଆର୍ ପ୍ରତିସ୍ଥାପନ ସ୍ତରଠାରୁ ଯଦି ତଳକୁ ଖସିବା ଜାରି ରହେ, ତାହା ହେଲେ ଭାରତରେ କାମ କରିପାରୁନଥିବା ବୟସ୍କ ବୃଦ୍ଧଙ୍କ ସଂଖ୍ୟା ୨୦୫୦ ସୁଦ୍ଧା ଆଶାତୀତ ଭାବେ ବୃଦ୍ଧି ପାଇବ ବୋଲି ନମୁନା ପଂଜୀକରଣ ପ୍ରଣାଳୀ – ଏସଆରଏସ ରିପୋର୍ଟରେ କୁହାଯାଇଛି । ଜାତିସଂଘର ଏକ ରିପୋର୍ଟ ଅନୁସାରେ ଭାରତ, ମେକସିକୋ ଓ ନାଇଜେରିଆ ଭଳି ବିକାଶଶୀଳ ଆର୍ଥିକ ବିକାଶ ଉଲ୍ଲେଖନୀୟ ହେବା ପୂର୍ବରୁ ହିଁ ଜନ୍ମଦର ଖସୁଛି । ଶିକ୍ଷା, ସଚେତନତା ଓ ପରିବାର ନିୟୋଜନ ଯୋଗୁଁ ଖସିବାରେ ଲାଗିଛି ଜନ୍ମହାର । ହେଲେ ଜାପାନ, ଦକ୍ଷିଣ କୋରିଆ ଭଳି ଦେଶ ପ୍ରଥମେ ଧନୀ ହେଲେ ଓ ପରେ ବୟସ୍କଙ୍କ ଦେଶରେ ପରିଣତ ହେଲେ । ଯଦି ଦ୍ରୁତ ଆର୍ଥିକ ବିକାଶ ନହେବ, ତାହାହେଲେ ଧନୀ ହେବା ପୂର୍ବରୁ ବୁଢାଙ୍କ ଦେଶରେ ଭାରତ ପରିଣତ ହେବା ଆଶଙ୍କା ଦେଖାଦେଇଛି । କମ୍ ପିଲା ହେଲେ, ଆଗକୁ ଯୁବକଙ୍କ ସଂଖ୍ୟା ମଧ୍ୟ କମ୍ ହେବ । ବୟସ୍କ ଓ ବୃଦ୍ଧଙ୍କ ସଂଖ୍ୟା ବଢିବ । କେରଳମ ଓ ତାମିଲନାଡୁରେ ତ ଏଭଳି ସ୍ଥିତି ଦେଖାଦେଲାଣି । ଭାରତରେ ଏବେ ବି କାର୍ଯ୍ୟ କରିପାରୁଥିବା ଲୋକଙ୍କ ସଂଖ୍ୟା ଶୀର୍ଷରେ ରହିଛି । କିନ୍ତୁ ଆଗକୁ ୬୫ ବର୍ଷରୁ ଅଧିକ ବୟସର ଲୋକଙ୍କ ସଂଖ୍ୟା ଯଥେଷ୍ଟ ବଢିବା ସମ୍ଭାବନା ରହିଛି ।

ଶିକ୍ଷା, ସ୍ୱାସ୍ଥ୍ୟ ଓ ସରକାରୀ ସଚେତନତା ଅଭିଯାନ ଯୋଗୁଁ ଭାରତ ବିକଶିତ ଦେଶରେ ପରିଣତ ହେବା ଆଗରୁ ହିଁ ଜନ୍ମହାର ହ୍ରାସ ପାଇବାରେ ଲାଗିଛି । ଏହି ଧାରା ବଜାୟ ରହିଲେ ବିକଶିତ ଦେଶ ହେବା ପୂର୍ବରୁ ହିଁ ଭାରତ ବୁଢାଙ୍କ ଦେଶରେ ପରିଣତ ହେବା ବିପଦ ହୋଇଛି । ଭିନ୍ନ ଦୃଷ୍ଟିର ଯଦି ଦେଖିବା, ତାହା ହେଲେ ଏହା ଭଲ ଖବର । କାରଣ କମ୍ ସଂଖ୍ୟକ ଲୋକଙ୍କୁ ଉନ୍ନତ ନାଗରିକ ସୁବିଧାସୁଯୋଗ ସହଜରେ ଉପଲବ୍ଧ ହୋଇପାରିବ। କିନ୍ତୁ ବୟସ୍କ ଲୋକଙ୍କ ଉଚିତ ଦେଖାଶୁଣା କରିବା ଭାରତ ପାଇଁ ବଡ ଆହ୍ୱାନ ସୃଷ୍ଟି କରିବ।

୨୦୫୦ ସୁଦ୍ଧା ଭାରତରେ ୬୫ ବର୍ଷରୁ ଅଧିକ ବୟସର ଲୋକଙ୍କ ସଂଖ୍ୟା ୨୦ ପ୍ରତିଶତ ବୃଦ୍ଧି ପାଇପାରେ । ଆଉ ଏବେ ଆମଦେଶରେ ମୁଣ୍ଡ ପିଚ୍ଛା ଆୟ ବିକଶିତ ଦେଶଗୁଡିକ ତୁଳନାରେ ବହୁତ କମ୍ । ଅର୍ଥାତ୍ ବୟସ୍କ ଲୋକଙ୍କ ସଂଖ୍ୟା ବଢିଲେ ମଧ୍ୟ ଭାରତ ସେତେ ଧନୀ ହୋଇନଥିବ । ସେମାନଙ୍କ ଭରଣପୋଷଣ ଭାରତ ପାଇଁ ହେବ ଏକ ମସ୍ତବଡ ଆହ୍ୱାନ ।

ଲଗାତର ପ୍ରଜନନ ଦର ହ୍ରାସ ହେଲେ ଆଗାମୀ ବର୍ଷଗୁଡିକରେ କାର୍ଯ୍ୟକ୍ଷମ ଯୁବବର୍ଗଙ୍କ ସଂଖ୍ୟା କମିବ । କର୍ମଜୀବୀ ବୟସର ଲୋକଙ୍କ ସଂଖ୍ୟା ହ୍ରାସ ହେଲେ ଦେଶର ଉତ୍ପାଦନ ଓ ଅର୍ଥନୀତିକୁ ଏହା ପ୍ରଭାବିତ କରିବ । ସରକାରଙ୍କୁ ବୟସ୍କଙ୍କ ପେନସନ, ସ୍ୱାସ୍ଥ୍ୟସେବା ଓ ସାମାଜିକ ସୁରକ୍ଷା ପାଇ ଅଧିକ ଖର୍ଚ୍ଚ କରିବାକୁ ପଡିବ । ଏ ଦୃଷ୍ଟିରୁ ସରକାରଙ୍କୁ ଆଗୁଆ ଏକ ଦୀର୍ଘକାଳୀନ କାର୍ଯ୍ୟକ୍ରମ ହାତକୁ ନେଇ ପ୍ରଭାବୀ ଢଙ୍ଗରେ କାର୍ଯ୍ୟକାରୀ କରିବା ଦରକାର । ବୟସ୍କଙ୍କ ସଂଖ୍ୟା ବୃଦ୍ଧି ଓ ଯୁବ ଶ୍ରମବଳ ହ୍ରାସ ଯୋଗୁଁ ଦକ୍ଷିଣ କୋରିଆ, ଜାପାନ ଭଳି ଦେଶର ଅବସ୍ଥା ଯେମିତି ସୃଷ୍ଟି ନହୁଏ , ସେଥିପ୍ରତି ଧ୍ୟାନ ଦେବା ଜରୁରୀ ହୋଇ ପଡିଛି ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022 ସମ୍ପାଦକ : ଜୟାଶୀଷ ରାୟ

32 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୧୨ ଜୁଲାଇ ୨୦୨୬ ରବିବାର

ସଡ଼କ ଦୁର୍ଘଟଣାରେ ଡ୍ରାଇଭର ଗୁରୁତର

ଚୌଦ୍ୱାର, ନ୍ୟୁଜ୍ ବ୍ୟୁରୋ

୫୫ନଂ ଜାତୀୟ ରାଜପଥ ଚୌଦ୍ୱାର ଧୂମାବତୀ ଓଭରବ୍ରିଜ୍ ନିକଟରେ ଶୁକ୍ରବାର ଭୋର୍ ସମୟରେ ଏକ ସଡ଼କ ଦୁର୍ଘଟଣା ଘଟି ଜଣେ ଡ୍ରାଇଭର ଗୁରୁତର ଆହତ ହୋଇଥିବା ଜଣାପଡିଛି । ସୂଚନା ଅନୁଯାୟୀ ଓଭରବ୍ରିଜ୍ ନିକଟରେ ଏକ ସିମେଣ୍ଟ ବୋଝେଇ ଟ୍ରକ୍ ଖରାପ ହୋଇ ଛିଡା ହୋଇଥିବା ବେଳେ ପଛ ପଟୁ ଆସୁଥିବା ଏକ ଆଇଚର୍ ଗାଡି ଟ୍ରକ୍ ପଛରେ ଜୋର୍‌ରେ ଧକ୍କା ଦେଇଥିଲା । ଫଳରେ ଆଇଚର୍ ଗାଡିର ଡ୍ରାଇଭର ଗାଡିରେ ଦୀର୍ଘ ସମୟ ଧରି ଚାପି ହୋଇ ରହିଯାଇଥିଲେ । ଖବରପାଇ ଚୌଦ୍ୱାର ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଦୀର୍ଘ ୨ଘଣ୍ଟା କାଳ ପରିଶ୍ରମ କରି ଆହତ ଡ୍ରାଇଭରକୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ କଟକ ବଡ ଡାକ୍ତରଖାନା ପଠାଇଥିଲେ । ଡ୍ରାଇଭରଙ୍କ ଗୋଟିଏ ଗୋଡ ସମ୍ପୂର୍ଣ୍ଣ ଭାଙ୍ଗିଯାଇଥିବା ସ୍ଥାନୀୟ ଲୋକେ କହିଛନ୍ତି ।

ଝରିଗାଁ ସାମ୍ବାଦିକ ସଂଘ ପକ୍ଷରୁ ବୃକ୍ଷ ରୋପଣ

ବୃକ୍ଷ ରୋପଣ କାର୍ଯ୍ୟକ୍ରମ

ରାଇଘର, ନ୍ୟୁଜ୍ ବ୍ୟୁରୋ

ଝରିଗାଁ ବ୍ଲକ କୁଟ୍ରି ଛାପର ପଞ୍ଚାୟତ ଅନ୍ତର୍ଗତ କଲେ ଗାଁ (୫ଟି) ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଝରିଗାଁ ସାମ୍ବାଦିକ ସଂଘ ପକ୍ଷରୁ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଧାୟକ ନରସିଂହ ଭତରା ଯୋଗଦେଇଥିଲେ । ବନବିଭାଗ ପକ୍ଷରୁ ଚାରା ଓ ବନ ବିଭାଗ କର୍ମଚାରୀଙ୍କ ସହାୟତାରେ ବିଦ୍ୟାଳୟ ପରିସରରେ ବିଭିନ୍ନ ବୃକ୍ଷ ଚାରା ରୋପଣ କରାଯାଇଥିଲା । ବର ଗଛ, ପିପଳ, ଆମ୍ବ, ପିଜୁଳି, ନିମ୍ବ, ପଣସ ଏହି ସବୁ ବୃକ୍ଷ ରୋପଣ କରାଯାଇଥିଲା । ଏଥିରେ ବିଧାୟକ ମଧ୍ୟ ଏକାଧିକ ଚାରା ରୋପଣ କରିଥିଲେ । ବିଦ୍ୟାଳୟ ପରିସରକୁ ଫୁଲ ଫଳ ଓ ଔଷଧୀୟ ଗୁଳ୍ମ ଲତା ଆଦି ଲଗାଇ ଅନୁକୂଳ ପରିବେଶ ସୃଷ୍ଟି କରିବାକୁ ବିଦ୍ୟାଳୟ କର୍ତ୍ତୃପକ୍ଷ ଏବଂ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ । ସାମ୍ପ୍ରତିକ ପରିସ୍ଥିତିରେ ବିଶ୍ୱ ପରିବେଶ ସ୍ଥିତି ଉତ୍ତପ୍ତ ବାୟୁମଣ୍ଡଳ ପ୍ରଦୂଷଣକୁ ଦୃଷ୍ଟିରେ ରଖି ବୃକ୍ଷ ରୋପଣ କରିବା ସମସ୍ତଙ୍କ ଏକ ନୈତିକ ଦାୟିତ୍ୱ ରହିଛି । ତେଣୁ ଲଗାଯାଇଥିବା ଚାରା ଗୁଡିକର ଯତ୍ନ ସୁରକ୍ଷା ଓ ବୃଦ୍ଧି ନିମନ୍ତେ ଯତ୍ନବାନ ହେବାର ଆବଶ୍ୟକ ରହିଛି ବୋଲି ସାମ୍ବାଦିକ ସଂଘ ସହ ଆଲୋଚନା କରିଥିଲେ । ଏହି ପରିପ୍ରେକ୍ଷୀରେ ଝରିଗାଁ ସାମ୍ବାଦିକ ସଂଘ ସଭାପତି ତ୍ରିନାଥ ଧାରୁଆ, ବିଧାୟକ ମିଡ଼ିଆ ସଂଯୋକ ଗିରି ମାଝୀ ସମେତ ପ୍ରମୁଖ ସାମ୍ବାଦିକ ମଧ୍ୟରେ ମନୋଜ କୁମାର ନାୟକ, କିଶୋର ମଣ୍ଡଳ, ଭୁଦେବ ଗୌଡ଼, ଜୟଶ୍ରୀ ଦାସ, ବସନ୍ତ ସାହୁ, ଲକ୍ଷ୍ମି ପାଣ୍ଡେ ସମେତ ଅନ୍ୟମାନଙ୍କ ମଧ୍ୟରେ ରାମଦାସ ଭତରା, କୁଞ୍ଜ ମାଝୀ, ମୁରଲୀ ହରିଜନ ବୁଦୁରାମ ଭତରା, ନକୁଳ ଭତରା, ମନୋଜ କୁମାର ବାଘ, ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।

ଫି' ନଦେଲେ ବିଦ୍ୟାର୍ଥୀଙ୍କୁ କ୍ଲାସ୍‌ରୁମ୍ ଓ ପରୀକ୍ଷା ମନା !

ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ

ସ୍ଥାନୀୟ ମିନାକ୍ଷୀ ନଗର ସ୍ଥିତ ସେଣ୍ଟ ଜାଭିୟର୍ସ ହାଇସ୍କୁଲ ନାଁରେ ଗୁରୁତର ଅଭିଯୋଗ ଆସିଛି । ଫି' ନଦେଲେ ଏହି ବିଦ୍ୟାଳୟରେ ପଢୁଥିବା ଛାତ୍ରଛାତ୍ରୀଙ୍କୁ କ୍ଲାସ୍ ରୁମ୍ ଓ ପରୀକ୍ଷା ବାରଣ କରାଯାଉଛି । ସେହିପରି ରି-ଆଡ୍‌ମିସନ୍ ବିଳମ୍ବରେ କଲେ ଲେଟ୍-ଫି' ବାବଦକୁ ୨୫୦୦ ଟଙ୍କା ଜବରଦସ୍ତ ଆଦାୟ କରାଯାଉଛି । ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଏଭଳି ମନମୁଖୀ କାର୍ଯ୍ୟ ଏବଂ ଶୋଷଣ ନୀତିକୁ ବିରୋଧ କରି ଏକାଧିକ ଅଭିଭାବକ ଗତ ୬ ତାରିଖରେ ଗଞ୍ଜାମ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ଲିଖିତ ଅଭିଯୋଗ କରିବା ପରେ ଘଟଣା ସାମ୍ନାକୁ ଆସିଛି । ବିଦ୍ୟାଳୟରେ ପଢୁଥିବା ଛାତ୍ରଛାତ୍ରୀଙ୍କ ମଧ୍ୟରୁ ଯଦି କୌଣସି ଛାତ୍ରଛାତ୍ରୀଙ୍କ ମାସିକ ଫି' ପୈଠ ହୋଇନଥିବ ତେବେ ଶିକ୍ଷକ ଶିକ୍ଷୟିତ୍ରୀମାନେ ତାଙ୍କୁ କ୍ଲାସ୍ ରୁମ୍‌ରୁ ବାହାର କରିଦେଉଛନ୍ତି । ସେହିପରି ପରୀକ୍ଷା ଚାଲୁଥିବା ସମୟରେ ଯଦି କୌଣସି ଛାତ୍ରଛାତ୍ରୀଙ୍କ ଫି' ପୈଠ ହୋଇନଥିବ ତେବେ ତାଙ୍କୁ ପରୀକ୍ଷାରୁ ମଧ୍ୟ ବଞ୍ଚିତ କରାଯାଉଛି । ଏହାଦ୍ୱାରା ଛାତ୍ରଛାତ୍ରୀ ମାନସିକ ଭାବେ ଆଘାତ ପାଉଛନ୍ତି । ଯାହା ପାଠପଢ଼ାରେ ପ୍ରଭାବ ପକାଉଛି ବୋଲି ଅଭିଭାବକମାନେ ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି । ନିକଟରେ ଜଣେ ଛାତ୍ରୀ ବିଳମ୍ବରେ ପୁନଃ ନାମଲେଖା କରିବାରୁ ବିଦ୍ୟାଳୟ କର୍ତ୍ତୃପକ୍ଷ ସମ୍ପୃକ୍ତ ଛାତ୍ରୀଙ୍କ ଅଭିଭାବକ ଠାରୁ ୨୫୦୦ ଟଙ୍କା ଦାବି କରିଥିଲେ । ଏନେଇ ଯଦି କୌଣସି ଅଭିଭାବକ ପ୍ରଶ୍ନ କରନ୍ତି ତେବେ ବିଦ୍ୟାଳୟ କର୍ତ୍ତୃପକ୍ଷ ତାଙ୍କୁ ଦୁର୍ବ୍ୟବହାର କରୁଥିବା ମଧ୍ୟ ଅଭିଯୋଗ ହୋଇଛି । ଅଭିଭାବକଙ୍କ ଲିଖିତ ଅଭିଯୋଗକୁ ଭିତ୍ତି କରି ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସେଣ୍ଟ ଜାଭିୟର୍ସ ହାଇସ୍କୁଲ୍ କର୍ତ୍ତୃପକ୍ଷଙ୍କୁ ନୋଟିସ୍ ଜାରି କରାଯିବ ବୋଲି ସୂଚନା ମିଳିଛି । ଶିକ୍ଷା ନାଁରେ ଏଭଳି ଆର୍ଥିକ ଦଣ୍ଡ ତଥା ଶୋଷଣ କରୁଥିବା ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ବିରୋଧରେ ଶିକ୍ଷା ବିଭାଗ ପକ୍ଷରୁ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିଆଯାଉ ବୋଲି ଅଭିଭାବକମାନେ ଦାବି କରିଛନ୍ତି ।

କେନ୍ଦ୍ର ମତ୍ସ୍ୟମନ୍ତ୍ରୀଙ୍କୁ ଭେଟି ସମସ୍ୟା ଜଣାଇଲେ ମତ୍ସ୍ୟଜୀବୀ ସଂଘ

ରମ୍ଭା, ନ୍ୟୁଜ୍ ବ୍ୟୁରୋ

କେନ୍ଦ୍ର ମତ୍ସ୍ୟମନ୍ତ୍ରୀ ରାଜୀବ ରଞ୍ଜନ ସିଂଙ୍କୁ ଭେଟି ଚିଲିକା ମତ୍ସ୍ୟଜୀବୀ ସଂଘ ବହୁବିଧ ସମସ୍ୟା ଉପରେ ମତ୍ସ୍ୟଜୀବୀ ନେତା ଭୀମସେନ ବେହେରା ସମେତ ଗୋବିନ୍ଦ ବେହେରା, ଦୁଃଖିଶ୍ୟାମ ବେହେରା, ପ୍ରକାଶ ବେହେରା, ଗାଜଲ ବେହେରା, ଭଞ୍ଜକିଶୋର ବେହେରା, ଭିକାରି ବେହେରା ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ସେଗୁଡିକ ହେଲା ପାଲୁରୁ ସାହେବ କେନାଲ ଖୋଲି ଓସାର, ଗଭୀର କରିବା, ୨୦୧୮ ମସିହା ଠାରୁ ଲିଜ୍ ଏଗ୍ରିମେଣ୍ଟ ବନ୍ଦ ଥିବା ପୁନଃ ପ୍ରଚଳନ କରିବା, ୧୯୮୮-୮୯ ଚିଲିକା ପଲିସୀ ପ୍ରଚଳନ କରିବା, ୧୪୭ଖଣ୍ଡ ଗ୍ରାମର ୪ ଲକ୍ଷ ପାରମ୍ପରିକ ମତ୍ସ୍ୟଜୀବୀଙ୍କ ମତ୍ସ୍ୟ ଉତ୍ସ ବା ସୈରାତ ୪୭୦୦୦ ଏକର ମତ୍ସ୍ୟ ସୈରାତ ସୁରକ୍ଷିତ କରି ଉଦ୍ଧାର କରିବା, ମଶାରୀ ଘେରି ମାଟି ବନ୍ଧ ଘେରି ଉଚ୍ଛେଦ କରିବା, ବାଲୁଗାଁ ଜୀବ ପ୍ରଯୁକ୍ତି ଜିଲ୍ଲା ମତ୍ସ୍ୟ ଅଧିକାରୀଙ୍କ ଡ଼ଙ୍ଗା, ଜାଲ ଓ ମେସିନ୍ ସହାୟତା ରାଶି ଘୋଟାଲା ଓ ଅନିୟମିତତା ତଦନ୍ତ କରି ଉପଯୁକ୍ତ ମତ୍ସ୍ୟଜୀବୀଙ୍କୁ ସରକାରୀ ଯୋଜନା ଗୁଡିକ ଠିକ୍ ଲୋକଙ୍କୁ ଦେବା, ଅଣ ମତ୍ସ୍ୟଜୀବୀ ପାଉଥିବା ସୁବିଧା ତଦାରଖ କରିବା, ସମସ୍ତ ମତ୍ସ୍ୟଜୀବୀ ସମବାୟ ସମିତିର ସମ୍ପାଦକ ଓ ସଭାପତିଙ୍କୁ ଦାୟିତ୍ୱ ସମ୍ପନ୍ନ କରି କାର୍ଯ୍ୟକ୍ଷମ କରିବା, ମତ୍ସ୍ୟ ଅଧିକାରୀ ପ୍ରତ୍ୟେକ ଗ୍ରାମକୁ ଯାଇ ସୁବିଧା ଅସୁବିଧା କଥା ତଦାରଖ କରିବା । ଜାଲ, ଡଙ୍ଗା ଓ ମେସିନ୍ ସରକାରୀ ଯୋଜନା ଗୁଡିକ ସ୍ୱତନ୍ତ୍ର ପୋର୍ଟାଲ୍ ଆବେଦନ ମତ୍ସ୍ୟ ଅଧିକାରୀ ଓ ସମିତିର ପରିଚାଳନା ପରିଷଦ ଜରିଆରେ ପ୍ରକୃତ ହିତାଧିକାରୀ ଚୟନ କରିବା ବିଷୟ ଉଲ୍ଲେଖ କରିଥିଲେ ।

ନ୍ୟାୟ ପାଇଁ ରାତିସାରା ବର୍ଷାରେ ଶୋଇ ରହିଲେ ଅସହାୟ ପରିବାର

କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ

କେନ୍ଦ୍ରାପଡା ଜିଲ୍ଲା କାର୍ଯ୍ୟାଳୟ ଆଗରେ ଅସହାୟ ପରିବାର ଖୋଲା ଆକାଶ ତଳେ ନ୍ୟାୟ ପାଇଁ ବର୍ଷାରେ ଶୋଇରହିଥିବା ସ୍ଥାନୀୟ ଲୋକଙ୍କୁ ବିସ୍ମିତ କରିଛି । ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ଚନ୍ଦନ ନଗର ବାଲିଆ ଅଞ୍ଚଳର ସଂଯୁକ୍ତା ନାଥ ତାଙ୍କ ପତ୍ନୀ ଓ ପିଲାଛୁଆ ବୁଧବାର ଦିନଠାରୁ ଗୁରୁବାର ପର୍ଯ୍ୟନ୍ତ ଧାରଣାରେ ବସିରହିଛନ୍ତି । ତାଙ୍କ ଘରକୁ ସ୍ଥାନୀୟ କେତେକ ଖଳ ପ୍ରକୃତିର ବ୍ୟକ୍ତି ଭାଙ୍ଗିଦେବା ସହ ଜିନିଷ ପତ୍ର ନଷ୍ଟ କରିଦେଇଛନ୍ତି । ଦୀର୍ଘ ୭ ବର୍ଷ ହେଲା ରହୁଥିବା ଜାଗାର ପଟ୍ଟା ପାଉନଥିବାରୁ ଏହି ଅସହାୟ ପରିବାର ପଟ୍ଟାମୁଣ୍ଡାଇ ତହସିଲ୍, ଜିଲ୍ଲା କାର୍ଯ୍ୟାଳୟ ଓ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶିବିରରେ ବାରମ୍ବାର ଅଭିଯୋଗ କରିଆସୁଛନ୍ତି । କୌଣସି ନ୍ୟାୟ ନପାଇବାରୁ ଏହି ପରିବାର ଜିଲ୍ଲା କାର୍ଯ୍ୟାଳୟ ଆଗରେ ଧାରଣା ଦେଇଥିବାର ଖବର ପାଇ ଜିଲ୍ଲା ପ୍ରଶାସନ ନିର୍ଦ୍ଦେଶରେ ଟାଉନ୍ ଥାନା ଅଧିକାରୀ ଶୁଭେନ୍ଦୁ ସାହୁ ଘଟଣାସ୍ଥଳରେ ପହଞ୍ଚି ଧାରଣାରତ ଅସହାୟ ପରିବାରକୁ ବୁଝାସୁଝା କରିବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିବା ଜଣାପଡିଛି ।

ଆକାଂକ୍ଷୀ ବ୍ଲକ କାର୍ଯ୍ୟକ୍ରମର ସମୀକ୍ଷା କଲେ କେନ୍ଦ୍ରୀୟ ଅଧିକାରୀ

କେନ୍ଦୁଝର, ନ୍ୟୁଜ୍

କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ଓସ୍ୱାନ୍ ହଲ୍ ଠାରେ କେନ୍ଦ୍ର ସରକାରଙ୍କ ଆକାଂକ୍ଷୀ ବ୍ଲକ କାର୍ଯ୍ୟକ୍ରମର ଏକ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଭାରତ ସରକାରଙ୍କ ପ୍ରଧାନମନ୍ତ୍ରୀ ସ୍ୱାନିଧି ଯୋଜନାର ଉପସଚିବ ତଥା କେନ୍ଦ୍ରୀୟ ପ୍ରଭାରୀ ଅଧିକାରୀ ଡ଼ଓ. ଗାଭାଲି ପରାଗ ହର୍ଷଦଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଜିଲ୍ଲାର ସାତଟି ଆକାଂକ୍ଷୀ ବ୍ଲକର ବିକାଶମୂଳକ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ଆଲୋଚନା କରାଯାଇଛି । କେନ୍ଦ୍ରୀୟ ପ୍ରଭାରୀ ଅଧିକାରୀ ଭାବରେ କେନ୍ଦୁଝର ଜିଲ୍ଲାକୁ ଏହା ତାଙ୍କର ଦ୍ୱିତୀୟ ଗସ୍ତ ଓ ସୂଚନାଯୋଗ୍ୟ ଯେ, ପ୍ରଥମ ପର୍ଯ୍ୟାୟରେ କେନ୍ଦୁଝରର ବାଂଶପାଳ ଓ ହରିଚନ୍ଦନପୁର ବ୍ଲକ୍‌କୁ ସାମିଲ୍ କରାଯାଇଥିଲା । ପରବର୍ତ୍ତୀ ସମୟରେ ନୀତି ଆୟୋଗଙ୍କ ନିର୍ଦ୍ଦେଶକ୍ରମେ ଆଉ ୫ଟି ବ୍ଲକ ଚମ୍ପୁଆ, ଝୁମ୍ପୁରା, କେନ୍ଦୁଝର ସଦର, ପାଟଣା ଓ ତେଲକୋଇକୁ ଏଥିରେ ଅନ୍ତର୍ଭୁକ୍ତ କରାଯାଇଛି । ଯାହାଫଳରେ ଜିଲ୍ଲାରେ ମୋଟ୍ ଆକାଂକ୍ଷୀ ବ୍ଲକ ସଂଖ୍ୟା ୭କୁ ବୃଦ୍ଧି ପାଇଛି ଓ ୨୦୨୪ ମସିହା ଜୁଲାଇରୁ ସେପ୍ଟେମ୍ବର ମଧ୍ୟରେ କାର୍ଯ୍ୟକାରୀ ହୋଇଥିବା ସମ୍ପୂର୍ଣ୍ଣତା ଅଭିଯାନ ୧.୦ ଅନ୍ତର୍ଗତ ୬ଟି ପ୍ରମୁଖ ସୂଚକାଙ୍କ ମଧ୍ୟରୁ ହରିଚନ୍ଦନପୁର ବ୍ଲକ ୩ଟିରେ ଏବଂ ବାଂଶପାଳ ବ୍ଲକ ୨ଟିରେ ଶତପ୍ରତିଶତ ଲକ୍ଷ୍ୟ ହାସଲ କରିଛି । ଏହି ଉଲ୍ଲେଖନୀୟ ସଫଳତା ପାଇଁ ହରିଚନ୍ଦନପୁର ବିଡ଼ିଓ ଓ ଜିଲ୍ଲାପାଳଙ୍କୁ ରାଜ୍ୟସ୍ତରରେ ସମ୍ମାନିତ କରାଯାଇଛି । 'ସମ୍ପୂର୍ଣ୍ଣତା ଅଭିଯାନ ୨.୦ ଦ୍ୱିତୀୟ:୨୦୨୬ ଜାନୁଆରୀ ୩୧ ତାରିଖରୁ ସମସ୍ତ ୭ଟି ବ୍ଲକରେ ଶୁଭାରମ୍ଭ କରାଯାଇଥିଲା । ଏହି ଅଭିଯାନ ୨୦୨୬ ଏପ୍ରିଲ ୧୪ ପର୍ଯ୍ୟନ୍ତ ଚାଲିଲା । ଯେଉଁଥିରେ ଶିଶୁଙ୍କ ପୁଷ୍ଟିକର ଖାଦ୍ୟ, ଅଙ୍ଗନବାଡି କେନ୍ଦ୍ରରେ ପାନୀୟ ଜଳ ଓ ଶୌଚାଳୟ ସୁବିଧା ଏବଂ ଗୋପାଳନ କ୍ଷେତ୍ରରେ ଟୀକାକରଣ ଭଳି ୬ ଗୋଟି ଗୁରୁତ୍ୱପୂର୍ଣ୍ଣ ବିଷୟ ଉପରେ ଧ୍ୟାନ ଦିଆଯାଉଛି । ଏହି ସମୀକ୍ଷା ବୈଠକରେ ଜିଲ୍ଲାରେ ଶିକ୍ଷା ସ୍ୱାସ୍ଥ୍ୟ ଓ ମୌଳିକ ଭିତ୍ତିଭୂମିର ସୁଧାର ପାଇଁ ଏହି କାର୍ଯ୍ୟକ୍ରମ ବେଶ୍ ସହାୟକ ହେଉଛି । ଆକାଂକ୍ଷୀ ବ୍ଲକ କାର୍ଯ୍ୟକ୍ରମରେ କେନ୍ଦ୍ର ଓ ରାଜ୍ୟ ଯୋଜନା ଗୁଡିକ ସମ୍ମିଳିତ ଭାବେ କାର୍ଯ୍ୟକାରୀ କରାଯାଇ ବିଭିନ୍ନ ଗୁରତ୍ୱପୂର୍ଣ୍ଣ ବିକାଶ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରାଯାଉଛି । ସାମାଜିକ ଓ ଅର୍ଥନୈତିକ କ୍ଷେତ୍ରର ବିଭିନ୍ନ ସୁଚକାଙ୍କରେ ବ୍ଲକ ମାନଙ୍କ ମଧ୍ୟରେ ର୍ୟାଙ୍କିଙ୍ଗ କରାଯାଇ ବିକାଶ ପାଇଁ ପ୍ରତିଯୋଗିତାମୂଳକ ପରିବେଶ ସୃଷ୍ଟି କରାଯାଉଛି । ଏହାଦ୍ୱାରା ଏହି ଅଞ୍ଚଳ ଗୁଡିକରେ ବିକାଶ ତ୍ୱରାନ୍ୱିତ ହୋଇପାରୁଛି । ପରେ ପରେ କେନ୍ଦୁଝର ଆକାଂକ୍ଷୀ ବ୍ଲକର ବିଭିନ୍ନ ପ୍ରକଳ୍ପ ଓ ଅଙ୍ଗନବାଡି କେନ୍ଦ୍ର ବୁଲି ଦେଖିଥିଲେ । ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ ବିଶାଳ ସିଂହ, ଜିଲ୍ଲାପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ କୁମାର ନାଗଭୁଷଣ, ଉପନିର୍ଦ୍ଦେଶକ (ଯୋଜନା ଓ ପରିସଂଖ୍ୟାନ) ଗଜେନ୍ଦ୍ର କୁମାର ବେହେରାଙ୍କ ସମେତ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀ ଓ ୭ ଗୋଟି ବ୍ଲକର ବିଡ଼ିଓ ଓ ଅନ୍ୟ ବ୍ଲକ ଅଧିକାରୀ ଆଭାସୀ ମାଧ୍ୟମରେ ଓସ୍ୱାନ୍ କେନ୍ଦ୍ରରୁ ଯୋଗଦେଇଥିଲେ ।

ନିପୁଣ ଓଡ଼ିଶା କାର୍ଯ୍ୟକ୍ରମର ସଫଳ ରୂପାୟନ ନେଇ ଗୁରୁତ୍ୱ

ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ

ବୌଦ୍ଧ ଜିଲ୍ଲାରେ ନିପୁଣ ଓ ପରଖ ଉତ୍କର୍ଷ କର୍ମଶାଳା ଜିଲ୍ଲାଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ, ଲାଣ୍ଡିବନ୍ଧ ପରିସରରେ ଜିଲ୍ଲା ଶିକ୍ଷା ଅଧିକାରୀ ଟେମଲାଲଦୁବେ ଓ ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ଅଧକ୍ଷା ଦେବସ୍ମିତା ଚକ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି । କର୍ମଶାଳାର ମୂଳ ଉଦ୍ଦେଶ୍ୟ ଥିଲା ନିପୁଣ ଓଡ଼ିଶା କାର୍ଯ୍ୟକ୍ରମର ସଫଳ ରୂପାୟନ ଓ ପରଖ ସର୍ବେକ୍ଷଣ ୨୦୨୭ରେ ଜିଲ୍ଲାର ଉତ୍ତମ ପ୍ରଦର୍ଶନ ସହ ସମସ୍ତ ଛାତ୍ରଛାତ୍ରୀଙ୍କ ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ ଲକ୍ଷ୍ୟ ହାସଲ କରିବା । ଏହି କର୍ମଶାଳାରେ ରାଜ୍ୟ ନିପୁଣ ସେଲ୍‌ର ପ୍ରତିନିଧି ତନ୍ମୟା ଦାସ ଓ ଆହାନା ସାମନ୍ତରାୟ ଯୋଗଦେଇ ନିପୁଣ କାର୍ଯ୍ୟକ୍ରମର ପରବର୍ତ୍ତୀ କାର୍ଯ୍ୟ ଯୋଜନା ଓ ସଂଖ୍ୟାଜ୍ଞାନ ଲକ୍ଷ୍ୟ ହାସଲ ପାଇଁ ଆବଶ୍ୟକ ପଦକ୍ଷେପ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ । ଏହି କର୍ମଶାଳାରେ ଡିଆଇଇଟିର ଶିକ୍ଷକ ପ୍ରଶିକ୍ଷକ ମାନେ ପ୍ରାରମ୍ଭିକ ଆକଳନ, ଶିକ୍ଷଣ ଫଳାଫଳ ଆଧାରିତ ବିଷୟ ଭିତ୍ତିକ ପ୍ରଶ୍ନ ପ୍ରସ୍ତୁତି, ନିରନ୍ତର ପରିଦର୍ଶନ, ମାର୍ଗଦର୍ଶନ ଓ ଫିଡ୍‌ବ୍ୟାକ୍ ବ୍ୟବସ୍ଥା ସମ୍ପର୍କରେ ବିସ୍ତୃତ ବୈଷୟିକ ମାର୍ଗଦର୍ଶନ ପ୍ରଦାନ କରିଥିଲେ । ଜିଲ୍ଲାଶିକ୍ଷା ଅଧିକାରୀ ଶ୍ରୀ ଦୁବେ ବୌଦ୍ଧ ଜିଲ୍ଲାର ସ୍ୱତନ୍ତ୍ର କାର୍ଯ୍ୟ ଯୋଜନା, ବିଭିନ୍ନ ସ୍ତରରେ ଦାୟିତ୍ୱ ବଣ୍ଟନ ଏବଂ ଏହାର ସଫଳ କାର୍ଯ୍ୟକାରିତା ଉପରେ ଆଲୋକପାତ କରିବା ସହ ବୌଦ୍ଧ ଜିଲ୍ଲାକୁ ସଂଖ୍ୟା ଜ୍ଞାନ ସମ୍ପନ୍ନ ଜିଲ୍ଲା ଭାବେ ଗଢ଼ିତୋଳିବା ପାଇଁ ସମସ୍ତଙ୍କୁ ଆହ୍ୱାନ ଜଣାଇଥିଲେ । ଏହି କର୍ମଶାଳାରେ ୪୫ ଜଣ ସାଧନ କର୍ମୀ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । କର୍ମଶାଳାକୁ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଭାସ୍କର ଲେଙ୍କା ଏବଂ ଶିକ୍ଷକ ପ୍ରଶିକ୍ଷିକା ଅନୁପମା ମେହେର ସଫଳତାର ସହ ସଂଯୋଜନା କରିଥିଲେ । ବରିଷ୍ଠ ଶିକ୍ଷକ ପ୍ରଶିକ୍ଷକ ପୂର୍ଣ୍ଣାନନ୍ଦ ସିଂ ଧନ୍ୟବାଦ ଅର୍ପଣ କରିଥିଲେ ।

ଏକକାଳୀନ ୫ ଶିକ୍ଷକଙ୍କ ବଦଳି ପ୍ରତିବାଦରେ ଛାତ୍ରଛାତ୍ରୀଙ୍କ ଧାରଣା

ଧର୍ମଶାଳା, ନ୍ୟୁଜ୍ ବ୍ୟୁରୋ

ଧର୍ମଶାଳା ବାଣୀ ପୀଠର ଏକ କାଳୀନ ୫ଜଣ ଶିକ୍ଷକଙ୍କ ବଦଳି ହୋଇଥିବାରୁ ଛାତ୍ରଛାତ୍ରୀମାନେ ପ୍ରତିବାଦକରି ଗେଟ୍ ସମ୍ମୁଖରେ ଧାରଣାରେ ବସିଥିଲେ । ଶତାଧିକ ଛାତ୍ରଛାତ୍ରୀ ଶିକ୍ଷକଙ୍କ ବଦଳିପରେ ପାଠପଢା ଠପ୍ ହୋଇଯାଇଥିବା ପ୍ରକାଶ କରିଥିଲେ । ସେମାନଙ୍କ ଦାବି ସରକାର ନଶୁଣିଲା ପର୍ଯ୍ୟନ୍ତ ଧାରଣା ଚାଲି ରହିବ ବୋଲି ଅଡି ବସିଥିଲେ । ଘଟଣାସ୍ଥଳରେ ଧର୍ମଶାଳା ପୋଲିସ ପହଞ୍ଚି ପିଲାଙ୍କୁ ବୁଝା ସୁଝା କରିବା ପରେ ଛାତ୍ରଛାତ୍ରୀ ମାନେ ଧାରଣାରୁ ଉଠିଥିଲେ ।

ପରିବେଶରେ ସନ୍ତୁଳନ ରକ୍ଷା କ୍ଷେତ୍ରରେ ଜଙ୍ଗଲର ଭୂମିକା ଗୁରୁତ୍ୱପୂର୍ଣ୍ଣ

ବ୍ୟାସନଗର, ନ୍ୟୁଜ୍ ବ୍ୟୁରୋ

ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଓଡ଼ିଶା ସରକାରଙ୍କ ତରଫରୁ ଯାଜପୁର ଜିଲ୍ଲାର ସୁକିନ୍ଦା ବ୍ଲକ ଦାମଦରପୁର ଠାରେ ସୁକିନ୍ଦା ବନ ବିଭାଗ ପକ୍ଷରୁ ୭୭ତମ ବନ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି । ଜୁଲାଇ ୧ ତାରିଖରୁ ୭ ତାରିଖ ପର୍ଯ୍ୟନ୍ତ ସାରା ରାଜ୍ୟରେ ଚାଲିଥିବା ଏହି ସପ୍ତାହବ୍ୟାପୀ ମହୋତ୍ସବର ଥିଲା ଉଦ୍‌ଯାପନୀ ଦିବସ । ଆୟୋଜିତ ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ଯୋଗଦେଇ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ । ସମ୍ମାନିତ ଅତିଥି ଭାବେ କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା ଯୋଗଦେଇଥିଲେ । ଏହି ଅବସରରେ ସେ ବୃକ୍ଷ ରୋପଣର ଆବଶ୍ୟକତା, ସୁରକ୍ଷା ଓ ଏହାର ଗୁରୁତ୍ୱ ସମ୍ପର୍କରେ ଛାତ୍ରଛାତ୍ରୀ ଓ ଉପସ୍ଥିତ ସମସ୍ତଙ୍କୁ ଆଲୋକପାତ କରିଥିଲେ । ବନଖଣ୍ଡ ଅଧିକାରୀ କଟକ ବନଖଣ୍ଡ ଅନିଲ କୁମାର ରାୟ, ସରକାରୀ ବନ ସଂରକ୍ଷକ ଦାୟିତ୍ୱପ୍ରାପ୍ତ ଅଧିକାରୀ ଟମକା ବନାଞ୍ଚଳ କିଶୋର କୁମାର ପାଣିଗ୍ରାହୀ, ବନାଞ୍ଚଳ ଅଧିକାରୀ ସୁକିନ୍ଦା ସତ୍ୟବ୍ରତ ପ୍ରଧାନ, ଅତିଥି ଭାବେ ଯୋଗଦେଇଥିବା ଦେଖିବାକୁ ମିଳିଥିଲା । କାର୍ଯ୍ୟକ୍ରମରେ ଯୋଗଦେଇ ଏହି ସପ୍ତାହବ୍ୟାପୀ ମହୋତ୍ସବ ପାଳନର ମୂଳ ଉଦ୍ଦେଶ୍ୟ ଓ ପରିବେଶ ସନ୍ତୁଳନ ରକ୍ଷାରେ ବନର ଭୂମିକା ଏବଂ ପ୍ରତ୍ୟେକ ନାଗରିକଙ୍କ ଦାୟିତ୍ୱ ସମ୍ପର୍କରେ ସଚେତନତା ମୂଳକ ବାର୍ତ୍ତା ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମକୁ ସୁକିନ୍ଦା ଫରେଷ୍ଟର ମନୋରମା ହୋତା ପରିଚାଳନା କରିଥିଲେ । କାର୍ଯ୍ୟକ୍ରମ ପରିସରରେ ଥିବା ଖୋଲା ସ୍ଥାନରେ ଆମ୍ବ, ବଉଳ, ଅର୍ଜୁନ, ବରକୋଳି, କଇଥ, ବାଉଁଶ, ମହୁଲ, କରଞ୍ଜ, ଅଁଳା, ବାହାଡ଼ା, ଡାଳିମ୍ବ, ଚମ୍ପା, ଓଉ, ଶିଶୁ, ଫାସୀ, ଜାମୁ ଓ ଗମ୍ଭାରି ଆଦି ପ୍ରାୟ ୫୦ରୁ ଉର୍ଦ୍ଧ୍ୱ ବିଭିନ୍ନ କିସମର ଔଷଧୀୟ ଓ ଫଳପ୍ରଦ ଚାରା ରୋପଣ କରାଯାଇଥିଲା । ଅତିଥିମାନଙ୍କ ସହିତ ଫରେଷ୍ଟର ରାଁସୋଳ ରାମ ତିରିଆ, ଫରେଷ୍ଟର ଟମକା ମାଣିକ ମୁଣ୍ଡାଙ୍କ ସହିତ ମହାମାୟୀ ହାଇସ୍କୁଲ ଦାମୋଦରର ଛାତ୍ରଛାତ୍ରୀ ଓ ସ୍ଥାନୀୟ ଗ୍ରାମବାସୀମାନେ ଉପସ୍ଥିତ ରହି ବୃକ୍ଷ ରୋପଣ କରିଥିଲେ । ବନ ବିଭାଗର ସମସ୍ତ କର୍ମଚାରୀମାନେ ରହି ସହଯୋଗ କରିଥିଲେ ।

ପ୍ରଶାସନିକ ନାଲିଫିତା ଭିତରେ ବନ୍ଧା ୩୦ ହଜାର ଜନତାଙ୍କ ଭାଗ୍ୟ

ମନ୍ତ୍ରୀଙ୍କ ସମୀକ୍ଷା ପରେବି ଫଳପୁର ରାସ୍ତା କାମ ହେଲାନି



ଧାମନଗର, ନ୍ୟୁଜ୍ ବ୍ୟୁରୋ

'ବିକାଶର ଧାରା ଓଡ଼ିଶା ସାରା'- ରାଜ୍ୟ ସରକାରଙ୍କ ଏହି ଡିଣ୍ଡିମ ପିଟା ନାରା ଯେମିତି ଧାମନଗରର ଫଳପୁର ରାସ୍ତାରେ ଆସି ସମ୍ପୂର୍ଣ୍ଣ ଅଟକିଯାଇଛି । ଦୀର୍ଘବର୍ଷ ଧରି ଏହି ରାସ୍ତା ନିର୍ମାଣ ପାଇଁ ଜନସାଧାରଣ ଦାବି କରିଆସୁଥିଲେ ମଧ୍ୟ ପ୍ରଶାସନିକ ଉଦାସୀନତା ଯୋଗୁ 'ପଦ୍ମ ଘୁଞ୍ଚି ଘୁଞ୍ଚି ଗଲା ଭଳି' ସ୍ଥିତି ସୃଷ୍ଟି ହୋଇଛି । ବର୍ତ୍ତମାନ ୭ କିଲୋମିଟର ଦୈର୍ଘ୍ୟର ଏହି ସମ୍ପୂର୍ଣ୍ଣ ରାସ୍ତାର ଅବସ୍ଥା ଦିନକୁ ଦିନ ଅତି ବିପର୍ଯ୍ୟସ୍ତ ହେବାରେ ଲାଗିଛି । ମରାମତି ଅଭାବରୁ ରାସ୍ତାରେ ୭୦ରୁ ଅଧିକ ମରଣଯନ୍ତା ଭଳି ଗାତ ସୃଷ୍ଟି ହୋଇଛି । ଧାମନଗର ମୁସ୍‌ଲିମ୍ ବସ୍ତି ପାଖରୁ ଦଳାଙ୍ଗ ଗେଟ୍ ଯାଏ ରାସ୍ତା ଫାଟି ଖଣ୍ଡ ଖଣ୍ଡ କଂକ୍ରିଟ୍ ବିଛାଡ଼ି ହୋଇପଡ଼ିଥିବା ବେଳେ ବର୍ଷା ପାଣି ଜମି ରହିବା ଯୋଗୁ ଦଳାଙ୍ଗରୁ ବିରୁହାଁ ଛକ ପର୍ଯ୍ୟନ୍ତ ପିଚୁ ଉଠି ବେହାଲ ହୋଇପଡ଼ିଛି । ଚାରିଚକିଆ ଯାନ ଯିବା ତ ଦୂରର କଥା, ବାଇକ୍‌ରେ ଏହି ୭ କିମି ରାସ୍ତା ପାର୍ ହେବାକୁ ଅଧଘଣ୍ଟାରୁ ଅଧିକ ସମୟ ଲାଗୁଛି । ଏହି ସମସ୍ୟା ଦୀର୍ଘ ବର୍ଷର ପୁରୁଣା । ୨୦୦୭ ମସିହାରେ ଏହାକୁ ପକ୍କା ସଡ଼କ କରାଯାଇଥିଲେ ବି ବନ୍ୟା ଓ ଭାରି ଯାନ ଚଳାଚଳ ଯୋଗୁ ଏହା ପ୍ରତିବର୍ଷ ନଷ୍ଟ ହେଉଛି । କରଦା, ପଧାନି, ଦଳାଙ୍ଗ, ଅର୍ଜୁନପୁର, ଭଟ୍ଟସାହି ଓ ନଦୀଗାଁ ପଞ୍ଚାୟତର ପ୍ରାୟ ୩୦ ହଜାରରୁ ଅଧିକ ଲୋକ ଏହି ରାସ୍ତା ଉପରେ ନିର୍ଭର କରୁଥିବା ବେଳେ ଜରୁରୀକାଳୀନ ସମୟରେ ଆମ୍ବୁଲାନ୍ସ କିମ୍ବା ଦମକଳ ଗାଡ଼ିଟିଏ ଯିବା ସମ୍ଭବ ହେଉନାହିଁ । ପୂର୍ବରୁ ୨୦୨୦ ଫେବୃୟାରୀ ବଜେଟ୍ ଅଧିବେଶନରେ ଦିବଙ୍ଗତ ବିଧାୟକ ବିଷ୍ଣୁ ଚରଣ ସେଠୀ ବିଧାନସଭାରେ ଏହି ପ୍ରସଙ୍ଗ ଉଠାଇବା ପରେ ମରାମତି ପାଇଁ ୧ କୋଟି ଟଙ୍କା ମଞ୍ଜୁର ହୋଇଥିଲା, ହେଲେ ଅତି ନିମ୍ନମାନର କାମ ଯୋଗୁ ତାହା ବର୍ଷକରେ ଉଭେଇ ଯାଇଥିଲା । ଗତବର୍ଷ ଅର୍ଥାତ୍ ୨୦୨୫ ଜୁନ୍ ୧୫ରେ ପୂର୍ତ୍ତ ବିଭାଗ ପକ୍ଷରୁ ୨୯ କୋଟି ଟଙ୍କା ମଞ୍ଜୁର ହୋଇଥିବା ନେଇ ଭଦ୍ରକ ପ୍ରଶାସନ ଢେଙ୍ଗୁରା ପିଟିଥିଲା, ହେଲେ ଆଜିବି ଡିପିଆର୍ ଓ ଟେଣ୍ଡର ନାଁରେ କାମ ଶୂନ୍ । ବିଷ୍ଣୁ ସେଠୀଙ୍କ ପରେ ତାଙ୍କ ପୁଅ ତଥା ବର୍ତ୍ତମାନର ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଏହି ରାସ୍ତାକୁ ଗ୍ରାମ୍ୟ ଉନ୍ନୟନରୁ ପୂର୍ତ୍ତ ବିଭାଗକୁ ହସ୍ତାନ୍ତର କରାଇ ଟେଣ୍ଡର ପ୍ରକ୍ରିୟା ଆଗେଇଥିଲେ । ଗତ ୨୦୨୬ ଫେବୃୟାରୀ ୧୦ରେ ହସନାବାଦ କଲ୍ୟାଣ ମଣ୍ଡପ ଅଭିଯୋଗ ଶୁଣାଣି ସମୟରେ ଲୋକଙ୍କ ଦାବିକୁ ଗୁରୁତ୍ୱ ଦେଇ ମନ୍ତ୍ରୀ ପ୍ରଶାସନକୁ ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦେଇଥିଲେ ଏବଂ ୪ଟି ବକ୍ସେଲ୍ କଲ୍‌ଭର୍ଟ ସହ ରାସ୍ତା ନିର୍ମାଣ ପାଇଁ ଗତ ମେ ୨୭ରେ ସମୀକ୍ଷା ମଧ୍ୟ କରିଥିଲେ । ତେବେ ପ୍ରଶ୍ନ ଉଠୁଛି, ପ୍ରଶାସନିକ ଶିଥିଳତାରେ ଜନସାଧାରଣଙ୍କୁ ଆଉ କେତେ ଦିନ ହନ୍ତସନ୍ତ ହେବାକୁ ପଡ଼ିବ ? କାଗଜପତ୍ରରେ ବିକାଶର ଗଙ୍ଗା ବହୁଥିବା ବେଳେ ବାସ୍ତବରେ ଜନତା କାଦୁଅ-ଖାଲରେ ସନ୍ତୁଳି ହେଉଛନ୍ତି । ସରକାରଙ୍କ ଏଭଳି ପ୍ରତାରଣାପୂର୍ଣ୍ଣ ଆଭିମୁଖ୍ୟକୁ ଅଞ୍ଚଳବାସୀ ତୀବ୍ର ସମାଲୋଚନା କରିବା ସହ ତୁରନ୍ତ ସ୍ଥାୟୀ ପ୍ରତିକାର ପାଇଁ ଦାବି କରିଛନ୍ତି ।

ଶିକ୍ଷାନୁଷ୍ଠାନରେ ଅଗ୍ନି ନିରାପତ୍ତାକୁ ପ୍ରାଥମିକତା ଦେବାକୁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ

DISTRICT LEVEL CONSULTATION WORKSHOP
ON ENSURING FIRE SAFETY MEASURES IN
EDUCATIONAL INSTITUTIONS, COACHING CENTERS
AND SKILL DEVELOPMENT INSTITUTIONS
Date: 09.07.2026
Venue: Sadbhabana Sabhagruha ,Collectorate ,Boudh

ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ

ଶିଶୁ ଓ ଛାତ୍ରଛାତ୍ରୀଙ୍କ ସୁରକ୍ଷାକୁ ସର୍ବାଗ୍ରେ ରଖି ଶିକ୍ଷାନୁଷ୍ଠାନ ଗୁଡ଼ିକରେ ଅଗ୍ନିନିରାପତ୍ତା ବ୍ୟବସ୍ଥାକୁ ଆହୁରି ସୁଦୃଢ଼କରିବା ଉଦ୍ଦେଶ୍ୟରେ ଜିଲ୍ଲାପାଳ ତଥା ଜିଲ୍ଲା ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ଅଧକ୍ଷ ବିଭୁତିଭୂଷଣ ନାୟକଙ୍କ ସଭାପତିତ୍ୱରେ ଜିଲ୍ଲାପାଳଙ୍କ ସଦ୍‌ଭାବନା ସଭାଗୃହରେ ଏକ ଜିଲ୍ଲାସ୍ତରୀୟ ପରାମର୍ଶ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଏହି କର୍ମଶାଳାରେ ଜିଲ୍ଲାର ବିଭିନ୍ନ କାର୍ଯ୍ୟାଳୟ, ଡାକ୍ତରଖାନା, ଶିକ୍ଷାନୁଷ୍ଠାନ, କୋଚିଂସେଣ୍ଟର ଓ ଦକ୍ଷତା ବିକାଶ ଅନୁଷ୍ଠାନ ଗୁଡ଼ିକରେ ଅଗ୍ନି ନିରାପତ୍ତା ସମ୍ବନ୍ଧୀୟ ମାନକର କଡ଼ାକଡ଼ି ପାଳନ ଓ ଦୁର୍ଘଟଣା ପ୍ରତିରୋଧ ପାଇଁ ସମନ୍ୱିତ କାର୍ଯ୍ୟ ଯୋଜନା ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା । ଏହି କର୍ମଶାଳାରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ କୁଲଦୀପ ମୀନା, ସମସ୍ତ ତହସିଲଦାର, ବିଦ୍ୟୁତ ବିଭାଗର ନିର୍ବାହୀଯନ୍ତ୍ରୀ, ଅଗ୍ନିଶମ ବିଭାଗର ଅଧିକାରୀ, ଓଡ୍ରାଫ୍ ଅଧିକାରୀ, ଶିକ୍ଷା ବିଭାଗର ଅଧିକାରୀ, ବିଭିନ୍ନ ଶିକ୍ଷାନୁଷ୍ଠାନ, କୋଚିଂସେଣ୍ଟର ଓ ଦକ୍ଷତା ବିକାଶ ଅନୁଷ୍ଠାନର ଅଧିକାରୀ ଓ ପ୍ରତିନିଧିମାନେ ଉପସ୍ଥିତ ରହି ଅଗ୍ନିନିରାପତ୍ତା ବ୍ୟବସ୍ଥାର ସୁଦୃଢ଼ୀକରଣ, ସଚେତନତା ବୃଦ୍ଧି ଏବଂ ଜରୁରୀକାଳୀନ ପରିସ୍ଥିତିରେ ତୁରନ୍ତ ପଦକ୍ଷେପ ଗ୍ରହଣର ଆବଶ୍ୟକତା ଉପରେ ମତାମତ ରଖିଥିଲେ । କର୍ମଶାଳାରେ ଅଗ୍ନିଶମ ଉପକରଣର ଉପଲବ୍ଧତା ଓ କାର୍ଯ୍ୟକ୍ଷମତା, ନିୟମିତ ମକ୍‌ଡ୍ରିଲ୍, ଜରୁରୀକାଳୀନ ନିର୍ଗମନ ପଥର ସୁବ୍ୟବସ୍ଥା, ସଚେତନତା କାର୍ଯ୍ୟକ୍ରମ, ସମୟାନୁସାରେ ସୁରକ୍ଷା ଯାଞ୍ଚ ଏବଂ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ବୃଦ୍ଧି ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା । ଓଡ୍ରାଫ୍ ଅଧିକାରୀ ପାୱାର ପଏଣ୍ଟ ଉପସ୍ଥାପନା ମାଧ୍ୟମରେ ଅଗ୍ନି ନିରାପତ୍ତାର ବିଭିନ୍ନ ଦିଗ ଓ ଦୁର୍ଘଟଣା ସମୟରେ କରଣୀୟ ସମ୍ପର୍କରେ ବିସ୍ତୃତ ପ୍ରଦର୍ଶନ କରିଥିଲେ । ସଭାକୁ ସମ୍ବୋଧନ କରି ଜିଲ୍ଲାପାଳ କହିଥିଲେ ଯେ, ଜନସାଧାରଣ ଏବଂ ବିଶେଷକରି ଛାତ୍ରଛାତ୍ରୀଙ୍କ ଧନଜୀବନର ସୁରକ୍ଷା ପ୍ରଶାସନର ସର୍ବୋଚ୍ଚ ଦାୟିତ୍ୱ । ଅଗ୍ନି ନିରାପତ୍ତା ପ୍ରତି ସାମାନ୍ୟ ଅବହେଳା ମଧ୍ୟ ବଡ଼ ଦୁର୍ଘଟଣାର କାରଣ ହୋଇପାରେ । ତେଣୁ ଜିଲ୍ଲାର ପ୍ରତ୍ୟେକ ସରକାରୀ କାର୍ଯ୍ୟାଳୟ ଓ ଶିକ୍ଷାନୁଷ୍ଠାନରେ ଅଗ୍ନିଶମ ବିଭାଗ ପକ୍ଷରୁ ନିୟମିତ ଭାବେ ଅଗ୍ନିନିର୍ବାପଣ ପ୍ରଦର୍ଶନୀ, ମକ୍‌ଡ୍ରିଲ୍ ଓ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯିବ । ସେ ସମସ୍ତ ବିଭାଗକୁ ପରସ୍ପର ସମନ୍ୱୟ ରକ୍ଷାକରି ଜିଲ୍ଲାରେ ଏକ ସୁରକ୍ଷିତ ଶିକ୍ଷା ପରିବେଶ ଗଠନ ପାଇଁ ଦୃଢ଼ ପଦକ୍ଷେପ ନେବାକୁ ଆହ୍ୱାନ୍ ଜଣାଇଥିଲେ ।

ବାଲଡିହା ଡ୍ୟାମ୍‌ରେ ପର୍ଯ୍ୟଟକଙ୍କୁ ମୌଳିକ ସୁବିଧା ଯୋଗାଣ ଦାବି ଜୋର୍ ଧରିଲା

ବାରିପଦା, ନ୍ୟୁଜ୍ ବ୍ୟୁରୋ

ମୟୂରଭଞ୍ଜ ଜିଲ୍ଲାର ଅନ୍ୟତମ ପ୍ରମୁଖ ପର୍ଯ୍ୟଟନସ୍ଥଳୀ ବାଲ୍‌ଡିହା ଡ୍ୟାମ୍‌ରେ ପର୍ଯ୍ୟଟକଙ୍କ ପାଇଁ ମୌଳିକ ସୁବିଧା ଯୋଗାଇ ଦେବାକୁ ଦାବି ଜୋର୍ ଧରିଛି । ଏହି ପରିପ୍ରେକ୍ଷୀରେ ବୁଧବାର ଯୁବନେତା ତଥା ବାରିପଦା ପୌରପରିଷଦର କାଉନ୍‌ସିଲର ରାଜ୍ ଗୁପ୍ତା ମୟୂରଭଞ୍ଜ ଜଳସେଚନ ବିଭାଗର ଅଧିକ୍ଷଣ ଯନ୍ତ୍ରୀ ଇଂ ପରମେଶ୍ୱର ପାତ୍ରଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିବା ସହ ଏହି ଦାବି ସମ୍ବନ୍ଧରେ ଆଲୋଚନା କରିଥିଲେ । ଏହି ଦାବିପତ୍ରରେ ଉଲ୍ଲେଖ କରାଯାଇଛି ଯେ, ବାଲଡିହା ଡ୍ୟାମ୍ ପ୍ରକୃତିର ମନୋରମ ପରିବେଶ ପାଇଁ ବେଶ୍ ପରିଚିତ । ପ୍ରତିଦିନ ସ୍ଥାନୀୟ ଲୋକଙ୍କ ସହ ଦୂରଦୂରାନ୍ତରୁ ବହୁ ସଂଖ୍ୟାରେ ପର୍ଯ୍ୟଟକ, ପ୍ରକୃତିପ୍ରେମୀ ଏବଂ ପିକ୍‌ନିକ୍ କରିବା ପାଇଁ ଏଠାକୁ ଆସିଥାନ୍ତି । ବିଶେଷକରି ଶନିବାର, ରବିବାର ଏବଂ ସରକାରୀ ଛୁଟି ଦିନରେ ପର୍ଯ୍ୟଟକଙ୍କ ସଂଖ୍ୟା ବହୁଗୁଣିତ ହୋଇଥାଏ । ମାତ୍ର ସେଠାରେ ବିଶ୍ରାମ ସେଡ୍, ନିରାପଦ ପାନୀୟ ଜଳ ଏବଂ ସ୍ୱଚ୍ଛ ସାର୍ବଜନୀନ ଶୌଚାଳୟ ଭଳି ଅତ୍ୟାବଶ୍ୟକ ସୁବିଧା ନଥିବାରୁ ପର୍ଯ୍ୟଟକମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ତେଣୁ ବାଲ୍‌ଡିହା ଡ୍ୟାମ୍‌ରେ ଏକ ସ୍ଥାୟୀ ବିଶ୍ରାମ ସେଡ୍, ଶୁଦ୍ଧ ପାନୀୟ ଜଳ ଯୋଗାଇବା ପାଇଁ ୱାଟର୍ କିଓସ୍କ ଏବଂ ଉପଯୁକ୍ତ ରକ୍ଷଣାବେକ୍ଷଣ ସହିତ ସାର୍ବଜନୀନ ଶୌଚାଳୟ ନିର୍ମାଣ କରିବାକୁ ଆବେଦନରେ ଅନୁରୋଧ କରାଯାଇଛି । ଏହି ସମସ୍ତ ସୁବିଧା ଉପଲବ୍ଧ ହେଲେ ପର୍ଯ୍ୟଟକଙ୍କ ଆରାମ୍, ସ୍ୱଚ୍ଛତା ଓ ସ୍ୱାସ୍ଥ୍ୟ ସୁରକ୍ଷା ବୃଦ୍ଧି ପାଇବା ସହ ବାଲ୍‌ଡିହା ଡ୍ୟାମ୍‌ର ପର୍ଯ୍ୟଟନ ବିକାଶକୁ ମଧ୍ୟ ବେଶ୍ ସହାୟକ ହେବ ବୋଲି ଶ୍ରୀ ଗୁପ୍ତା ଅଧିକ୍ଷଣ ଯନ୍ତ୍ରୀଙ୍କ ଠାରେ ଦାବି ରଖିଛନ୍ତି ।

ଅଷ୍ଟ୍ରେଲିଆରେ ଅନୁଷ୍ଠିତ ହେବ ଆଇପିଏଲ୍ ମ୍ୟାଚ ବିସିସିଆଇକୁ ଖୋଲା ପ୍ରସ୍ତାବ ଦେଲା ସିଏ

ନୂଆଦିଲ୍ଲୀ

ଆଗାମୀ ବିଗ ବ୍ୟାସ ଲିଗ ସିଜିନର ଉଦ୍‌ଘାଟନୀ ମ୍ୟାଚ ଭାରତରେ ଅନୁଷ୍ଠିତ ହେବ ବୋଲି ନିଶ୍ଚିତ ହୋଇଛି। ଏହି ମ୍ୟାଚ ଚେନ୍ନାଇର ଚେପକ କ୍ରିକେଟ ଷ୍ଟାଡିୟମରେ ଖେଳାଯିବ। ପ୍ରଧାନମନ୍ତ୍ରୀ ମୋଦୀ ଅଷ୍ଟ୍ରେଲିଆ ଗସ୍ତ ସମୟରେ ଏହା ଘୋଷଣା କରିଥିଲେ। ଏହି ସମୟରେ, ରିପୋର୍ଟଗୁଡ଼ିକ ସୂଚିତ କରୁଛି ଯେ କ୍ରିକେଟ ଅଷ୍ଟ୍ରେଲିଆ (ସିଏ) ସେମାନଙ୍କ ଦେଶରେ ଇଣ୍ଡିଆନ ପ୍ରିମିୟର ଲିଗ ମ୍ୟାଚ ଆୟୋଜନ କରିବା ପାଇଁ ବିସିସିଆଇକୁ ଖୋଲା ନିମନ୍ତ୍ରଣ କରିଛି।

ଦି ସିଡନୀ ମର୍ଣ୍ଣିଂ ହେରାଲ୍ଡର ଏକ ରିପୋର୍ଟ ଅନୁଯାୟୀ, କ୍ରିକେଟ ଅଷ୍ଟ୍ରେଲିଆ ମାଟିରେ ଆଇପିଏଲ୍ ମ୍ୟାଚ ଆୟୋଜନ କରିବାକୁ ବିସିସିଆଇକୁ ଆମନ୍ତ୍ରଣ କରିଛି। ଯଦି ଏହା ବାସ୍ତବରେ ପରିଣତ ହୁଏ, ତେବେ ଏହା ଟୁର୍ଣ୍ଣାମେଣ୍ଟର ଇତିହାସରେ ପ୍ରଥମ ଥର ପାଇଁ ବିଦେଶୀ ଆଇପିଏଲ୍ ମ୍ୟାଚ ହେବ। ରିପୋର୍ଟରେ କୁହାଯାଇଛି ଯେ ଦୁଇ ବୋର୍ଡ ମଧ୍ୟରେ ବ୍ୟକ୍ତିଗତ ଆଲୋଚନା ପୂର୍ବରୁ ଚାଲିଛି, କ୍ରିକେଟ ଅଷ୍ଟ୍ରେଲିଆ ଆଶା କରୁଛି ଯେ ଏହି ଧାରଣା ଗତି କରିବ।

ତଥାପି, ବିସିସିଆଇ କିମ୍ବା କ୍ରିକେଟ ଅଷ୍ଟ୍ରେଲିଆ ଏହି ରିପୋର୍ଟ ଉପରେ ଆନୁଷ୍ଠାନିକ ଭାବରେ ମନ୍ତବ୍ୟ ଦେଇନାହାଁନ୍ତି। ଚେନ୍ନାଇ ଐତିହାସିକ ବିବିଏଲ୍ ଓପନର ପାଇଁ ପ୍ରସ୍ତୁତ ହେଉଛି। ନୂତନ ଭାରତ-ଅଷ୍ଟ୍ରେଲିଆ କ୍ରୀଡା ସହଯୋଗ ରୋଡମ୍ୟାପର ଅଂଶ ସ୍ୱରୂପ, ମେଲବୋର୍ଣ୍ଣ ରେନେଗେଡ୍ସ ଡିସେମ୍ବର ୧୨ରେ ଚେନ୍ନାଇର ଏମ.ଏ. ଚିଦାମ୍ବରମ ଷ୍ଟାଡିୟମରେ ଡିଫେଣ୍ଡିଂ ଚାମ୍ପିଅନ ପର୍ଥ ସ୍କର୍ଚର୍ସ ସହିତ ମୁକାବିଲା କରିବ। ଏହା ଭାରତରେ ଖେଳାଯିବାକୁ ଥିବା ଏକ ବିଦେଶୀ ଫ୍ରାଞ୍ଚାଇଜ ଟି୨୦ ଲିଗର ପ୍ରଥମ ମ୍ୟାଚ ହେବ, ଯାହା କ୍ରିକେଟର ବିଶ୍ୱ ପ୍ରସାରଣରେ ଏକ ଗୁରୁତ୍ୱପୂର୍ଣ୍ଣ ମୁହୂର୍ତ୍ତ।

ଆଠଟି ଦଳର ବିଗ ବାଶ ଲିଗ, ପାରମ୍ପରିକ ଭାବରେ ଡିସେମ୍ବର ଏବଂ ଫେବୃଆରୀ ମଧ୍ୟରେ ଖେଳାଯାଉଥିବା, ବିଶ୍ୱର ସବୁଠାରୁ ଶକ୍ତିଶାଳୀ ଘରୋଇ ଟି୨୦ ପ୍ରତିଯୋଗିତା ମଧ୍ୟରୁ ଗୋଟିଏ ବୋଲି ବିବେଚନା କରାଯାଏ, ଯାହା ଆଇପିଏଲ ପରେ ଦ୍ୱିତୀୟ। ଏହା ବ୍ୟତୀତ, ଭାରତରେ ଏକ ବିବିଏଲ ମ୍ୟାଚ ଆୟୋଜନ ଅଷ୍ଟ୍ରେଲିଆ ସହିତ ରାଜନୈତିକ ସମ୍ପର୍କକୁ ମଧ୍ୟ ସୁଦୃଢ଼ କରିବ।

ଭାରତ ବିପକ୍ଷରେ ଇଂଲଣ୍ଡ ୫୬ ରନ୍‌ରେ ବିଜୟୀ

ସାଉଥମ୍ପଟନ୍

ଭାରତ ଏବଂ ଇଂଲଣ୍ଡ ମଧ୍ୟରେ ୫ମ୍ୟାଚ୍ ବିଶିଷ୍ଟ ଟି୨୦ ଶୃଙ୍ଖଳାର ପଞ୍ଚମ ତଥା ଶେଷ ମୁକାବିଲା ଉଭୟ ବ୍ୟାଟିଂ ଏବଂ ବୋଲିଂ କ୍ଷେତ୍ରରେ ଇଂଲଣ୍ଡ ଦମଦାର ପ୍ରଦର୍ଶନ କରିଛି। ଘରୋଇ ମାଟିରେ ଭାରତ ବିପକ୍ଷରେ ୫୬ ରନ୍‌ରେ ବିଜୟୀ ହୋଇଛି।

ଭାରତ ୨୫୮ ରନ୍‌ର ଲକ୍ଷ୍ୟ ନେଇ ବ୍ୟାଟିଂ କରିଥିଲା। ଶ୍ରେୟସ ଆୟରଙ୍କ ନେତୃତ୍ୱରେ ଦଳ ୨୦ ଓଭରରେ ୮ଟି ୱିକେଟ୍ ହରାଇ ୨୦୧ ରନ୍ କରିଛି। ଭାରତ ପାଇଁ ଈଶାନ କିଶନ ସର୍ବାଧିକ ବ୍ୟକ୍ତିଗତ ସ୍କୋର କରିଥିଲେ। ସେ ୩୫ଟି ବଲ୍ ଖେଳି ୭ଟି ଚୌକା ଏବଂ ୨ଟି ଛକା ବଳରେ ୫୬ ରନ୍ ସଂଗ୍ରହ କରିଥିଲେ। ତିଲକ ବର୍ମା ୨୫ଟି ବଲ୍ ଖେଳି ୩ଟି ଚୌକା ୪ଟି ଛକା ବଳରେ ୫୩ ରନ୍ ସଂଗ୍ରହ କରିଥିଲେ। ସଂଜୁ ସାମସନ ୨୭ ରନ୍ ଏବଂ ଶ୍ରେୟସ ଆୟର ୨୮ ରନ୍ କରିଥିଲେ। ଅନ୍ୟ ଖେଳାଳିଙ୍କର ପ୍ରଦର୍ଶନ ନିମ୍ନମାନର ଥିଲା।

ସାଉଥମ୍ପଟନର ଦ ରୋଜ୍ ବାଉଟ୍‌ରେ ଟସ୍ ଜିଣି ଭାରତ ଟସ୍ ? ଜିଣି ପ୍ରଥମେ ବୋଲିଂ ନିଷ୍ପତ୍ତି ନେଇଥିଲା। ଇଂଲଣ୍ଡ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ

ଗୋଟିଏ ୩ଟି ହରାଇ ୨୫୭ ରନ୍ କରିଥିଲା। ଏହି ସ୍କୋରରେ ଜୋସ୍ ବଟଲରଙ୍କ ଶତକ ସାମିଲ ରହିଛି।

ଇଂଲଣ୍ଡ ପାଇଁ ଜୋସ ବଟଲର ସର୍ବାଧିକ ବ୍ୟକ୍ତିଗତ ସ୍କୋର କରିଥିଲେ। ସେ ଶିଭମ ଦୁବେଙ୍କ ବଲ୍ ଶ୍ରେୟସ ଆୟରଙ୍କୁ କ୍ୟାଚ୍ ଦେଇ ଆଉଟ୍ ହୋଇଥିଲେ। ଏହା ପୂର୍ବରୁ ସେ ୬୪ଟି ବଲ୍ ଖେଳିଥିଲେ। ଏଥିରୁ ସେ ୧୨ଟି ଚୌକା ଏବଂ ୮ଟି ଛକା ସହାୟତାରେ ୧୩୧ ରନ୍ ସଂଗ୍ରହ କରିଥିଲେ। ସେହିପରି ହେରି ବ୍ରୋକ୍ ଇଂଲଣ୍ଡ ପାଇଁ ଦ୍ୱିତୀୟ ସର୍ବାଧିକ ସ୍କୋର କରିଥିଲେ। ସେ ଅପରାଜିତ ରହି ୯୫ ରନ୍ ସଂଗ୍ରହ କରିଥିଲେ। ୪୫ଟି ବଲ୍ ଖେଳି ୪ଟି ଚୌକା ଏବଂ ୮ଟି ଛକା ମାରିଥିଲେ। ଜାକୋବ ବେଥେଲ ଗୋଟିଏ ବଲ୍ ଖେଳି ଶିଭମ ଦୁବେଙ୍କ ବଲ୍‌ରେ ତିଲକ ବର୍ମାଙ୍କୁ କ୍ୟାଚ୍ ଦେଇ ଆଉଟ୍ ହୋଇଥିଲେ। ୱିଲ୍ ଜ୍ୟାକ୍ ୨ଟି ବଲ୍ ଖେଳି ଅପରାଜିତ ୭ରନ୍ କରିଥିଲେ।

ଇଂଲଣ୍ଡ ପାଇଁ ଫିଲିପ୍ ସଲ୍ଟ ଏବଂ ଜୋସ ବଟଲର ବ୍ୟାଟିଂ ଆରମ୍ଭ କରିଥିଲେ। ଉଭୟ ଖେଳାଳି ପ୍ରଥମ ୱିକେଟ୍ ପାଇଁ ୮ ରନ୍‌ରେ କରିଥିଲେ। ଭାରତର ପ୍ରଥମ ଶିକାର ହୋଇଥିଲେ ଫିଲିପ୍ ସଲ୍ଟ। ପ୍ରସିଦ୍ଧ କୃଷ୍ଣାଙ୍କ ବଲ୍‌ରେ ଆଉଟ୍ ହେବା ପୂର୍ବରୁ ସେ ୯ଟି ବଲ୍ ଖେଳି ଗୋଟିଏ ଚୌକା ସହାୟତାରେ ୬ ରନ୍ ସଂଗ୍ରହ କରିଥିଲେ।

ସଚିନଙ୍କ ସହ ୱିମ୍ବଲଡନ ଦେଖିବାକୁ ଗଲେ ଶୁବମନ ଗିଲ୍

ନୂଆଦିଲ୍ଲୀ

ଭାରତର ଟେଷ୍ଟ ଏବଂ ଏକଦିବସୀୟ ଅଧିନାୟକ ଶୁବମନ ଗିଲଙ୍କୁ ୱିମ୍ବଲଡନରେ ରୟାଲ ବକ୍ସରେ କିମ୍ବଦନ୍ତୀ ଭାରତୀୟ ବ୍ୟାଟ୍ସମ୍ୟାନ ସଚିନ ତେନ୍ଦୁଲକର ଏବଂ ତାଙ୍କ ସ୍ତ୍ରୀ ଅଞ୍ଜଳିଙ୍କ ସହ ବସିଥିବାର ଦେଖାଯାଇଥିଲା। ଟେନିସ ମ୍ୟାଚ ଉପଭୋଗ କରୁଥିବା ତିନି ଜଣଙ୍କର ଏକ ଫଟୋ ସୋସିଆଲ ମିଡିଆରେ ଭାଇରାଲ ହେଉଛି। ଫଟୋକୁ ନେଇ ଅନେକ ଆଲୋଚନା ମଧ୍ୟ ହେଉଛି। ଫଟୋ ଦେଖି ଲୋକେ ଶ୍ୱଶୁର, ଶାଶୁ ଏବଂ ଜ୍ୱାଇଁ ଏକାଠି ବସିଥିବା କହୁଛନ୍ତି। ଗିଲ ତେନ୍ଦୁଲକରଙ୍କ ଝିଅ ସାରା ତେନ୍ଦୁଲକରଙ୍କୁ ଡେଟ କରୁଥିବା ପ୍ରାୟତଃ ଚର୍ଚ୍ଚା ହୋଇଥାଏ। କିନ୍ତୁ ଏହାର କୌଣସି ନିଶ୍ଚିତତା ନାହିଁ।

ଭାରତୀୟ ଦଳ ବର୍ତ୍ତମାନ ଇଂଲଣ୍ଡ ବିପକ୍ଷରେ ପାଞ୍ଚ ମ୍ୟାଚ ବିଶିଷ୍ଟ ଟି-୨୦ ସିରିଜ ଖେଳୁଛି। ସିରିଜର ଶେଷ ମ୍ୟାଚ ଆଜି ଖେଳାଯିବ ଏବଂ ଏହା ପରେ ୧୪ ଜୁଲାଇରୁ ତିନି ମ୍ୟାଚ ବିଶିଷ୍ଟ ଦିନିକିଆ ସିରିଜ ଆରମ୍ଭ ହେବ। ବିରାଟ କୋହଲି ଏବଂ ରୋହିତ ଶର୍ମାଙ୍କ ଭଳି କିମ୍ବଦନ୍ତୀ ଖେଳାଳି ଶୁବମନ ଗିଲଙ୍କ ଅଧିନାୟକତ୍ୱରେ ଏକଦିବସୀୟ ସିରିଜ ଖେଳିବେ।

ଏପର୍ଯ୍ୟନ୍ତ ତାଙ୍କ ଅନ୍ତର୍ଜାତୀୟ କ୍ୟାରିଅରରେ, ଗିଲ ୪୧ ଟେଷ୍ଟ, ୬୪ ଦିନିକିଆ ଏବଂ ୩୬ ଟି-୨୦ ଅନ୍ତର୍ଜାତୀୟ ଖେଳିଛନ୍ତି। ସେ ଟେଷ୍ଟରେ ୨୯୬୯ ରନ, ଏକଦିବସୀୟରେ ୩୧୯୧ ରନ ଏବଂ ଟି-୨୦ ଅନ୍ତର୍ଜାତୀୟରେ ୮୬୯ ରନ କରିଛନ୍ତି। ତିନୋଟି ଫର୍ମାଟରେ ସେ ୨୧ ଶତକ ଏବଂ ୨୯ ଅର୍ଦ୍ଧଶତକ ହାସଲ କରିଛନ୍ତି।

ଫିଫା ବିଶ୍ୱକପ୍ : ଯାଦୁ ଦେଖାଇଲେ ରୁଇଜ୍-ମେରିନୋ, ସେମିଫାଇନାଲରେ ସ୍ପେନ୍

ଲସ୍ ଆଞ୍ଜେଲସ୍

ଫାବିଆନ୍ ରୁଇଜ୍ ଏବଂ ମିକେଲ୍ ମେରିନୋଙ୍କ ଶକ୍ତିଶାଳୀ ପ୍ରଦର୍ଶନ ପାଇଁ ସ୍ପେନ୍ ଶନିବାର ଫିଫା ବିଶ୍ୱକପ୍ ୨୦୨୬ର ଦ୍ୱିତୀୟ କ୍ୱାର୍ଟର ଫାଇନାଲରେ ବେଲଜିୟମକୁ ପରାସ୍ତ କରି ସେମିଫାଇନାଲରେ ସ୍ଥାନ ସୁରକ୍ଷିତ କରିଛି। ଲସ୍ ଆଞ୍ଜେଲସ୍ ଷ୍ଟାଡିୟମରେ ଖେଳାଯାଇଥିବା ମ୍ୟାଚ୍‌ରେ ୨୦୧୦ ଚାମ୍ପିଅନ୍ ଏକ କଡ଼ା ପ୍ରତିଯୋଗିତାରେ ୨-୧ ବିଜୟ ହାସଲ କରିଛି।

ମ୍ୟାଚର ପ୍ରଥମାର୍ଦ୍ଧରେ ଦୁଇଟି ଗୋଲ ହୋଇଥିଲା। ସ୍କୋର ୧-୧ରେ ବରାବର ଥିଲା ଏବଂ ସମସ୍ତଙ୍କ ନଜର ଦ୍ୱିତୀୟାର୍ଦ୍ଧ ଉପରେ ଥିଲା। ବିଶ୍ୱ ଫୁଟବଲ୍‌ର ଦୁଇଟି ପ୍ରମୁଖ ଦଳ ଦାନ୍ତ ଏବଂ ନଖ ଉପରେ ଲଢୁଥିଲେ। ସମସ୍ତଙ୍କ ନଜର ସ୍ପେନର ଉଦୀୟମାନ ତାରକା ୟାମିନ୍ ୟାମାଲଙ୍କ ଉପରେ ଥିଲା। କିନ୍ତୁ ମେରିନୋ ହିରୋ ଭାବରେ ଉଭା ହେଲେ ଏବଂ ସେହି ଗୋଲ ସ୍କୋର କଲେ ଯାହା ସ୍ପେନ୍‌କୁ ସେମିଫାଇନାଲରେ ପହଞ୍ଚାଇବା ପାଇଁ ଯଥେଷ୍ଟ ପ୍ରମାଣିତ ହେଲା।

ସ୍ପେନ୍ ଦ୍ୱିତୀୟ ଥର ବିଶ୍ୱକପ୍ ସେମିଫାଇନାଲରେ ପହଞ୍ଚିଛି।

ପୂର୍ବରୁ ୨୦୧୦ରେ ଦଳ ସେମିଫାଇନାଲରେ ପହଞ୍ଚିବା ସହିତ ଫାଇନାଲରେ ଟାଇଟଲ ଜିତିଥିଲା। ସ୍ପେନ୍ ଏଥର ସମାନ ପ୍ରୟାସ କରିବ। କିନ୍ତୁ ସେମାନେ ଦୁଇଥର ଚାମ୍ପିଅନ୍ ଫ୍ରାନ୍ସର ସମ୍ମୁଖୀନ ହେବେ, ଯେଉଁମାନେ ଚଳିତ ବର୍ଷ ଉତ୍କୃଷ୍ଟ ଫୁଟବଲ୍ ଖେଳୁଛନ୍ତି। ସ୍ପେନ୍ ୨୦୧୮ରେ ଟାଇଟଲ୍ ଜିତିଥିଲା ଏବଂ ୨୦୨୨ରେ ଫାଇନାଲରେ ପହଞ୍ଚିଥିଲା। କାଇଲିଆନ୍ ଏମବାପେଙ୍କ ଭଳି ତାରକା ଖଚିତ ଦଳ ଗର୍ବ କରୁଥିବା ଫ୍ରାନ୍ସକୁ ପରାସ୍ତ କରିବା ଏହି ଟୁର୍ଣ୍ଣାମେଣ୍ଟରେ ସ୍ପେନ୍ ପାଇଁ ସବୁଠାରୁ ବଡ଼ ଚ୍ୟାଲେଞ୍ଜ ପ୍ରମାଣିତ ହୋଇପାରେ।

ଏହି ମ୍ୟାଚ୍‌ରେ ସ୍ପେନ୍ ଏବଂ ବେଲଜିୟମ୍ ଉଭୟ ବିଶ୍ୱସ୍ତରୀୟ ପ୍ରଦର୍ଶନ କରିବେ ବୋଲି ଆଶା କରାଯାଉଥିଲା ଏବଂ ସେ ତାହା କରିଛନ୍ତି। ରୁଇଜ୍ ସ୍ପେନ୍ ପାଇଁ ପ୍ରଥମ ଗୋଲ ସ୍କୋର କରି ୩୦ତମ ମିନିଟରେ ସେମାନଙ୍କୁ ଆଗୁଆ କରିଥିଲେ। ୟାମାଲ ମଧ୍ୟ ଏହି ଗୋଲରେ ଅବଦାନ ରଖିଥିଲେ। ୟାମାଲ ଏବଂ ପେଡ୍ରୋ ପୋରୋ ବଲ୍ ବକ୍ସ ଭିତରକୁ ପଠାଇଥିଲେ। ପେଡ୍ରୋ ତା'ପରେ ଡାନି ଓଲମୋଙ୍କୁ ପାସ୍ ଦେଇଥିଲେ, ଯାହାଙ୍କ ପ୍ରୟାସକୁ ବେଲଜିୟମ୍ ଗୋଲକିପର ପ୍ରତ୍ୟାଖ୍ୟାନ କରିଥିଲେ। ବଲ୍ ରୁଇଜ୍ ହାତରେ ପଡ଼ିଥିଲା, ଯିଏ ବଲ୍ ଜାଲରେ ପକାଇବାରେ କୌଣସି ଭୁଲ କରିନଥିଲେ। ବେଲଜିୟମ୍ ହାର ମାନି ନଥିଲା ଏବଂ ସେମାନଙ୍କର ପ୍ରୟାସ ଜାରି ରଖିଥିଲା। ଶେଷରେ ୪୧ତମ ମିନିଟରେ ସଫଳତା ହାସଲ କରିଥିଲା। ଚାର୍ଲ୍ସ ଡି କେଟେଲାଏର କୋର୍ସିଙ୍କଠାରୁ ବଲ୍ ସଂଗ୍ରହ କରି ଏକ ଶକ୍ତିଶାଳୀ ସଟ୍ ସାହାଯ୍ୟରେ ନେଟ୍ ଭିତରକୁ ପଠାଇ ବେଲଜିୟମକୁ ସମାନ ସ୍ଥିତିକୁ ଆଣିଥିଲେ।

ଦ୍ୱିତୀୟାର୍ଦ୍ଧଟି ଅଗ୍ରଣୀ ହାସଲ ଏବଂ ବଜାୟ ରଖିବା ପାଇଁ ଏକ ସଂଘର୍ଷ ଥିଲା। ଏହି ସମୟରେ, ବେଲଜିୟମର କିମ୍ବଦନ୍ତୀ ଗୋଲକିପର ଥମାସ କୋର୍ଟୋଇସ୍ ୭୧ତମ ମିନିଟରେ ଆହତ ହୋଇଥିଲେ, ଯାହା ଏକ ବଡ଼ ଆଘାତ ଥିଲା। କିମ୍ବଦନ୍ତୀ ଗୋଲକିପର ଅନେକ ସ୍ପେନିସ୍ ଆକ୍ରମଣକୁ ବିଫଳ କରିଥିଲେ। ତାଙ୍କର ପ୍ରସ୍ଥାନ ବେଲଜିୟମ ଦଳକୁ ଦୁର୍ବଳ କରିଦେଇଥିଲା, ଯାହାକୁ ସ୍ପେନ୍ ଉପଯୋଗ କରିବାକୁ ଚେଷ୍ଟା କରିଥିଲା। ପର୍ତ୍ତୁଗାଲ ବିପକ୍ଷରେ ୯୧ତମ ମିନିଟରେ ଗୋଲ ଦେଇଥିବା ମେରିନୋ ମଧ୍ୟ ଏଥର ପ୍ରଭାବଶାଳୀ ଥିଲେ। ସେ ବେଞ୍ଚରୁ ଆସି ୮୮ତମ ମିନିଟରେ ଗୋଲ କରି ସ୍ପେନକୁ ବିଜୟୀ କରାଇଥିଲେ। ମେରିନୋ ପ୍ରାୟତଃ ସ୍ପେନ ପାଇଁ ଶେଷ ମୁହୂର୍ତ୍ତରେ ଗୋଲ କରିବାରେ ସଫଳ ହୋଇଛନ୍ତି ଏବଂ ସେ ଆଜି ପୁଣି ଥରେ ଏହା କରିଛନ୍ତି।

ବିସିସିଆଇ ଡାକିଲା ଜରୁରୀ ବୈଠକ; ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ହେବ ଆଲୋଚନା

ନୂଆଦିଲ୍ଲୀ

ଭାରତୀୟ କ୍ରିକେଟରେ ସବୁକିଛି ଠିକ ଅଛି କି? ଏହା ବର୍ତ୍ତମାନ ଏକ ପ୍ରମୁଖ ପ୍ରଶ୍ନ ପାଲଟିଛି। ଭାରତୀୟ ଦଳ ଆୟରଲ୍ୟାଣ୍ଡ ବିପକ୍ଷରେ ଦୁଇ ମ୍ୟାଚ ବିଶିଷ୍ଟ ଟି-୨୦ ସିରିଜରେ କ୍ଲିନ ସୁଇପ କରିଛି। ଏହା ପ୍ରଥମ ଥର ପାଇଁ ଭାରତ ସେମାନଙ୍କଠାରୁ କୌଣସି ମ୍ୟାଚ ହାରିଛି। ଏହା ପରେ, ଟିମ ଇଣ୍ଡିଆ ଇଂଲଣ୍ଡ ବିପକ୍ଷରେ ଲଗାତାର ତିନୋଟି ମ୍ୟାଚ ହାରିଛି। ରୋହିତ ଶର୍ମା ଏବଂ ସୂର୍ଯ୍ୟକୁମାର ଯାଦବଙ୍କ କାର୍ଯ୍ୟକାଳରେ ଭାରତୀୟ ଦଳ ଏକ ଚମତ୍କାର ପ୍ରଦର୍ଶନ କରିଛି। ଏବେ, ଶ୍ରେୟସ ଆୟରଙ୍କୁ ଟି-୨୦ ଅଧିନାୟକ ଭାବରେ ନିଯୁକ୍ତ କରାଯିବା ପରେ, ଦଳ ଭିତରେ ସବୁକିଛି ଠିକ ଅଛି କି ନାହିଁ ସେ ବିଷୟରେ ପ୍ରଶ୍ନ ଉଠାଯାଉଛି।

ଭାରତୀୟ କ୍ରିକେଟ ଦଳ ଭିତରେ ମତଭେଦ ଏବଂ ଘର୍ଷଣର ରିପୋର୍ଟ ଲଗାତାର ସାମ୍ନାକୁ ଆସୁଛି। ଏହା ମଧ୍ୟରେ, ବିସିସିଆଇ ମୁମ୍ବାଇରେ ଏକ ଜରୁରୀକାଳୀନ ବୈଠକ ଡକାଇଛି। ଟାଇମ୍ସ ଅଫ ଇଣ୍ଡିଆ ରିପୋର୍ଟ ଅନୁଯାୟୀ, ବିସିସିଆଇ ଏହି ବୈଠକ ସମୟରେ ମୁଖ୍ୟ ପ୍ରଶିକ୍ଷକ ଗୌତମ ଗମ୍ଭୀର ଏବଂ ଟି-୨୦ ଅଧିନାୟକ ଶ୍ରେୟସ ଆୟରଙ୍କ ଭବିଷ୍ୟତ ସମୀକ୍ଷା କରିବାକୁ ଚାହୁଁଛି।

ରିପୋର୍ଟରେ ଦାବି କରାଯାଇଛି ଯେ ମୁଖ୍ୟ ପ୍ରଶିକ୍ଷକ ଗୌତମ ଗମ୍ଭୀର କେବେ ବି ଶ୍ରେୟସ ଆୟରଙ୍କୁ ଭାରତର ଟି-୨୦ ଅଧିନାୟକ ଭାବରେ ନିଯୁକ୍ତ କରିବା ସପକ୍ଷରେ ନଥିଲେ। ଡ୍ରେସିଂ ରୁମରେ ଉତ୍ତେଜନା ଦେଖାଦେଇଛି ବୋଲି ସୂଚନା ମିଳିଛି, ସଞ୍ଜୁ ସାମସନ ଏବଂ ଶ୍ରେୟସ ଆୟରଙ୍କ ପରି ଖେଳାଳିମାନେ ବର୍ତ୍ତମାନର ଦଳର ପରିବେଶରେ ଅସନ୍ତୁଷ୍ଟ ଥିବା ଜଣାପଡିଛି। ଫଳସ୍ୱରୂପ, ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ ଏକ ଜରୁରୀକାଳୀନ ବୈଠକ ଡାକିଛି। ଏହାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଆୟରଲ୍ୟାଣ୍ଡ ବିପକ୍ଷରେ ସିରିଜ ପରାଜୟ ପରେ ଡ୍ରେସିଂ ରୁମ ସମସ୍ୟାର ସମାଧାନ ଏବଂ ଏକତା ଫେରାଇ ଆଣିବା। ଏହା ସହିତ, ଇଂଲଣ୍ଡ ଗସ୍ତ ସମାପ୍ତ ହେବା ପରେ ଆଉ ଏକ ବିସିସିଆଇ ସମୀକ୍ଷା ବୈଠକ ହେବାର କାର୍ଯ୍ୟକ୍ରମ ରହିଛି।

ବିସିସିଆଇ ଅଧିକାରୀମାନେ ମୁଖ୍ୟ ପ୍ରଶିକ୍ଷକ ଗୌତମ ଗମ୍ଭୀରଙ୍କୁ ରୋହିତ ଶର୍ମା ଏବଂ ବିରାଟ କୋହଲିଙ୍କ ସମ୍ପର୍କରେ ବିବାଦୀୟ ବୟାନ ଦେବାରୁ ନିବୃତ୍ତ ରହିବାକୁ କହିବେ ବୋଲି ଆଶା କରାଯାଉଛି। ବୋର୍ଡ ଗମ୍ଭୀର ଏବଂ ଚୟନ କମିଟି ମଧ୍ୟରେ ଚାଲିଥିବା ବିବାଦର ସମାଧାନ କରିବାକୁ ମଧ୍ୟ ଚେଷ୍ଟା କରିବ। ଏହା ବ୍ୟତୀତ, ଅଧିକାରୀମାନେ ଶ୍ରେୟସ ଆୟରଙ୍କ ଅଧିନାୟକତ୍ୱ ବିଷୟରେ ଆଲୋଚନା କରିବେ, ଯାହା ଆୟରଲ୍ୟାଣ୍ଡ ଏବଂ ଇଂଲଣ୍ଡ ବିପକ୍ଷ ପରାଜୟ ପରେ ଯାଞ୍ଚ ପରିସରକୁ ଆସିଛି।

ଏହା ବ୍ୟତୀତ, ଭାରତୀୟ ଚୟନକର୍ତ୍ତାମାନେ ଓଡିଆଇ କ୍ରିକେଟରେ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ଭବିଷ୍ୟତ ବିଷୟରେ ଚୂଡ଼ାନ୍ତ ନିଷ୍ପତ୍ତି ନେବେ – ୨୦୨୭ ଓଡ଼ିଆଇ ବିଶ୍ୱକପ ସହିତ ଏହା ଗୁରୁତ୍ୱପୂର୍ଣ୍ଣ। ବିଭିନ୍ନ ରିପୋର୍ଟ ଅନୁଯାୟୀ, ଅଭିଷେକ ଶର୍ମା ଏବଂ ବୈଭବ ସୂର୍ଯ୍ୟବଂଶୀଙ୍କ ପ୍ରାରମ୍ଭିକ ଭାଗୀଦାରି ଆଲୋଚନାର ଏକ ପ୍ରମୁଖ ବିଷୟ ହେବ, କାରଣ ଶୀର୍ଷରେ ବାମ-ଡାହାଣ ବ୍ୟାଟିଂ ମିଶ୍ରଣକୁ ଫିଲ୍ଡିଂ କରିବା ଏକ ଉତ୍କୃଷ୍ଟ ବିକଳ୍ପ ପ୍ରମାଣିତ ହୋଇପାରେ। ଏପରି ପଦକ୍ଷେପ ସଞ୍ଜୁ ସାମସନଙ୍କୁ ପ୍ଲେଇଂ ଏକାଦଶକୁ ଫେରିବା ପାଇଁ ମଧ୍ୟ ପଥ ପ୍ରଶସ୍ତ କରିବ।

ଏହି ବୈଠକରେ ଓଡ଼ିଆଇ ସେଟଅପ ମଧ୍ୟରେ ବରିଷ୍ଠ ଖେଳାଳିଙ୍କ ଭବିଷ୍ୟତ ବିଷୟରେ ମଧ୍ୟ ଆଲୋଚନା କରାଯିବ। ୨୦୨୭ ଓଡ଼ିଆଇ ବିଶ୍ୱକପ ପୂର୍ବରୁ ରୋହିତ ଶର୍ମା, ବିରାଟ କୋହଲି ଏବଂ ରବିନ୍ଦ୍ର ଜାଡେଜାଙ୍କ ଭବିଷ୍ୟତ ବିଷୟରେ ଆଲୋଚନା କରାଯିବ – ବିଶେଷକରି, ଦଳ ନୂତନ ଏବଂ ବରିଷ୍ଠ ଖେଳାଳିଙ୍କ ମିଶ୍ରଣ କରିବ କି ନାହିଁ, ଏବଂ ଟୁର୍ଣ୍ଣାମେଣ୍ଟ ପୂର୍ବରୁ ଯୁବ ପ୍ରତିଭାକୁ କିପରି ପ୍ରସ୍ତୁତ କରାଯାଇପାରିବ।

ବିନା ପ୍ଲାନିଂରେ ଜଗନ୍ନାଥ ହାଟର ଆଧୁନିକୀକରଣ: ସୁରକ୍ଷା ନେଇ ଆଶଙ୍କା

ଧାମନଗର, ନ୍ୟୁଜ୍‌ବ୍ୟୁରୋ

ଧାମନଗର ବ୍ଲକ ଆନନ୍ଦପୁର ପଞ୍ଚାୟତର ଶେଷ ସୀମାରେ ଅବସ୍ଥିତ ଐତିହାସିକ 'ଜଗନ୍ନାଥ ହାଟ'ର ଆଧୁନିକୀକରଣ ନାଁରେ ବ୍ୟାପକ ଅନିୟମିତତା ଅଭିଯୋଗ ହୋଇଛି। ପ୍ରାୟ ୭୦ ଲକ୍ଷ ଟଙ୍କା ବ୍ୟୟରେ ଭଦ୍ରକ ନିୟନ୍ତ୍ରିତ ବଜାର କମିଟି ଦ୍ୱାରା ୧୫୦ଟି ହାଟ ପିଣ୍ଡି ନିର୍ମାଣ ପାଇଁ କାମ ଆରମ୍ଭ ହୋଇଛି ସତ, ହେଲେ କୌଣସି ଯୋଜନା ବା ବ୍ଲୁ-ପ୍ରିଣ୍ଟ ନଥାଇ ଜାଗା ସଂକୁଚିତ କରାଯାଇ ନିର୍ମାଣ କରାଯାଉଛି। ହାଟ ସମ୍ପ୍ରସାରଣ ପାଇଁ ପ୍ରଚୁର ସରକାରୀ ଜମି ଥିଲେ ମଧ୍ୟ ସେଗୁଡ଼ିକୁ ଜବରଦଖଲ ମୁକ୍ତ ନକରି, ମାତ୍ର ୪୦ ମିଟର ଲମ୍ବ ଏବଂ ୮ ମିଟର ଓସାରର ଏକ ସୀମିତ ଜାଗା ଭିତରେ ୧୨୦ଟି ପିଣ୍ଡିକୁ ଜୋରଜବରଦସ୍ତ ଆଡଜଷ୍ଟ କରାଯାଉଛି। ସବୁଠାରୁ ସାଂଘାତିକ କଥା ହେଉଛି, ବୈତରଣୀ ସେତୁର ପ୍ରାୟ ୩୦ ଫୁଟ୍ ଉଚ୍ଚ ଆପ୍ରୋଚ୍ ରୋଡକୁ ଲାଗି ଏହି ପିଣ୍ଡିଗୁଡ଼ିକ ତିଆରି ଚାଲିଛି। ଆପ୍ରୋଚ୍ ରୋଡରୁ ହାଟ ପର୍ଯ୍ୟନ୍ତ ଗଡ଼ାଣି ସମ୍ପୂର୍ଣ୍ଣ ତୀଖ ଥିବାରୁ ପୋଲ ଉପରେ କୌଣସି ଦୁର୍ଘଟଣା ଘଟିଲେ ଗାଡ଼ି ସିଧାସଳଖ ହାଟ ଭିତରକୁ ମାଡ଼ିଯିବାର ଏବଂ ବ୍ୟାପକ ଜୀବନ ହାନି ହେବାର ଆଶଙ୍କା ଦେଖାଦେଇଛି। ନିର୍ମାଣ କାର୍ଯ୍ୟର ମାନ ମଧ୍ୟ ଅତ୍ୟନ୍ତ ନିମ୍ନମାନର ହେଉଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ନିୟମ ଅନୁଯାୟୀ ପିଣ୍ଡି

ତଳେ ମଜବୁତ ପ୍ଲେନ ସିମେଣ୍ଟ କଂକ୍ରିଟ ଏବଂ ବଡ଼ ମେଟାଲ ବ୍ୟବହାର ହେବା କଥା, ହେଲେ ଏଠାରେ ମାତ୍ର ୨ ଇଞ୍ଚର ୪୦ ଏମ୍‌ଏମ୍ ମେଟାଲ ଦେଇ ନାମକୁ ମାତ୍ର କଂକ୍ରିଟ କରାଯାଉଛି। ସିମେଣ୍ଟ ଓ ବାଲିର ମିଶ୍ରଣ ମଧ୍ୟ ଅତି ଦୁର୍ବଳ। ପିଣ୍ଡି ଗାନ୍ଥୁଣି ପାଇଁ ବ୍ୟବହାର ହେଉଥିବା ଫ୍ଲାଏ ଆଶ ଇଟାଗୁଡ଼ିକ ସମ୍ପୂର୍ଣ୍ଣ କଞ୍ଚା ଓ ନିମ୍ନମାନର ହୋଇଥିବାରୁ ନିର୍ମାଣ ସରିବା ପୂର୍ବରୁ ହିଁ ତାହା ଭାଙ୍ଗିବାକୁ ବସିଲାଣି। ଜଗନ୍ନାଥ ହାଟଟି ୨୦୧୮-୧୯ରେ ବୈତରଣୀ ନଦୀ ସେତୁ ନିର୍ମାଣ ପରେ ସଂକୁଚିତ ହୋଇଯାଇଥିଲା, ଯାହାପାଇଁ ଚାଷୀମାନେ ବାରମ୍ବାର ନୂଆ ପିଣ୍ଡି ପାଇଁ ଦାବି କରିଆସୁଥିଲେ। ନୂଆ ସରକାର ଆସିବା ପରେ ଏହି ଜନହିତକର ପଦକ୍ଷେପ ନିଆଯାଇଥିଲେ ହେଁ ବିଭାଗୀୟ ଅଧିକାରୀ ଓ ଠିକାଦାରଙ୍କ ମଧୁଚନ୍ଦ୍ରିକା ଯୋଗୁଁ ସରକାରଙ୍କ ଲକ୍ଷ ଲକ୍ଷ ଟଙ୍କା ପାଣିରେ ପଡ଼ିବାକୁ ଯାଉଛି।

ନିୟମ ଅନୁଯାୟୀ, ଦୁଇଟି ପିଣ୍ଡି ଲାଇନ୍ ମଧ୍ୟରେ ସର୍ବନିମ୍ନ ୮ ରୁ ୧୦ ଫୁଟର ପ୍ରଶସ୍ତ ଚଲାପଥ ରହିବା ଆବଶ୍ୟକ, ଯେପରି ଗ୍ରାହକ ଓ ବ୍ୟବସାୟୀ ସହଜରେ ଯା'ଆସ କରିପାରିବେ। ପ୍ରତ୍ୟେକ ପିଣ୍ଡି ପାଇଁ କଂକ୍ରିଟ୍ ର ମଜବୁତ ଆଧାର ସହ ଉପରେ ଛାତ, ପାନୀୟ ଜଳ ଏବଂ ପରିବା ଧୋଇବା ପାଇଁ ଡ୍ରେନେଜ୍ ବ୍ୟବସ୍ଥା ରହିବା କଥା। ମାତ୍ର ଏଠାରେ ଦୁଇଟି ଲାଇନ ମଧ୍ୟରେ ମାତ୍ର ସାଢ଼େ ୬ ଫୁଟ୍ (୨ ମିଟର) ସ୍ଥାନ ଛଡ଼ାଯାଇଛି ଏବଂ ପ୍ରତି ଲାଇନରେ ୪୦ ଜଣ ବିକ୍ରେତା ବସିବା ଭଳି ଏକ ଅଣଓସାରିଆ ୨x୨ 'ମିଟର' ର ପିଣ୍ଡି କରାଯାଉଛି। ଏତେ କମ୍ ଜାଗା ଯୋଗୁଁ ବ୍ୟବସାୟୀମାନେ ପରିବା ଗାଡ଼ି ଅନଲୋଡ୍ କରିପାରିବେ ନାହିଁ କି ଗ୍ରାହକମାନେ ଭିତରକୁ ଯାଇପାରିବେ ନାହିଁ। ଏହି ୮୦ ଜଣଙ୍କ ପାଖକୁ ଲାଗି ଆଉ ୪୦ ଜଣଙ୍କ ପାଇଁ ପିଣ୍ଡି ତିଆରି ହେଲେ ଭିତରକୁ ପଶିବା ପାଇଁ ବାଟ ସମ୍ପୂର୍ଣ୍ଣ ବନ୍ଦ ହୋଇଯିବ। ପୂର୍ବରୁ ବିନା ପ୍ଲାନିଂରେ ନିର୍ମିତ ଏକ ଡ୍ରାମା ପେଣ୍ଡାଲ ଯୋଗୁଁ ଜାଗା ଅଦରକାରୀ ହୋଇ ପଡ଼ିଥିବା ବେଳେ ଏହି ନୂଆ ପିଣ୍ଡି ମଧ୍ୟ କୌଣସି କାମରେ ଆସିବ ନାହିଁ ବୋଲି ଆଶଙ୍କା ପ୍ରକାଶ ପାଇଛି।

ପୁରୁଷ ଓ ମହିଳା ବନ୍ଧ୍ୟାକରଣ ଉପରେ ଗୁରୁତ୍ୱ

ବାଲେଶ୍ୱର, ନ୍ୟୁଜ୍

ବିଶ୍ୱ ଜନସଂଖ୍ୟା ଦିବସ କାର୍ଯ୍ୟକ୍ରମ ଜିଲ୍ଲା ତାଲିମ କେନ୍ଦ୍ର କକ୍ଷରେ ଉଦଘାଟିତ ହୋଇଥିଲା। ଚଳିତ ବର୍ଷର ବିଷବସ୍ତୁ – 'ପିଲାଙ୍କ ଜନ୍ମରେ ରଖନ୍ତୁ ଉଚିତ ବ୍ୟବଧାନ, ସୁସ୍ଥ ଏବଂ ସୁଖୀ ହେବ ପାରିବାରିକ ଜୀବନ '।

ଉକ୍ତ ସମାରୋହ ଜିଲ୍ଲା ମୁଖ୍ୟ ସ୍ତ୍ରୀ ଓ ପ୍ରସୂତି ବିଭାଗ ଅଧିକାରୀ ଡାକ୍ତର ଗିରିଜା ଶଙ୍କର ଦାସ ଉପସ୍ଥିତ ସହରାଞ୍ଚଳର ଆଶା, ମହିଳା ସ୍ୱାସ୍ଥ୍ୟକର୍ମୀ ମାନଙ୍କୁ ପିଲା ଜନ୍ମ ମଧ୍ୟରେ ବ୍ୟବଧାନ ରଖିବା ଅତ୍ୟନ୍ତ ଜରୁରୀ, ଫଳରେ ଉଭୟ ମା ଏବଂ ଶିଶୁ ସୁରକ୍ଷିତ ରହିବେ। ଏଥି ପାଇଁ ଉପଲବ୍ଧ ଅସ୍ଥାୟୀ ପଦ୍ଧତି ଯଥା ଅନ୍ତରା, କଣ୍ଡମ, ମାଲା ଏନ ବଟିକା, କପର ଟି, ଇଜି ପିଲ ଇତ୍ୟାଦି ସମସ୍ତ ସ୍ୱାସ୍ଥ୍ୟ କେନ୍ଦ୍ରରେ ମାଗଣାରେ ଉପଲବ୍ଧ। ଜିଲ୍ଲା ମେଡିକାଲ ଅଧିକାରୀ ଡାକ୍ତର ଅମୁଲ୍ୟ କୁମାର ଦାସ ଏହି ଅଭିଯାନ ଜୁଲାଇ ୧୧ ରୁ ଜୁଲାଇ ୨୪ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ମଧ୍ୟରେ ଯେଉଁ ସ୍ୱାମୀ ଏବଂ ସ୍ତ୍ରୀ ଙ୍କର ପରିବାର ସମ୍ପୂର୍ଣ୍ଣ ହୋଇ ସାରିଥିବା ସେମାନଙ୍କୁ ସ୍ଥାୟୀ ପଦ୍ଧତି ଯଥା ପୁରୁଷ ବନ୍ଧ୍ୟା କରଣ ଏବଂ ମହିଳା ବନ୍ଧ୍ୟାକରଣ ଆପଣାଇବା ଉପରେ ଗୁରୁତ୍ୱାରୋପ କରିଥିଲେ। ସହକାରୀ ଜନସ୍ୱାସ୍ଥ୍ୟ ଅଧିକାରୀ ତଥା

କୁଷ୍ଠ ଡାକ୍ତର ସଂଜୀବ ପ୍ରଧାନ ଶିଶୁ ମୃତ୍ୟୁ ଏବଂ ମାତୃ ମୃତ୍ୟୁ କୁ ରୋକିବା ନିମନ୍ତେ ସ୍ଥାୟୀ ଏବଂ ଅସ୍ଥାୟୀ ପଦ୍ଧତି ଉପରେ ଲୋକଙ୍କୁ ସଚେତନତା କରିବା ଉପରେ ଆଲୋକ ପାତ କରିଥିଲେ। ସହକାରୀ ଜିଲ୍ଲା ଯୋଗାଯୋଗ ଅଧିକାରୀ ପ୍ରଦୀପ କୁମାର ସାହୁ ମଞ୍ଚ ପରିଚାଳନା କରିଥିଲେ। ଶେଷରେ ଡ଼ି ଏମ ଆର ସି ଏଚ ଜିତେନ୍ଦ୍ର ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ।

ନିମ୍ନମାନର ଡ୍ରେନ୍ ନିର୍ମାଣ ଅଭିଯୋଗ : ଗ୍ରାମବାସୀଙ୍କ ଅସନ୍ତୋଷ

ପାଟଣାଗଡ, ନ୍ୟୁଜ୍‌ବ୍ୟୁରୋ

ବଲାଙ୍ଗୀର ଜିଲ୍ଲା ଖପ୍ରାଖୋଲ ବ୍ଲକ ଓଡ଼ିଆପାଲି ପଞ୍ଚାୟତ ଅନ୍ତର୍ଗତ ବୁଢ଼ୀବାହାଲ ଗ୍ରାମରେ ଜିଲ୍ଲା ପରିଷଦ ପାଣ୍ଠିରେ ନିର୍ମିତ ଡ୍ରେନ୍ କାମକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଲକ୍ଷାଧିକ ଟଙ୍କା ବ୍ୟୟରେ ପ୍ରାୟ ୧୦୦ ମିଟର ଡ୍ରେନ୍ ନିର୍ମାଣ ହୋଇଥିବା ସତ୍ତ୍ୱେ କାମର ଗୁଣବତ୍ତା ଅତ୍ୟନ୍ତ ନିମ୍ନମାନର ବୋଲି ସ୍ଥାନୀୟ ଲୋକ ଅଭିଯୋଗ କରିଛନ୍ତି। ଗ୍ରାମବାସୀଙ୍କ କହିବା ଅନୁଯାୟୀ, କାର୍ଯ୍ୟସ୍ଥଳରେ ଆବଶ୍ୟକ ସୂଚନା ଫଳକ ନଥିବାରୁ କେତେ ଅର୍ଥ ମଞ୍ଜୁର ହୋଇଛି, କିଏ କାର୍ଯ୍ୟ ସମ୍ପାଦନ କରୁଛି, କାମର ସମୟସୀମା କେତେ ଏଭଳି ମୌଳିକ ସୂଚନା ସାଧାରଣ ଲୋକଙ୍କ ପାଇଁ ଅଜଣା ରହିଛି । ସରକାରୀ କାର୍ଯ୍ୟରେ ସ୍ୱଚ୍ଛତା ଓ ଜବାବଦେହିତା ପାଇଁ ସୂଚନା ଫଳକ ଅତ୍ୟାବଶ୍ୟକ ହୋଇଥିଲେ ମଧ୍ୟ ତାହାର ଅନୁପସ୍ଥିତିକୁ ନେଇ ପ୍ରଶ୍ନ ଉଠିଛି। ଗ୍ରାମବାସୀଙ୍କ ମତ, ଯଦି ଏହି କାମ ଗ୍ରାମର ଶ୍ରମିକ ଓ ସ୍ଥାନୀୟ ଲୋକଙ୍କ ସହଭାଗିତାରେ କରାଯାଇଥାନ୍ତା, ତେବେ ଗୁଣବତ୍ତା ଅଧିକ ଭଲ ହୋଇପାରିଥାନ୍ତା ଏବଂ ସରକାରୀ ଅର୍ଥର ସଠିକ୍ ସଦୁପଯୋଗ ହୋଇଥାନ୍ତା। ଗ୍ରାମବାସୀଙ୍କ ଅଭିଯୋଗ ଯେ, ଡ୍ରେନ୍‌ର ନିର୍ମାଣ ମାନ ଦେଖି ସରକାରୀ ଅର୍ଥ ବ୍ୟୟର ଗୁଣବତ୍ତା ଉପରେ ଗୁରୁତର ପ୍ରଶ୍ନ ଉଠୁଛି। ସେମାନଙ୍କ ଦାବି, ଯଦି ପ୍ରକୃତରେ ନିମ୍ନମାନର ସାମଗ୍ରୀ ବ୍ୟବହାର କିମ୍ବା ନିର୍ମାଣ ନିୟମ ଉଲ୍ଲଂଘନ ହୋଇଥାଏ, ତେବେ ଏହା କେବଳ ଅର୍ଥର ଅପଚୟ ନୁହେଁ, ବରଂ ସାଧାରଣ ଲୋକଙ୍କ ବିଶ୍ୱାସ ପ୍ରତି ମଧ୍ୟ ଏକ ଆଘାତ। ଗ୍ରାମବାସୀ ଜିଲ୍ଲା ପ୍ରଶାସନ ଓ ସମ୍ପୃକ୍ତ ବିଭାଗକୁ ଘଟଣାର ନିରପେକ୍ଷ ବୈଷୟିକ ତଦନ୍ତ କରିବା, କାର୍ଯ୍ୟର ମାପ ଓ ଗୁଣବତ୍ତାର ଯାଞ୍ଚ କରିବା, ଏବଂ ଯଦି କୌଣସି ଅନିୟମିତତା ପ୍ରମାଣିତ ହୁଏ, ତେବେ ନିୟମାନୁସାରେ ଦୋଷୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନେବା ସହ ଡ୍ରେନ୍‌କୁ ନିର୍ଦ୍ଧାରିତ ମାନଦଣ୍ଡ ଅନୁଯାୟୀ ପୁନଃ ନିର୍ମାଣ କରିବାକୁ ଦାବି କରିଛନ୍ତି ।

ସାମ୍ବାଦିକଙ୍କ ସ୍ମୃତିରେ ୫୪ ୟୁନିଟ୍ ରକ୍ତ ସଂଗ୍ରହ

ବାରିପଦା, ନ୍ୟୁଜ୍‌ବ୍ୟୁରୋ

ମୟୂରଭଞ୍ଜ ଜିଲ୍ଲା ସାମ୍ବାଦିକଙ୍କ 'ଭୀଷ୍ମ ପିତାମହ' ସ୍ୱର୍ଗତଃ ଅମରେନ୍ଦ୍ରଲାଲ ବୋଷଙ୍କ ସ୍ମୃତିରେ ଏକ ରକ୍ତଦାନ ଶିବିର ଶନିବାର ଆୟୋଜିତ ହୋଇଯାଇଛି । ସ୍ଥାନୀୟ ଷ୍ଟାଡିୟମ ସମ୍ମିଳନୀ କକ୍ଷରେ ଜିଲ୍ଲା ସାମ୍ବାଦିକ ପରିବାର, ମୟୂରଭଞ୍ଜ ପକ୍ଷରୁ ଆୟୋଜିତ ଶିବିରକୁ ଜିଲ୍ଲାପାଳ ହେମକାନ୍ତ ସୟ ଉଦଘାଟନ କରିବା ସହିତ ଏପରି କାର୍ଯ୍ୟକୁ ପ୍ରଶଂସା କରିଥିଲେ । ତାଙ୍କ ସହିତ ଏସପି ବରୁଣ ଗୁଣ୍ଟୁପାଲ୍ଲୀ ଯୋଗଦେଇ ନିଜେ ରକ୍ତଦାନ କରି ଦିବଂଗତ ଶ୍ରୀ ବୋଷଙ୍କୁ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିଥିଲେ । କାର୍ଯ୍ୟକ୍ରମରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶିଶିର ମୁନ୍ଦୟାଙ୍କ ଉପସ୍ଥିତିରେ ବରିଷ୍ଠ ସାମ୍ବାଦିକ କଲ୍ୟାଣ କୁମାର ସିହ୍ନାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ଏମସିସି ବ୍ୟାଙ୍କ ସଭାପତି ସୁବ୍ରମଣ୍ୟମ ମହାନ୍ତି, କଳିଙ୍ଗ କେଶରୀ ଜେନା, ବରିଷ୍ଠ ସାମ୍ବାଦିକ ରାମଚନ୍ଦ୍ର ଦାସ, ସୁକାନ୍ତ କୁମାର ଜିଉ ଓ ସମାଜସେବୀ ଅମରସେଠୀ ଉପସ୍ଥିତ ରହି ସମସ୍ତଙ୍କୁ ଉତ୍ସାହିତ କରିଥିଲେ । ଜିଲ୍ଲା କୋଣ ଅନୁକୋଣରୁ ସାମ୍ବାଦିକ ଓ ସ୍ୱେଚ୍ଛାକୃତ ରକ୍ତ ଦାତା ରକ୍ତ ଦାନ କରି ସ୍ୱର୍ଗତ ଅମରେନ୍ଦ୍ର ଲାଲଙ୍କ ୬୦ବର୍ଷର ସାମ୍ବାଦିକତା ପ୍ରତି ସମସ୍ତେ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ । ଶିବିରରେ ମୋଟ ୫୪ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା । ସମସ୍ତ ରକ୍ତଦାତାଙ୍କୁ ପ୍ରମାଣପତ୍ର ଓ ରକ୍ତଦାତା କାର୍ଡ ସହିତ ଉତ୍ତୋରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସୁଜିତ ମହାନ୍ତି, ଦେବାଶିଷ ପାତ୍ର, ଦେବାଶିଷ ମହାନ୍ତି, ଜିତେନ୍ଦ୍ର ମହାନ୍ତି, ଅନନ୍ତ ଦାସ, ପ୍ରଭାତ ମହାନ୍ତି, ସୌମରଞ୍ଜନ ମିଶ୍ର, ରାଜା ଖାନ୍, ବିପ୍ଳବ ଭଞ୍ଜନ ବୁଗୁଡେଇ, ସୁନୀଲ ନାୟକ ପ୍ରମୁଖ ମହତ କାର୍ଯ୍ୟର ପ୍ରଶଂସା କରିଥିଲେ ।

ଜିଲ୍ଲା ରକ୍ତ ଭଣ୍ଡାରର ଡାକ୍ତର ସୌମରଞ୍ଜନ ନାୟକ ଓ ବୈଷୟିକ ଟିମ ରକ୍ତ ସଂଗ୍ରହରେ ସହଯୋଗ କରିଥିବା ବେଳେ ଶିବିର ପରିଚାଳନାରେ ସୋମନାଥ ସିଂ, ନିରୋଜ ଲୋଚନ ପୁଥାଳ ଓ ଅସୀମ ଚକ୍ରବର୍ତ୍ତୀ ସହଯୋଗ କରିଥିଲେ ।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

ଆଲୁମିନା ରିଫାଇନାରୀ ...

ଜମି, ଭିତ୍ତିଭୂମି, ବିଦ୍ୟୁତ, ଜଳ, ଆଇନଗତ ଅନୁମୋଦନ ଓ ଅନ୍ୟାନ୍ୟ ଆବଶ୍ୟକ ସୁବିଧା ଯୋଗାଇ ଦେବାରେ ରାଜ୍ୟ ସରକାରଙ୍କ ପକ୍ଷରୁ ସମ୍ପୂର୍ଣ୍ଣ ସହଯୋଗର ଆଶ୍ୱାସନ ଦେଇଥିଲେ।

ବୈଠକରେ ଆଦିତ୍ୟ ବିର୍ଲା ଗ୍ରୁପ୍‌ର ଆଲୁମିନିୟମ, ଆଲୁମିନା, ରସାୟନ, ସିମେଣ୍ଟ, ନବୀକରଣଯୋଗ୍ୟ ଶକ୍ତି, ବୟନ ଓ ପୋଷାକ କ୍ଷେତ୍ରରେ ଚାଲୁଥିବା ଏବଂ ପ୍ରସ୍ତାବିତ ପ୍ରକଳ୍ପଗୁଡ଼ିକର ମଧ୍ୟ ସମୀକ୍ଷା କରାଯାଇଥିଲା। ଏହାଛଡ଼ା କପର ରିଫାଇନିଂ, କପର କ୍ଲାଡ୍ ଲାମିନେଟ୍, ପ୍ରିଣ୍ଟେଡ୍ ସର୍କିଟ ବୋର୍ଡ, ଟେକ୍ନିକାଲ୍ ଟେକ୍ସଟାଇଲ୍, ପେଣ୍ଟ, ଅଳଙ୍କାର ଉତ୍ପାଦନ ଏବଂ ଉନ୍ନତ ଆଲୁମିନିୟମ ଉତ୍ପାଦ କ୍ଷେତ୍ରରେ ଭବିଷ୍ୟତ ନିବେଶ ସମ୍ଭାବନା ଉପରେ ମଧ୍ୟ ଆଲୋଚନା ହୋଇଥିଲା।

କଂସାରୀଗୁଡ଼ା ଆଲୁମିନା ରିଫାଇନାରୀର ଏହି ସମ୍ପ୍ରସାରଣ ପ୍ରକଳ୍ପ ଓଡ଼ିଶାକୁ ଦେଶର ଧାତୁ, ଖଣିଜ ପ୍ରକ୍ରିୟାକରଣ ଏବଂ ମୂଲ୍ୟଯୁକ୍ତ ଉତ୍ପାଦନ କ୍ଷେତ୍ରର ଏକ ଅଗ୍ରଣୀ ଶିଳ୍ପ ହବ୍ ଭାବେ ଆହୁରି ସୁଦୃଢ଼ କରିବ ବୋଲି ଆଶା କରାଯାଉଛି।

ଭାରତ କେବଳ ...

ପରାମର୍ଶ ଦେଇଥିଲେ।

ପ୍ରଧାନମନ୍ତ୍ରୀ କହିଥିଲେ ଯେ ଫିଣ୍ଟେକ୍ କ୍ଷେତ୍ରରେ ଭାରତ ହେଉଛି ବିଶ୍ୱର ଅଗ୍ରଣୀ ରାଷ୍ଟ୍ର ଏବଂ ବିଶ୍ୱର ବାସ୍ତବ ସମୟର ଡିଜିଟାଲ ଦେୟର ପ୍ରାୟ ୫୦ ପ୍ରତିଶତ ଭାରତରେ ହୋଇଥାଏ। ସେ ସୂଚନା ଦେଇଥିଲେ ଯେ ମହାକାଶ କ୍ଷେତ୍ରକୁ ଘରୋଇ ଭାଗିଦାରୀ ପାଇଁ ଉନ୍ମୁକ୍ତ କରିବା ପରେ ଦେଶରେ ଗୋଟିଏ ୟୁନିକର୍ଣ୍ଣ ସମେତ ୪୦୦ରୁ ଅଧିକ ମହାକାଶ ଷ୍ଟାର୍ଟଅପ୍ କାର୍ଯ୍ୟ କରୁଛି।

ମୁକ୍ତ ବାଣିଜ୍ୟ ରାଜିନାମା ମାଓରୀ ସମ୍ପ୍ରଦାୟର ବ୍ୟବସାୟକୁ ମଧ୍ୟ ସ୍ୱତନ୍ତ୍ର ଗୁରୁତ୍ୱ ଦେଇଥାଏ ବୋଲି ସେ କହିଛନ୍ତି। ଭାରତ ଏବଂ ନ୍ୟୁଜିଲାଣ୍ଡ ସହଭାଗୀ ମୂଲ୍ୟବୋଧ ଆଧାରରେ ସମାବେଶୀ ଏବଂ ସ୍ଥାୟୀ ବାଣିଜ୍ୟର ଏକ ନୂତନ ମଡେଲ ବିକଶିତ କରିପାରିବେ।

ଏକ ଉଚ୍ଚାଭିଳାଷୀ ବ୍ୟବସାୟିକ ରୋଡମ୍ୟାପ୍ ପ୍ରସ୍ତୁତ କରିବା ଲାଗି ଉଭୟ ଦେଶର ଉଦ୍ୟୋଗ ଜଗତକୁ ଅନୁରୋଧ କରି ପ୍ରଧାନମନ୍ତ୍ରୀ ଉଭୟ ପକ୍ଷଙ୍କୁ ସେମାନଙ୍କ ସାମର୍ଥ୍ୟକୁ ମିଶାଇ ଅତି କମ୍‌ରେ ପାଞ୍ଚଟି ପ୍ରମୁଖ ମିଳିତ ପ୍ରକଳ୍ପ ଚିହ୍ନଟ କରିବା ଏବଂ ସମୟବଦ୍ଧ ପ୍ରଗତି ସୁନିଶ୍ଚିତ କରିବା ଲାଗି ଏକ ପ୍ରଭାବୀ ସମୀକ୍ଷା ବ୍ୟବସ୍ଥା ବିକଶିତ କରିବା ଲାଗି କହିଥିଲେ। ଏହା ଭାରତ-ନ୍ୟୁଜିଲାଣ୍ଡ ଆର୍ଥିକ ଭାଗିଦାରୀର ପ୍ରକୃତ ସମ୍ଭାବନାକୁ ସମ୍ପୂର୍ଣ୍ଣ ଭାବେ ସାକାର କରିବାରେ ସହାୟକ ହେବ ବୋଲି ସେ କହିଥିଲେ।

ଭାରତୀୟ ନୌସେନାରେ...

କରାଯାଉଛି। ଭାରତୀୟ ନୌସେନାର ଯୁଦ୍ଧଜାହାଜ ଡିଜାଇନ ବ୍ୟୁରୋ ଦ୍ୱାରା ଡିଜାଇନ ଏବଂ ମାଜାଗାନ ଡକ୍ ସିପ୍‌ବିଲ୍ଡର୍ସ ଲିମିଟେଡ ମୁମ୍ବାଇ ଦ୍ୱାରା ନିର୍ମିତ, ମହେନ୍ଦ୍ରଗିରି ହେଉଛି ପ୍ରୋଜେକ୍ଟ ୧୭ଏ ଶ୍ରେଣୀର ଷ୍ଟିଲ୍ଥ ଫ୍ରିଗେଟ୍‌ର ଷଷ୍ଠ ଜାହାଜ।

ପାଇଖାନା ଟାଙ୍କିରେ ...

ବିଦ୍ୟାମନ୍ଦିର ନିକଟରେ ଏହି ଅଘଟଣ ଘଟିଛି। ନିର୍ମାଣାଧୀନ ପାଇଖାନା ଟାଙ୍କି ଭୁଶୁଡ଼ି ପଡିବାରୁ ୨ଜଣ ଶ୍ରମିକ ଗୁରୁତର ଆହତ ହୋଇଥିଲେ। ଅଗ୍ନିଶମ ବାହିନୀ ସେମାନଙ୍କୁ ଉଦ୍ଧାର କରି ମେଡିକାଲ ପଠାଇଥିଲା । ତେବେ ସେମାନଙ୍କର ମୃତ୍ୟୁ ଘଟିଛି।

ଅଘଟଣ ମୁକ୍ତ ...

ଦର୍ଶନ ଏବଂ ରଥଯାତ୍ରାର ସୁପରିଚାଳନା ନିମନ୍ତେ ବ୍ୟାପକ ବନ୍ଦୋବସ୍ତ କରାଯାଇଛି । ରଥଯାତ୍ରା ଡ୍ୟୁଟିରେ ଅଭିଜ୍ଞତା ସମ୍ପନ୍ନ ପୋଲିସ୍ ଅଧିକାରୀଙ୍କୁ ନିୟୋଜିତ କରାଯାଇଛି । ଅଘଟଣ ମୁକ୍ତ ରଥଟଣା ଏବଂ ରଥଯାତ୍ରା ପରିଚାଳନା ଉପରେ ସର୍ବାଧିକ ଗୁରୁତ୍ୱ ପ୍ରଦାନ କରାଯାଇଛି ବୋଲି ଡିଜିପି କହିଛନ୍ତି । ଉତ୍ତରା ଛକରୁ ଆରମ୍ଭ କରି ପୁରୀ ,ପୁରୀ -କୋଣାର୍କ ରୋଡ ସହିତ ସହରର ବିଭିନ୍ନ ଛକରେ ମଧ୍ୟ କ୍ୟାମେରା ବ୍ୟବସ୍ଥା କରାଯାଇଛି। ଯାହା ଫଳରେ ଭକ୍ତଙ୍କୁ ଟ୍ରାଫିକ ପରିଚାଳନାରେ ସହଯୋଗ ଓ ସୁବିଧା ମିଳିପାରିବ ବୋଲି ଡିଜିପି ଆଶାବ୍ୟକ୍ତ କରିଛନ୍ତି।

ନିର୍ଦ୍ଦେଶକ (ଗୁଇନ୍ଦା) ଆର ପି. କୋଚେ ଟ୍ରାଫିକ୍ ନିୟନ୍ତ୍ରଣ, ବିଶିଷ୍ଟ ବ୍ୟକ୍ତିବିଶେଷଙ୍କ ଗମନାଗମନ, ଭିଡ଼ ନିୟନ୍ତ୍ରଣ ଏବଂ କର୍ଡନ ବ୍ୟବସ୍ଥା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହା ସହିତ ସୁରକ୍ଷା ବ୍ୟବସ୍ଥାକୁ ଅଧିକ ସୁଦୃଢ଼ ଓ ସମନ୍ୱିତ କରିବା ପାଇଁ କାର୍ଯ୍ୟରତ ସମସ୍ତ ଅଧିକାରୀମାନଙ୍କୁ ନିଜ ନିଜ ମଧ୍ୟରେ ନିରନ୍ତର ଯୋଗାଯୋଗ ରକ୍ଷା କରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ।

ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଆଧୁନିକୀକରଣ) ସୌମେନ୍ଦ୍ର ପ୍ରିୟଦର୍ଶୀ ସମସ୍ତ କର୍ମଚାରୀଙ୍କୁ ସେବା ମନୋବୃତ୍ତି ନେଇ କାର୍ଯ୍ୟ ସମ୍ପାଦନ କରିବା ସହ ଭକ୍ତମାନଙ୍କ ପ୍ରତି ସୌହାର୍ଦ୍ଦ୍ୟପୂର୍ଣ୍ଣ, ଭଦ୍ର ବ୍ୟବହାର ପ୍ରଦର୍ଶନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। କର୍ତ୍ତବ୍ୟର ନିଷ୍ଠାପୂର୍ଣ୍ଣ ସମ୍ପାଦନକୁ ସର୍ବୋଚ୍ଚ ଦାୟିତ୍ୱ ଭାବେ ଗ୍ରହଣ କରିବା ସହ କୌଣସି ପରିସ୍ଥିତିରେ ମଧ୍ୟ ନିଜ ନିର୍ଦ୍ଧାରିତ ଡ୍ୟୁଟି ସ୍ଥଳ ଛାଡ଼ି ନଯିବାକୁ ସେ ଗୁରୁତ୍ୱାରୋପ କରିଛନ୍ତି। ପ୍ରତିକୂଳ ପାଗ ପରିସ୍ଥିତି ଉପୁଜିଲେ ମଧ୍ୟ କର୍ମଚାରୀମାନେ ନିଜ ଦାୟିତ୍ୱ ପ୍ରତି ଅଟଳ ରହି ଶୃଙ୍ଖଳାର ସହିତ କର୍ତ୍ତବ୍ୟ ପାଳନ କରିବାକୁ ସେ ପରାମର୍ଶ ଦେଇଛନ୍ତି।ରଥଟଣା ସମୟରେ ଭକ୍ତଙ୍କ ପ୍ରବଳ ସମାଗମକୁ ଲକ୍ଷ୍ୟ କରି ଭିଡ ନିୟନ୍ତ୍ରଣ କରିବାକୁ ଉପଯୁକ୍ତ ବ୍ୟବସ୍ଥା ଗ୍ରହଣ କରାଯାଇଛି ବୋଲି ମତବ୍ୟକ୍ତ କରିଥିଲେ । ପ୍ରତିଟି ଭକ୍ତ ଯେମିତି ଭଲ ଅନୁଭୂତି ନେଇ ଫେରିବେ ସେ ଦିଗରେ ଯତ୍ନବାନ୍ ହେବାକୁ ସେ ଉପସ୍ଥିତ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ । ଟ୍ରାନ୍ସପୋର୍ଟ କମିଶନର ଅମିତାଭ ଠାକୁର କହିଥିଲେ ଯେ, ଟ୍ରାଫିକ ପରିଚାଳନା, ଭିଡ଼ ନିୟନ୍ତ୍ରଣ, ଭିଆଇପି ଗସ୍ତ ଓ ଜନସାଧାରଣଙ୍କ ସୁରକ୍ଷା ପରସ୍ପର ସହ ଜଡ଼ିତ। ସମନ୍ୱିତ ପଦକ୍ଷେପ ମାଧ୍ୟମରେ ପ୍ରତ୍ୟେକ ଭକ୍ତ ଯେପରି ସୁରକ୍ଷିତ ଓ ସନ୍ତୋଷଜନକ ଅନୁଭୂତି ସହ ପୁରୀରୁ ଫେରିବେ, ସେଥିପାଇଁ ସମସ୍ତ ଅଧିକାରୀଙ୍କୁ ସମର୍ପଣର ସହ କାର୍ଯ୍ୟ କରିବାକୁ ସେ ଆହ୍ୱାନ କରିଥିଲେ।

ଏହି ସମୀକ୍ଷା ବୈଠକରେ ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଏସ୍‌ଏପି) ରାଜେଶ କୁମାର, ଆଇଜିପି (କ୍ରାଇମବ୍ରାଞ୍ଚ) ଡ଼ଃ ସାର୍ଥକ ଷଡ଼ଙ୍ଗୀ, ଆଇଜିପି (ଅପରେସନ) ଡ଼ଃ ଦୀପକ କୁମାର, ଆଇଜିପି (ଟ୍ରେନିଂ) ଅନୁପ କୁମାର ସାହୁ, ଆଇଜି (ଉତ୍ତର-କେନ୍ଦ୍ରାଞ୍ଚଳ) ସତ୍ୟବ୍ରତ ଭୋଇ, ଡିଆଇଜିପି (ପ୍ରୋଭିଜନିଂ)ଚରଣ ସିଂ ମିନା, ଡିଆଇଜିପି (ଏସ୍‌ଟିଏଫ୍) କେ. ବିଶାଲ ସିଂହ, ଡିଆଇଜିପି (ପୂର୍ବାଞ୍ଚଳ) ପିନାକ ମିଶ୍ର, ଡିଆଇଜିପି (କ୍ରାଇମବ୍ରାଞ୍ଚ) ବି. ଗଙ୍ଗାଧରଙ୍କ ସମେତ ବହୁ ବରିଷ୍ଠ ପୋଲିସ ଅଧିକାରୀ ଉପସ୍ଥିତ ଥିଲେ।

ବୈଠକର ପ୍ରାରମ୍ଭରେ ପୁରୀ ଏସ୍‌ପି ପ୍ରତୀକ ସିଂ ଡିଜିପି ଓ ଉପସ୍ଥିତ ବରିଷ୍ଠ ଅଧିକାରୀମାନଙ୍କୁ ସ୍ୱାଗତ କରିଥିବା ବେଳେ, ଶେଷରେ ଆଇଜିପି (କେନ୍ଦ୍ରାଞ୍ଚଳ) ଡ଼ଃ ସତ୍ୟଜିତ ନାଏକ ଧନ୍ୟବାଦ ଅର୍ପଣ କରିଥିଲେ।

ଭିଏତନାମରେ ସ୍ପିଡ୍ ...

ବୋଟ୍ ବୁଡ଼ି ଯାଇଛି। ସ୍ଥାନୀୟ ଅଧିକାରୀଙ୍କ ଦ୍ୱାରା ସେଠାରେ ସର୍ଚ୍ଚ ଅପରେସନ ଜାରି ରହିଛି। ଏବେ ଉଦ୍ଧାର କାର୍ଯ୍ୟ ଚାଲିଥିବା ବେଳେ ଘଟଣାର ପ୍ରକୃତ କାରଣ ଖୋଜା ଚାଲିଛି।"

ଦୁର୍ଘଟଣାରେ ପ୍ରଭାବିତ ଲୋକଙ୍କୁ ସହାୟତା କରିବା ପାଇଁ ହୋ ଚି ମିନ୍ ସିଟିରେ ଗୋଟିଏ କଣ୍ଟ୍ରୋଲ ରୁମ ପ୍ରତିଷ୍ଠା କରାଯାଇଥିବା ମଧ୍ୟ ଦୂତାବାସ କହିଛି। ଦୂତାବାସ ପକ୍ଷରୁ କିଛି ହେଲ୍ପଲାଇନ ନମ୍ବର ମଧ୍ୟ ଜାରି କରାଯାଇଛି। ହୋ ଚି ମିନ୍ ସିଟି କଣ୍ଟ୍ରୋଲ୍ ରୁମ୍: +୮୪ ୩୬ ୨୮୧ ୭୯୩୦, +୮୪ ୯୧ ୫୫୨ ୩୭ ୧୪ ଓ +୮୪ ୩୩ ୪୫୨ ୦୪୧୪ ଏବଂ ହାନୋଇ କଣ୍ଟ୍ରୋଲ୍ ରୁମ୍: +୮୪ ୯୧ ୩୦୮ ୯୧୬୫କୁ ଫୋନ କରି ଲୋକମାନେ ନିଜର ପ୍ରିୟଜନଙ୍କଙ୍କ ସମ୍ପର୍କରେ ଜାଣିପାରିବେ।

ମିଳିଥିବା ଖବର ଅନୁସାରେ, ସ୍ପିଡ୍ ବୋଟଟି ଦ୍ରୁତଗତିରେ ଯାଉଥିବା ବେଳେ ଅଶାନ୍ତ ଢେଉ ମାଡ଼ରେ ଓଲଟି ପଡ଼ି ବୁଡ଼ି ଯାଇଥିଲା। ଦୁର୍ଘଟଣା ସମ୍ପର୍କରେ ଖବର ମିଳିବା ମାତ୍ରେ ସ୍ଥାନୀୟ ପ୍ରଶାସନ ପକ୍ଷରୁ ତୁରନ୍ତ ଉଦ୍ଧାର କାର୍ଯ୍ୟ ଆରମ୍ଭ କରାଯାଇଥିଲା।

ପାଠ୍ୟ ପୁସ୍ତକରେ ...

ପୂର୍ବତନ ନିର୍ଦ୍ଦେଶକ ସମେତ ୩ଜଣ ସହକାରୀ ନିର୍ଦ୍ଦେଶକଙ୍କୁ ନିଲମ୍ବିତ କରାଯାଇଥିଲା ଏବଂ ୬ଜଣ ସହକାରୀ ନିର୍ଦ୍ଦେଶକଙ୍କ ଉପରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା।

ଯଦି ମୋତେ ହତ୍ୟା ...

ତେବେ ସେ ତାଙ୍କ ଦାବିକୁ ସମର୍ଥନ କରିବା ପାଇଁ କୌଣସି ପ୍ରମାଣ ଉପସ୍ଥାପନ କରିନଥିଲେ।

ଏହି ସମୟରେ, ଇରାନର ଅଧିକାରୀମାନେ ଟ୍ରମ୍ପଙ୍କୁ ହତ୍ୟା କରିବାର କୌଣସି ସରକାରୀ ଧମକକୁ ନିଶ୍ଚିତ କରିନାହାଁନ୍ତି। ତେବେ, ନିକଟ ଅତୀତରେ, ଇରାନରେ ଆୟୋଜିତ କେତେକ ସାର୍ବଜନୀନ କାର୍ଯ୍ୟକ୍ରମରେ ଟ୍ରମ୍ପ୍ ବିରୋଧୀ ସ୍ଲୋଗାନ ଏବଂ ପୋଷ୍ଟର ଦେଖିବାକୁ ମିଳୁଥିବା ଗଣମାଧ୍ୟମ ରିପୋର୍ଟ ପ୍ରକାଶ ପାଇଛି।

ଏକ ରିପୋର୍ଟ ଅନୁଯାୟୀ, ଇସ୍ରାଏଲ ଟ୍ରମ୍ପଙ୍କ ବିରୋଧରେ ଏକ ସମ୍ଭାବ୍ୟ ବିପଦ ବିଷୟରେ ଆମେରିକାକୁ ଚେତାବନୀ ଦେଇଥିଲା। ତେବେ ଏ ବିଷୟରେ ଏପର୍ଯ୍ୟନ୍ତ କୌଣସି ସରକାରୀ ସୂଚନା ପ୍ରକାଶ କରାଯାଇ ନାହିଁ।

ନିକଟ ଅତୀତରେ ଆମେରିକା ଏବଂ ଇରାନ ମଧ୍ୟରେ ଉତ୍ତେଜନା ବୃଦ୍ଧି ପାଇଛି। ଆଞ୍ଚଳିକ ସୁରକ୍ଷା, ସାମୁଦ୍ରିକ ମାର୍ଗର ସୁରକ୍ଷା ଏବଂ ସାମରିକ କାର୍ଯ୍ୟକଳାପକୁ ନେଇ ମଧ୍ୟ ଦୁଇ ଦେଶ ମଧ୍ୟରେ କଥାବାର୍ତ୍ତା ତୀବ୍ର ହୋଇଛି।

ଇସ୍ତଫା ଦେଲେ...

ପ୍ରୋବେସନାରୀ ଆଇପିଏସ୍ ଅଧିକାରୀ ଭାବେ ହାଇଦ୍ରାବାଦ ସ୍ଥିତ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ ପୁଲିସ ଏକାଡେମୀରେ ପ୍ରଥମ ପର୍ଯ୍ୟାୟ ଟ୍ରେନିଂ ନେଉଛନ୍ତି

ଅଭିଜିତଙ୍କ ଇସ୍ତଫା ପତ୍ର ମିଳିଥିବା ନେଇ ଓଡ଼ିଶା ପୁଲିସ ପକ୍ଷରୁ ସୂଚନା ମିଳିଛି। ବ୍ୟକ୍ତିଗତ କାରଣରୁ ସେ ଇସ୍ତଫା ଦେଇଥିବା ଜଣାପଡିଛି।

ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଗତ ୬ ତାରିଖରେ ଭୁବନେଶ୍ୱର ଡିସିପି ଜଗମୋହନ ମୀନା ଚାକିରିରୁ ଇସ୍ତଫା ଦେବା କଥା ସାମ୍ନାକୁ ଆସିଥିଲା।

ଶସ୍ତା ହେବ...

ନିର୍ମାତାଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ମୂଲ୍ୟ ତାଲିକାକୁ ସ୍ପଷ୍ଟ ଭାବରେ ପ୍ରଦର୍ଶନ କରିବାକୁ ପଡ଼ିବ। ଡିପିସିଓ, ୨୦୧୩କୁ ଉଦ୍ଧୃତ କରି କର୍ତ୍ତୃପକ୍ଷ କହିଛନ୍ତି, " ଡିପିସିଓ, ୨୦୧୩ର ଅନୁଚ୍ଛେଦ ୨୪(୪) ଅନୁଯାୟୀ, ପ୍ରତ୍ୟେକ ଖୁଚୁରା ବିକ୍ରେତା ଏବଂ ଡିଲର ତାଙ୍କ ବ୍ୟବସାୟ ପରିସରର ଏକ ପ୍ରମୁଖ ଅଂଶରେ ନିର୍ମାତାଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ମୂଲ୍ୟ ତାଲିକା ଏବଂ ଯଦି କୌଣସି ପରିପୂରକ ମୂଲ୍ୟ ତାଲିକା ଥାଏ, ତେବେ ତାହା ଏପରି ଭାବରେ ପ୍ରଦର୍ଶନ କରିବେ ଯେ ଏହାକୁ ଦେଖିବାକୁ ଚାହୁଁଥିବା ଯେକୌଣସି ବ୍ୟକ୍ତି ସହଜରେ ପାଇପାରିବେ।"

ବିଜ୍ଞପ୍ତିରେ ଆହୁରି ଉଲ୍ଲେଖ ଅଛି ଯେ ଯଦି କୌଣସି ନିର୍ମାତା କିମ୍ବା ମାର୍କେଟିଂ କମ୍ପାନୀ ସୂଚିତ ଖୁଚୁରା ମୂଲ୍ୟ ପାଳନ କରିବାରେ ବିଫଳ ହୁଏ, ତେବେ ପ୍ରଯୁଜ୍ୟ ସୁଧ ସହିତ ଆଦାୟ କରାଯାଇଥିବା ଅତିରିକ୍ତ ପରିମାଣ ଜମା କରିବାକୁ ଦାୟୀ ରହିବ।

ଭିଜିଲାନ୍ସକୁ ଦେଖି ବାଇକ୍‌ରେ ଟଙ୍କା ନେଇ ଫେରାର ହୋଇଗଲେ ଏଏସଆଇ

ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ

ନାଚୁଣୀ ଥାନାର ଏଏସଆଇ ଅକ୍ଷୟ କୁମାର ସେଠୀ ଲାଂଚ ଦାବି ଓ ଗ୍ରହଣ ଅଭିଯୋଗରେ ଓଡ଼ିଶା ଭିଜିଲାନ୍ସ ମାମଲା ରୁଜୁ କରିଛି । ଭିଜିଲାନ୍ସ ଟିମ୍‌କୁ ଦେଖି ଲାଂଚ ଟଙ୍କା ସହ ଫେରାର ହୋଇଯାଇଛନ୍ତି ଏଏସଆଇ। ଖୋର୍ଦ୍ଧା ଜିଲ୍ଲା ନାଚୁଣୀ ଥାନାର ଏଏସଆଇ ଅକ୍ଷୟ କୁମାର ସେଠୀଙ୍କ ବିରୋଧରେ ଜମି ବିବାଦ ସମ୍ପର୍କିତ ଏକ ମାମଲାର ଆପୋଷ ସମାଧାନ ପରେ ମାମଲାକୁ ଥାନା ସ୍ତରରେ ଫଇସଲା କରିବା ପାଇଁ ୫,୦୦୦ ଟଙ୍କା ଲାଂଚ ଦାବି ଓ ଗ୍ରହଣ କରିଥିବା ଅଭିଯୋଗରେ ଓଡ଼ିଶା ଭିଜିଲାନ୍ସ ପକ୍ଷରୁ ମାମଲା ରୁଜୁ କରାଯାଇଛି।

ଅଭିଯୋଗ ଅନୁଯାୟୀ, ୫ ତାରିଖରେ ଅଭିଯୋଗକାରୀ ଜମି ବିବାଦକୁ ନେଇ ନାଚୁଣୀ ଥାନାରେ ବିପକ୍ଷ ପକ୍ଷଙ୍କ ବିରୋଧରେ ଏକ ମାମଲା ରୁଜୁ କରିଥିଲେ। ସେହିପରି ବିପକ୍ଷ ପକ୍ଷ ମଧ୍ୟ ଅଭିଯୋଗକାରୀଙ୍କ ବିରୋଧରେ ପାଲଟା ମାମଲା ରୁଜୁ କରିଥିଲେ। ଉକ୍ତ ଦୁଇଟି ମାମଲାର ତଦନ୍ତକାରୀ ଅଧିକାରୀ ଥିଲେ ଏଏସଆଇ ଅକ୍ଷୟ କୁମାର ସେଠୀ।

ସେହି ଦିନ ସନ୍ଧ୍ୟାରେ ଉଭୟ ପକ୍ଷଙ୍କ ମଧ୍ୟରେ ଆପୋଷ ସମାଧାନ ହୋଇଥିଲା। ତେବେ ମାମଲାକୁ ଥାନା ସ୍ତରରେ ଫଇସଲା କରିବା ପାଇଁ ଏଏସଆଇ ସେଠୀ ଉଭୟ ପକ୍ଷଙ୍କଠାରୁ ୧୦,୦୦୦ ଟଙ୍କା (ପ୍ରତ୍ୟେକଙ୍କଠାରୁ ୫,୦୦୦ ଟଙ୍କା) ଲାଂଚ ଦାବି କରିଥିଲେ।

ଅଭିଯୋଗକାରୀ ଓଡ଼ିଶା ବାହାରେ ନିଜ କାର୍ଯ୍ୟସ୍ଥଳକୁ ଫେରିବାକୁ ଥିବାରୁ ତାଙ୍କ ମାମଲାର ଶୀଘ୍ର ସମାଧାନ ପାଇଁ ଅନୁରୋଧ କରିଥିଲେ। ଏହାପରେ ଏଏସଆଇ ସେଠୀ ତାଙ୍କୁ ୧୦.୦୭.୨୦୨୬ ତାରିଖରେ ଏକ ଶପଥପତ୍ର (ଆଫିଡେଭିଟ୍) ସହ ୫,୦୦୦ ଟଙ୍କା ଲାଂଚ ନେଇ ଆସିବାକୁ କହିଥିଲେ। ଲାଂଚ ଟଙ୍କା ପାଇବା ପରେ ସେ ଆବଶ୍ୟକୀୟ କାର୍ଯ୍ୟ କରିଦେବେ ବୋଲି କହିଥିଲେ।

ଲାଂଚ ଦାବିରେ ଅସନ୍ତୁଷ୍ଟ ଅଭିଯୋଗକାରୀ ଓଡ଼ିଶା ଭିଜିଲାନ୍ସ କର୍ତ୍ତୃପକ୍ଷଙ୍କୁ ଅଭିଯୋଗ କରିଥିଲେ। ଅଭିଯୋଗ ପାଇବା ପରେ ଭିଜିଲାନ୍ସର ଏକ ଟିମ୍ ତୁରନ୍ତ କାର୍ଯ୍ୟରେ ଲାଗିଥିଲା ଏବଂ ଏଏସଆଇ ସେଠୀ ଲାଂଚ ଟଙ୍କା ଗ୍ରହଣ କରୁଥିବା ସମୟରେ ଦୂରରୁ ନଜର ରଖିଥିଲା।

କିନ୍ତୁ ଲାଂଚ ଟଙ୍କା ଗ୍ରହଣ କରିବା ପରେ ଭିଜିଲାନ୍ସ ଟିମ୍‌କୁ ଆସୁଥିବା ଦେଖି ଏଏସଆଇ ସେଠୀ ଏକ ନିଛାଟିଆ ଅନ୍ଧାରୁଆ ସ୍ଥାନରୁ ନିଜ ମୋଟରସାଇକେଲରେ ଲାଂଚର ୫,୦୦୦ ଟଙ୍କା ସହ ଫେରାର ହୋଇଯାଇଥିଲେ।

ଘଟଣା ପରେ ନାଚୁଣୀ ଥାନା ଅଧିକାରୀଙ୍କ ଉପସ୍ଥିତିରେ ଅକ୍ଷୟ କୁମାର ସେଠୀଙ୍କ ସହ ସମ୍ପୃକ୍ତ ବିଭିନ୍ନ ସ୍ଥାନରେ ଏକକାଳୀନ ଚଢ଼ାଉ ଓ ତଲାସି ଜାରି ରହିଛି।

ଏହି ଘଟଣାରେ ଭୁବନେଶ୍ୱର ଭିଜିଲାନ୍ସ ଥାନା କେସ୍ ନଂ-୧୬, ତାରିଖ ୧୦.୦୭.୨୦୨୬, ଦୁର୍ନୀତି ନିବାରଣ (ସଂଶୋଧନ) ଆଇନ, ୨୦୧୮ର ଧାରା-୭ ଅନୁଯାୟୀ ମାମଲା ରୁଜୁ କରାଯାଇଛି। ଲାଂଚ ମାମଲାରେ ଫେରାର ଏଏସଆଇଙ୍କୁ ଗିରଫ କରିବା ପାଇଁ ପ୍ରୟାସ ଜାରି ରହିଛି।

ବିଷାକ୍ତ ଖାଦ୍ୟ ଖାଇ ଘରୋଇ ନର୍ସିଂ କଲେଜ ରେ ୯ଉର୍ଦ୍ଧ ଛାତ୍ରୀ ଗୁରୁତର

ଖୋର୍ଦ୍ଧା, ନ୍ୟୁଜ ବ୍ୟୁରୋ

ବିଷାକ୍ତ ଖାଦ୍ୟ ଖାଇ ଘରୋଇ ନର୍ସିଂ କଲେଜ ରେ ୯ଉର୍ଦ୍ଧ ଛାତ୍ରୀ ଗୁରୁତର। ଅସୁସ୍ଥ ଛାତ୍ରୀମାନଙ୍କୁ ଚିକିତ୍ସା ପାଇଁ ଖୋର୍ଦ୍ଧା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ପୂର୍ବରୁ କଲେଜ କର୍ତ୍ତୃପକ୍ଷଙ୍କୁ ନିମ୍ନମାନର ଖାଦ୍ୟ ଦିଆଯାଉଥିବା ନେଇ ଛାତ୍ରୀମାନେ ଅଭିଯୋଗ କରିଥିଲେ ।ହେଲେ କର୍ତ୍ତୃପକ୍ଷଙ୍କ ଅବହେଳାରୁ ଆଜି ଛାତ୍ରୀମାନେ ବିଷାକ୍ତ ଖାଦ୍ୟ ଖାଇ ଅସୁସ୍ଥ ହୋଇ ପଡିଥିବା ନେଇ ଅଭିଭାବକ ଅଭିଯୋଗ କରୁଛନ୍ତି। ଅନ୍ୟପକ୍ଷରେ କ୍ୟାଣ୍ଟିନ ମାଲିକ ଖାଦ୍ୟ ବିଷାକ୍ତ ଘଟଣାକୁ ଖଣ୍ଡନ କରିଛନ୍ତି। ସେହିପରି ଚିକିତ୍ସାରତ ଡାକ୍ତର ଏସିଡିଟି ନେଇ ଛାତ୍ରୀ ମାନେ ଅସୁସ୍ଥ ହୋଇ ଥିବା ନେଇ ସୂଚନା ଦେଇଛନ୍ତି ।ତେବେ ଏମାନଙ୍କ ମଧ୍ୟରୁ ଜଣେ ଛତ୍ରୀଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଭୁବନଶ୍ୱର ସ୍ଥାନାନ୍ତରିତ କରାଯାଇଥିବା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପକ୍ଷରୁ ସୂଚନା ଦିଆଯାଇଛି।

ପାଞ୍ଚ ବର୍ଷରୁ ଅଧିକ ସେବା ପୂରଣ କରିଥିବା ଗ୍ରାମ ରୋଜଗାର ସେବକଙ୍କ ସମ୍ପୂର୍ଣ୍ଣ ତଥ୍ୟ ମାଗିଲେ ଓଡ଼ିଶା ସରକାର

ଭୁବନେଶ୍ୱର, ନ୍ୟୁଜ ବୁରୋ

ଓଡ଼ିଶା ସରକାର ରାଜ୍ୟର ସମସ୍ତ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ଯେ, ଲଗାତାର ପାଞ୍ଚ ବର୍ଷ କିମ୍ବା ତା'ଠାରୁ ଅଧିକ ସେବା ପୂରଣ କରିଥିବା ଗ୍ରାମ ରୋଜଗାର ସେବକ (ଜିଆରଏସ୍)ମାନଙ୍କର ଅଦ୍ୟତନ ବିବରଣୀ ନିର୍ଦ୍ଧାରିତ ଫର୍ମାଟରେ ୧୫ ଦିନ ମଧ୍ୟରେ ପ୍ରଦାନ କରିବେ। ରାଜ୍ୟସ୍ତରରେ ଏକ ସମନ୍ୱିତ ଡାଟାବେସ୍ ପ୍ରସ୍ତୁତ କରିବା ଉଦ୍ଦେଶ୍ୟରେ ଏହି ପଦକ୍ଷେପ ନିଆଯାଇଛି।

ଓଡ଼ିଶା ସଚିବାଳୟ ସେବା (ଓଏସଏସ୍)ର ଅବର ସଚିବ ନମିତା ସାହୁ ୧୦ ଜୁଲାଇ ୨୦୨୬ରେ ଜାରି କରିଥିବା ଚିଠିରେ ସମସ୍ତ ଜିଲ୍ଲା ପ୍ରଶାସନକୁ ନିଜ ଜିଲ୍ଲାରେ କାର୍ଯ୍ୟରତ ଯୋଗ୍ୟ ଗ୍ରାମ ରୋଜଗାର ସେବକମାନଙ୍କର ବିସ୍ତୃତ ସୂଚନା ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ପଠାଇବାକୁ କୁହାଯାଇଛି । ଚିଠି ଅନୁଯାୟୀ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପ୍ରଶାସନିକ ଏବଂ ନୀତିଗତ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଲଗାତାର ପାଞ୍ଚ ବର୍ଷ କିମ୍ବା ତା'ଠାରୁ ଅଧିକ ସେବା ପୂରଣ କରିଥିବା ଗ୍ରାମ ରୋଜଗାର ସେବକଙ୍କର ଏକ ବ୍ୟାପକ ଡାଟାବେସ୍ ପ୍ରସ୍ତୁତ କରୁଛି। ଏଥିପାଇଁ ନିଯୁକ୍ତି ତାରିଖ, ନିରନ୍ତର ସେବା ଅବଧି, ବର୍ତ୍ତମାନର କାର୍ଯ୍ୟସ୍ଥଳ, ସେବାର ସ୍ଥିତି ଏବଂ ଅନ୍ୟାନ୍ୟ ଆବଶ୍ୟକ ତଥ୍ୟ ମଗାଯାଇଛି। ଚିଠିରେ ଆହୁରି ଉଲ୍ଲେଖ କରାଯାଇଛି ଯେ, ପୂର୍ବରୁ ଯୋଗ୍ୟ ଗ୍ରାମ ରୋଜଗାର ସେବକମାନଙ୍କୁ ଆକାଉଣ୍ଟାଣ୍ଟ-କମ୍-ଡାଟା ଏଣ୍ଟ୍ରି ଅପରେଟର (ଏଡିଇଓ) ପଦରେ ସମାୟୋଜନ (ଅବ୍‌ଜର୍ପସନ୍) ସମ୍ପର୍କିତ ପ୍ରସ୍ତାବ ବିଚାର ସମୟରେ ମଧ୍ୟ ଜିଲ୍ଲାଭିତ୍ତିକ ସୂଚନା ମଗାଯାଇଥିଲା। ଭବିଷ୍ୟତରେ ନୀତିଗତ ବିଷୟର ସମୀକ୍ଷା ଏବଂ ବିଭିନ୍ନ ପ୍ରାଧିକରଣକୁ ସୂଚନା ଯୋଗାଇବା ପାଇଁ ମଧ୍ୟ ଏପରି ତଥ୍ୟର ଆବଶ୍ୟକତା ପଡ଼ିପାରେ। ରାଜ୍ୟ ସରକାର ସମସ୍ତ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ଯେ, ନିଜ ଜିଲ୍ଲାରେ ଲଗାତାର ପାଞ୍ଚ ବର୍ଷ କିମ୍ବା ତା'ଠାରୁ ଅଧିକ ସେବା ପୂରଣ କରିଥିବା ସମସ୍ତ ଗ୍ରାମ ରୋଜଗାର ସେବକଙ୍କର ଅଦ୍ୟତନ ବିବରଣୀ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ପ୍ରଦାନ କରିବେ, ଯାହାଦ୍ୱାରା ପ୍ରଶାସନିକ ସମୀକ୍ଷା ଏବଂ ଭବିଷ୍ୟତର ନୀତିଗତ ନିଷ୍ପତ୍ତି ପ୍ରକ୍ରିୟାକୁ ଅଧିକ ସୁଗମ କରାଯାଇପାରିବ।

ବିଜେପି ପାର୍ଟି ଅଫିସରେ ଚୌଦ୍ୱାର-କଟକ ବିଧାୟକ ସୌଭିକ ବିଶ୍ୱାଳ

ଭୁବନେଶ୍ୱର, ୧୧ ଜୁଲାଇ (ହି.ସ.) - ବିଜେପି ପାର୍ଟି ଅଫିସରେ ଚୌଦ୍ୱାର-କଟକ ବିଧାୟକ ସୌଭିକ ବିଶ୍ୱାଳ । ପଦ୍ମ ଧରିପାରନ୍ତି ପ୍ରଭାତ ବିଶ୍ୱାଳ । ଏହାକୁ ନେଇ ବଢ଼ିଲା ଚର୍ଚ୍ଚା । ଅଚାନକ ବିଜେପି ପାର୍ଟି ଅଫିସରେ ପହଞ୍ଚିଲେ ବିଜେଡିରୁ ନିଲମ୍ବିତ ବିଧାୟକ ସୌଭିକ ।

ଛାତ୍ରଛାତ୍ରୀଙ୍କ ଆନ୍ଦୋଳନ ପରେ ଏଫଏମ୍ ବିଶ୍ୱବିଦ୍ୟାଳୟ ପକ୍ଷରୁ ବିଏସ୍‌ସି ନର୍ସିଂ ସପ୍ତମ ସେମିଷ୍ଟର ପରୀକ୍ଷା କାର୍ଯ୍ୟସୂଚୀ ପ୍ରକାଶ

ଭୁବନେଶ୍ୱର/ବାଲେଶ୍ୱର , ୧୧ ଜୁଲାଇ (ହି.ସ): ବାଲେଶ୍ୱରରେ ନର୍ସିଂ ଛାତ୍ରଛାତ୍ରୀଙ୍କ ଲଗାତାର ଆନ୍ଦୋଳନ ଓ ଧାରଣା ପରେ ଫକୀର ମୋହନ ବିଶ୍ୱବିଦ୍ୟାଳୟ (ଏଫଏମ୍ ବିଶ୍ୱବିଦ୍ୟାଳୟ) ବହୁ ପ୍ରତୀକ୍ଷିତ ବିଏସ୍‌ସି ନର୍ସିଂ ସପ୍ତମ ସେମିଷ୍ଟର (ରେଗୁଲାର) ପରୀକ୍ଷା କାର୍ଯ୍ୟସୂଚୀ ପ୍ରକାଶ କରିଛି। ଏହା ଦ୍ୱାରା ଦୀର୍ଘଦିନ ଧରି ପରୀକ୍ଷାକୁ ଅପେକ୍ଷା କରିଥିବା ଶତାଧିକ ଛାତ୍ରଛାତ୍ରୀଙ୍କୁ ବଡ଼ ଆଶ୍ୱସ୍ତି ମିଳିଛି।

ବିଶ୍ୱବିଦ୍ୟାଳୟର ପରୀକ୍ଷା ନିୟନ୍ତ୍ରକ କାର୍ଯ୍ୟାଳୟ ପକ୍ଷରୁ ଜାରି ହୋଇଥିବା ବିଜ୍ଞପ୍ତି ଅନୁଯାୟୀ, ୨୦୨୧-୨୨ ଓ ୨୦୨୨-୨୩ ଶିକ୍ଷାବର୍ଷରେ ନାମ ଲେଖାଇଥିବା ବିଏସ୍‌ସି ନର୍ସିଂ (ରେଗୁଲାର) ଛାତ୍ରଛାତ୍ରୀଙ୍କ ପାଇଁ ସପ୍ତମ ସେମିଷ୍ଟର ପରୀକ୍ଷା ଆୟୋଜନ କରାଯିବ।

ଉଲ୍ଲେଖଯୋଗ୍ୟ ଯେ, ନିକଟରେ ବିଶ୍ୱବିଦ୍ୟାଳୟ ସହ ଅନୁବନ୍ଧିତ ଅନେକ ଘରୋଇ ନର୍ସିଂ କଲେଜର ଛାତ୍ରଛାତ୍ରୀମାନେ ବିଶ୍ୱବିଦ୍ୟାଳୟ ପରିସର ବାହାରେ ଧାରଣା ଦେଇଥିଲେ। ସେମାନଙ୍କ ଅଭିଯୋଗ ଥିଲା ଯେ, ଚାରିବର୍ଷିଆ ବିଏସ୍‌ସି ନର୍ସିଂ ପାଠ୍ୟକ୍ରମ ଆରମ୍ଭ ହେବାର ଛଅ ବର୍ଷରୁ ଅଧିକ ସମୟ ବିତିଯାଇଥିଲେ ମଧ୍ୟ ସପ୍ତମ ଓ ଅଷ୍ଟମ ସେମିଷ୍ଟର ପରୀକ୍ଷା ଆୟୋଜିତ ହୋଇନଥିବାରୁ ପାଠ୍ୟକ୍ରମ ସମ୍ପୂର୍ଣ୍ଣ ହୋଇପାରିନଥିଲା।

ବିଜ୍ଞପ୍ତି ଅନୁଯାୟୀ, ତତ୍ତ୍ୱଗତ (ଥିଓରି) ପରୀକ୍ଷା ୧୪ ଓ ୧୫ ଜୁଲାଇ ୨୦୨୬ରେ ଅନୁଷ୍ଠିତ ହେବ। ସେହିପରି ପ୍ରାୟୋଗିକ (ପ୍ରାକ୍ଟିକାଲ୍) ପରୀକ୍ଷା ୧୭ ଓ ୧୮ ଜୁଲାଇ ୨୦୨୬ରେ ଆୟୋଜିତ ହେବ। ଥିଓରି ପରୀକ୍ଷାରେ କମ୍ୟୁନିଟି ହେଲ୍ଥ ନର୍ସିଂ ଏବଂ ମିଡ୍‌ୱାଇଫରି/ଅବ୍‌ଷ୍ଟେଟ୍ରିକ୍ସ ଆଣ୍ଡ ଗାଇନେକୋଲୋଜି (ଓବିଜି) ନର୍ସିଂ ବିଷୟ ଅନ୍ତର୍ଭୁକ୍ତ ରହିଛି। ସମସ୍ତ ଥିଓରି ପରୀକ୍ଷା ଅପରାହ୍ନ ୨ଟାରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ଅନୁଷ୍ଠିତ ହେବ।

ବାଲେଶ୍ୱର ଜିଲ୍ଲାର ଛାତ୍ରଛାତ୍ରୀଙ୍କ ପାଇଁ ଜନୁଗଞ୍ଜ, ରେମୁଣା ଗୋଳେଇସ୍ଥିତ ପୁରୁଣା କ୍ୟାମ୍ପସର ପ୍ରଶାସନିକ ଭବନକୁ ପରୀକ୍ଷା କେନ୍ଦ୍ର ଭାବେ ନିର୍ଦ୍ଧାରଣ କରାଯାଇଛି। ଭଦ୍ରକ ଜିଲ୍ଲାର ଛାତ୍ରଛାତ୍ରୀଙ୍କ ପରୀକ୍ଷା ଭଦ୍ରକ (ଅଟୋ) କଲେଜରେ ଅନୁଷ୍ଠିତ ହେବ।

ବିଜ୍ଞପ୍ତିରେ ସମସ୍ତ ଅନୁବନ୍ଧିତ କଲେଜକୁ ନିର୍ଦ୍ଦେଶ ଦିଆଯାଇଛି ଯେ, ପରୀକ୍ଷା କାର୍ଯ୍ୟସୂଚୀରେ କୌଣସି ତ୍ରୁଟି କିମ୍ବା ବିଷୟଭିତ୍ତିକ ସମୟରେ ସଂଘର୍ଷ ଥିଲେ ତୁରନ୍ତ ପରୀକ୍ଷା ନିୟନ୍ତ୍ରକଙ୍କ କାର୍ଯ୍ୟାଳୟକୁ ଅବଗତ କରାଇବେ। ସେହିପରି, ସମସ୍ତ ପ୍ରାୟୋଗିକ ପରୀକ୍ଷାର ନମ୍ବର ୧୮ ଜୁଲାଇ ୨୦୨୬ ଅପରାହ୍ନ ୩ଟା ସୁଦ୍ଧା ଦାଖଲ କରିବା ବାଧ୍ୟତାମୂଳକ ବୋଲି କୁହାଯାଇଛି। ଦୀର୍ଘଦିନ ଧରି ଲମ୍ବି ରହିଥିବା ପରୀକ୍ଷାକୁ ନେଇ ଆନ୍ଦୋଳନ କରୁଥିବା ନର୍ସିଂ ଛାତ୍ରଛାତ୍ରୀଙ୍କ ପାଇଁ ବିଶ୍ୱବିଦ୍ୟାଳୟ ପକ୍ଷରୁ ପରୀକ୍ଷା କାର୍ଯ୍ୟସୂଚୀ ପ୍ରକାଶ ବଡ଼ ଆଶ୍ୱସ୍ତି ଆଣିଛି। ବିଶ୍ୱବିଦ୍ୟାଳୟ ପ୍ରଶାସନ ସମସ୍ତ ଅନୁବନ୍ଧିତ ନର୍ସିଂ କଲେଜକୁ ଏହି ପରୀକ୍ଷା କାର୍ଯ୍ୟସୂଚୀ ତୁରନ୍ତ ସମ୍ପୃକ୍ତ ଛାତ୍ରଛାତ୍ରୀଙ୍କ ନିକଟରେ ପହଞ୍ଚାଇବାକୁ ନିର୍ଦ୍ଦେଶ ଦେଇଛି।

ପରୀକ୍ଷା ବିଳମ୍ବକୁ ନେଇ ଓଏନଏମଆରସିର କଡ଼ା ପଦକ୍ଷେପ, ବାଲେଶ୍ୱରର ୧୬ ନର୍ସିଂ କଲେଜକୁ କାରଣ ଦର୍ଶାଅ ନୋଟିସ

ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ

ବିଏସ୍‌ସି ନର୍ସିଂ ଛାତ୍ରଛାତ୍ରୀଙ୍କ ସେମିଷ୍ଟର ପରୀକ୍ଷା ଦୀର୍ଘଦିନ ଧରି ଅନୁଷ୍ଠିତ ନହେବା ଘଟଣାକୁ ଗୁରୁତ୍ୱର ସହ ନେଇ ଓଡ଼ିଶା ନର୍ସେସ୍ ଆଣ୍ଡ ମିଡ୍‌ୱାଇଭ୍ସ ରେଜିଷ୍ଟ୍ରେସନ କାଉନସିଲ (ଓଏନଏମଆରସି) ବାଲେଶ୍ୱର ଜିଲ୍ଲାର ୧୬ଟି ନର୍ସିଂ କଲେଜକୁ କାରଣ ଦର୍ଶାଅ ନୋଟିସ ଜାରି କରିଛି। କାଉନସିଲ ପକ୍ଷରୁ ସମ୍ପୃକ୍ତ କଲେଜଗୁଡ଼ିକୁ ଦୁଇ ଦିନ ମଧ୍ୟରେ ସେମିଷ୍ଟର ପରୀକ୍ଷା ନିର୍ଦ୍ଧାରିତ ସମୟରେ କାହିଁକି ଆୟୋଜନ କରାଯାଇନଥିଲା, ସେନେଇ ସ୍ପଷ୍ଟୀକରଣ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହାସହ ପରୀକ୍ଷା ବିଳମ୍ବର କାରଣ ସମ୍ପର୍କରେ ବିସ୍ତୃତ ରିପୋର୍ଟ ଦାଖଲ କରିବାକୁ ମଧ୍ୟ କୁହାଯାଇଛି। ସନ୍ତୋଷଜନକ ଉତ୍ତର ନମିଳିଲେ ସମ୍ପୃକ୍ତ ଅନୁଷ୍ଠାନଗୁଡ଼ିକ ବିରୋଧରେ କଠୋର ପଦକ୍ଷେପ ନିଆଯିବ ବୋଲି କାଉନସିଲ ସତର୍କ କରିଛି। ଫକୀର ମୋହନ ବିଶ୍ୱବିଦ୍ୟାଳୟ ସହ ଅନୁବନ୍ଧିତ ପାଞ୍ଚଟି ବେସରକାରୀ ନର୍ସିଂ କଲେଜର ଶତାଧିକ ଛାତ୍ରଛାତ୍ରୀ ଶୁକ୍ରବାର ବିଶ୍ୱବିଦ୍ୟାଳୟ ପରିସର ବାହାରେ ଧାରଣା ଦେବା ପରେ ଏହି ପଦକ୍ଷେପ ନିଆଯାଇଛି। ଛାତ୍ରଛାତ୍ରୀଙ୍କ ଅଭିଯୋଗ ଅନୁସାରେ, ସେମାନେ ଚାରି ବର୍ଷିଆ ବିଏସ୍‌ସି ନର୍ସିଂ ପାଠ୍ୟକ୍ରମରେ ଛଅ ବର୍ଷରୁ ଅଧିକ ସମୟ ପୂର୍ବରୁ ନାମ ଲେଖାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ସପ୍ତମ ଓ ଅଷ୍ଟମ ସେମିଷ୍ଟର ପରୀକ୍ଷା ହୋଇନାହିଁ। ଛାତ୍ରଛାତ୍ରୀମାନଙ୍କ କହିବା ଅନୁଯାୟୀ, ଚାରି ବର୍ଷରେ ସମାପ୍ତ ହେବାକୁ ଥିବା ପାଠ୍ୟକ୍ରମ ଛଅ ବର୍ଷରୁ ଅଧିକ ସମୟ ଧରି ଝୁଲି ରହିଥିବାରୁ ସେମାନଙ୍କ ଉଚ୍ଚଶିକ୍ଷା, ପଞ୍ଜୀକରଣ ପ୍ରକ୍ରିୟା ଏବଂ ଚାକିରି ସୁଯୋଗ ଗୁରୁତର ଭାବେ ପ୍ରଭାବିତ ହୋଇଛି।

ସୁଲେଖିକା ଡକ୍ଟର୍ ମମତା ଦାସଙ୍କ ପ୍ରବନ୍ଧ ସଂକଳନ 'ଲୀଳାକମଳପତ୍ରାଣି'ର ପାଠକାର୍ପଣ

ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ

ଭାରତୀୟ ଜ୍ଞାନ ପରମ୍ପରାକୁ ପୁନରୁଜ୍ଜୀବିତ କରିବା ଦିଗରେ ବର୍ତ୍ତମାନର ନୂତନ ଶିକ୍ଷା ବ୍ୟବସ୍ଥାରେ ବିଶେଷ ପ୍ରାଧାନ୍ୟ ଦିଆଯାଉଛି। ଭାରତୀୟ ମୌଳିକ ଜ୍ଞାନ ବିଜ୍ଞାନର ନବମୂଲ୍ୟାୟନ ବର୍ତ୍ତମାନ ସମୟର ଆହ୍ୱାନ ଓ ଆବଶ୍ୟକତା । ଏହି ପ୍ରେକ୍ଷାପଟରେ ସୁଲେଖିକା ଡ. ମମତା ଦାସଙ୍କ ଦ୍ୱାରା ଲିଖିତ ପ୍ରବନ୍ଧ ସଂକଳନ 'ଲୀଳାକମଳପତ୍ରାଣି' ବିଶେଷ ମହତ୍ତ୍ୱ ରଖେ ବୋଲି ବିଶିଷ୍ଟ ସଂସ୍କୃତ ବିଦ୍ୱାନ୍ ବାରିପଦା ସ୍ଥିତ ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ପ୍ରଫେସର୍ ପ୍ରଫୁଲ୍ଲ କୁମାର ମିଶ୍ର ମତବ୍ୟକ୍ତ କରିଛନ୍ତି । ରାଜ୍ୟର ଅଗ୍ରଣୀ ପ୍ରକାଶନୀ ସଂସ୍ଥା ଏଥେନା ବୁକ୍ସ ପକ୍ଷରୁ ସ୍ଥାନୀୟ ବୁଦ୍ଧ ମନ୍ଦିର ସମ୍ମିଳନୀ କକ୍ଷରେ ଆୟୋଜିତ 'ଲୀଳାକମଳପତ୍ରାଣି' ପ୍ରବନ୍ଧ ପୁସ୍ତକ ପାଠକାର୍ପଣ ଉତ୍ସବରେ ମୁଖ୍ୟଅତିଥି ରୂପେ ଯୋଗଦେଇ ପ୍ରଫେସର୍ ମିଶ୍ର ଲେଖିକାଙ୍କ ନିରୀକ୍ଷା ଦୃଷ୍ଟି ଓ ପ୍ରାଚ୍ୟବିଦ୍ୟା ଅନୁରାଗର ପ୍ରଶଂସା କରିଥିଲେ । ପ୍ରାରମ୍ଭରେ ଭାରତବର୍ଷର ଖ୍ୟାତିପ୍ରାପ୍ତ ଭାଷାତତ୍ତ୍ୱବିଦ୍ ପଦ୍ମଶ୍ରୀ ପ୍ରଫେସର୍ ଦେବୀପ୍ରସନ୍ନ ପଟ୍ଟନାୟକ ଉଦ୍ଘାଟକ ରୂପେ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଲେଖିକା ଡ. ମମତା ଦାସଙ୍କୁ ଶୁଭାଶୀର୍ବାଦ ପ୍ରଦାନ କରିଥିଲେ। ଏହି ଅବସରରେ ଡ. ମମତା ଦାସଙ୍କ ଲିଖିତ ୩୦ଟି ପ୍ରବନ୍ଧର ସମାହାର 'ଲୀଳାକମଳପତ୍ରାଣି' ପୁସ୍ତକ ଅତିଥିମାନଙ୍କ କରକମଳରେ ଲୋକାର୍ପିତ ହୋଇଥିଲା ।

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦକ୍ଷିଣାଞ୍ଚଳ କାର୍ଯ୍ୟାଳୟର ପ୍ରାକ୍ତନ ଉପସଚିବ ଡକ୍ଟର୍ କୁଳମଣି ଓଝା ମୁଖ୍ୟବକ୍ତା ରୂପେ 'ଲୀଳାକମଳାପତ୍ରାଣି' ପୁସ୍ତକର ଆମୂଳାନ୍ତ ସମୀକ୍ଷା କରିଥିଲେ । ପ୍ରାଚ୍ୟ ଜ୍ଞାନଧାରାରେ ପର୍ଯ୍ୟାବରଣ, ରାଷ୍ଟ୍ରୀୟତା, ଗଣେଶ ସୃଷ୍ଟି ରହସ୍ୟ ଓ ରୂପ କଳ୍ପନା, ସନାତନ ଜୀବନ ଦର୍ଶନ ଓ ଅବକ୍ଷୟିଷ୍ଣୁ ସମାଜ, ଜାତୀୟ ମୁକ୍ତି ସଂଗ୍ରାମରେ ଗୀତାର ଭୂମିକା ଆଦି ୩୦ଟି ପ୍ରସଙ୍ଗ ଭିତ୍ତିକ ପ୍ରବନ୍ଧର ଅନ୍ତଃସ୍ୱର ଓ ଭାଷା ପ୍ରକରଣ ସମ୍ବନ୍ଧରେ ଡ. ଓଝା ସବିଶେଷ ସମୀକ୍ଷା କରିଥିଲେ ।

ଲୋକାର୍ପଣ ଲୋକାର୍ପଣ ଲୋକାର୍ପଣ
ସମୟ: ସକାଳ ୧୦.୪୦ ଘଟିକା ତାରିଖ:୧୧ ଜୁଲାଇ, ୨୦୨୬
ଡକ୍ଟର ମମତା ଦାସଙ୍କ
ପ୍ରବନ୍ଧ ପୁସ୍ତକ
ଲୀଳାକମଳପତ୍ରାଣି
ସ୍ଥାନ: ବୁଦ୍ଧ ମନ୍ଦିର

ଉତ୍କଳ ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ସଂସ୍କୃତ ବିଭାଗ ପ୍ରଫେସର୍ ଗୋପାଳକୃଷ୍ଣ ଦାଶ ଏହି ପାଠକାର୍ପଣ ଉତ୍ସବରେ ପୌରୋହିତ୍ୟ କରିବା ସଂଗେ ସଂଗେ ଭାରତୀୟ ସମୀକ୍ଷା ଧାରାର ପାଞ୍ଚ ସୋପାନ ସମ୍ପର୍କରେ ବ୍ୟାଖ୍ୟା କରିବା ସହ 'ଲୀଳାକମଳପତ୍ରାଣି' ସେ ଦୃଷ୍ଟିରୁ ଏକ ଉତ୍କୃଷ୍ଟ ଆଲୋଚନା ଗ୍ରନ୍ଥ ବୋଲି କହିଥିଲେ । ଲେଖିକା ଡ. ମମତା ଦାସ ତାଙ୍କ ବକ୍ତବ୍ୟରେ ସ୍ୱକୀୟ ସାରସ୍ୱତ ଜୀବନକୁ ଗଢ଼ିଥିବା ପିତାମାତା ଓ ଗୁରୁମାନଙ୍କ ଅବଦାନ ସ୍ମରଣ ପୂର୍ବକ 'ଲୀଳାକମଳପତ୍ରାଣି' ପ୍ରବନ୍ଧ ରଚନାର ଉଦ୍ଦେଶ୍ୟ ସଂପର୍କରେ ବର୍ଣ୍ଣନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସତ୍ୟ ନାରାୟଣ ମହାପାତ୍ର, ମନ୍ମଥ ଶତପଥୀ, ଡ. ରବୀନ୍ଦ୍ର ନାଥ ମିଶ୍ର ଡ. ଅଜୟ ପଟ୍ଟନାୟକ, ଡ. ଶାନ୍ତନୁ କୁମାର ରଥ, ରମେଶ ପଟ୍ଟନାୟକ ପ୍ରମୁଖ ଲୋକାର୍ପିତ ପୁସ୍ତକ ସଂପର୍କରେ ଆଲୋଚନା କରିଥିଲେ । ଡ. ଦେବାଶିଷ ମହାପାତ୍ର ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ଅଧ୍ୟାପିକା ଡ. ସଂଘମିତ୍ରା ମହାପାତ୍ର ଉତ୍ସବର ସଂଯୋଜନା କରିଥିଲେ ଏବଂ ଶେଷରେ ଏଥେନା ବୁକ୍ସର ସ୍ୱତ୍ତ୍ୱାଧିକାରୀ କବି ଓ କଥାକାର ରାଜକିଶୋର ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।

13001/1152/2627

OFFICE OF THE GENERAL MANAGER,
WATCO DIVISION, KATAKA.
Telephone/e-mail/FAX: 0671-2547115/gmwatcoctc@gmail.com

NATIONAL COMPETITIVE BIDDING THROUGH e-Procurement

Bid Identification No. GMWATCO (W)-08/2026-27 Dtd.09.07.2026

Name of the work:- Operation maintenance of WTP with accessaries , pumps and panels and Under Ground Reservoirs, Over head tanks with valve arrangement etc of Multiutility complex & PG students hostel at SVPPGIP, Sishubhaban, Kataka under WATCO Section, Townhall, Kataka (Aug-26 to July. 28= 24 months)

1. Estimated cost :- Rs.24.21 Lakhs (Approx.).
2. Period of completion :- 24 (Twenty Four) months.
3. Date & time of availability of bid document in the portal :- From 11 A.M of dt.14.07.2026 to 5.00 P.M. of dt.23.07.2026.
4. Last date / time of receipt of bids in the portal :- 23.07.2026 up to 05.00 P.M.
5. Date & time of opening of bids :- 24.07.2026 at 12.30 P.M.
6. Name and address of the Officer Inviting Bid :- The General Manager, WATCO Division, Kataka -753003, Odisha, Ph.(0671)2547115, email:gmwatcoctc@gmail.com
7. The bidders have to participate in ONLINE bidding only.

Further details can be seen from the web site www.tendersodisha.gov.in

General Manager,
Watco Division, Kataka.

OIPR-13001/13170/1/26-27/0009

ଭୁବନେଶ୍ୱର, ୧୨ ଜୁଲାଇ, ରବିବାର, ୨୦୨୬

RNI Regd. No. : 52640/94
Postal Regd. No. :
BN/60/25-27

ପୁରୀ : ବିଶ୍ୱ ପ୍ରସିଦ୍ଧ ମହାପ୍ରଭୁ ଶ୍ରୀ ଜଗନ୍ନାଥ, ଶ୍ରୀବଳଭଦ୍ର ଓ ଦେବୀ ସୁଭଦ୍ରାଙ୍କ ରଥଯାତ୍ରା ନିମନ୍ତେ ବଡଦାଣ୍ଡକୁ ରଙ୍ଗବେରଙ୍ଗର ବିଭିନ୍ନ ଝୋଟୀ ଚିତ୍ରରେ ସଜ୍ଜିତ କରାଯାଉଛି। (ଫେଟା : ସମ୍ବାଦ କଳିକା)

ତିନି ରଥରେ ଉଠିଲା କଳସ, ଲାଗିଲା ଓଲଟଣ୍ଟୁଆ : ହରିବୋଲ ପକାଇଲେ ଭୋଇ ସେବାୟତ

ପୁରୀ ୧୧/୦୭ ନ୍ୟୁଜ ବ୍ୟୁରୋ

ଆଉ କିଛି ଦିନ ପରେ ବିଶ୍ୱ ପ୍ରସିଦ୍ଧ ରଥାଯାତ୍ରା। ଶେଷ ପର୍ଯ୍ୟାୟରେ ପହଞ୍ଚିଲା ରଥ ନିର୍ମାଣ କାମ। ଶନିବାର ତିନି ରଥରେ କଳସ ଉଠିବା ସହ ଓଲଟଶୁଆ ଲାଗି ଯାଇଛି। ଏହା ପରେ ପରମ୍ପରା ଅନୁଯାୟୀ ଭୋଇ ସେବାୟତମାନେ ରଥରେ କଳସ ସ୍ଥାପନ କରିବା ପରେ ଅଷ୍ଟମ ହରିବୋଲ ପକାଇଛନ୍ତି। ଆଗକୁ ସିଂହାସନ ପଛକୁ ପ୍ରଭା ଲାଗିବ । ଚକା ସିଂହାସନରେ ଠାକୁରେ ଅବସ୍ଥାନ କଲେ ପ୍ରଭାରେ ରୁନ୍ଧା ହେବେ।

ପୁରୀରେ ବର୍ଷା ଲାଗି ରହିଥିବାରୁ ରଥ କାମ ବିଳମ୍ବ ହୋଇଥିଲା। ଶନିବାର ବର୍ଷା ଛାଡ଼ିବାରେ ରଥ ଉପର କାମ ହୋଇଥିଲା । ମୁଖ୍ୟ ବିଶ୍ୱକର୍ମାଙ୍କ ନିର୍ଦ୍ଦେଶ ମିଳିବା ପରେ ଭୋଇ ସେବକମାନେ ରଥରେ କଳସ ସ୍ଥାପନ କରିବା ସହ ଅଷ୍ଟମ ହରିବୋଲ ପକାଇଛନ୍ତି ।

ଚିତ୍ରକର ସେବକମାନେ ରଙ୍ଗ ଦେଇ ରଥତ୍ରୟର ତିନି ସାରଥିଙ୍କୁ ପ୍ରସ୍ତୁତ କରୁଛନ୍ତି । ରଥ ଖଳା ନିକଟସ୍ଥ ଅସ୍ଥାୟୀ ବଖରାରେ ସାରଥିଙ୍କ ରଙ୍ଗ କାର୍ଯ୍ୟ ଚାଲିଛି । ଶ୍ରୀବଳଭଦ୍ରଙ୍କ ତାଳଧ୍ୱଜ ରଥର ସାରଥିଙ୍କ ନାମ ମାତଳୀ, ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷ ରଥର ସାରଥିଙ୍କ ନାମ ଦାରୁକ, ଦେବୀ ସୁଭଦ୍ରାଙ୍କ ଦେବଦଳନ ରଥର ସାରଥିଙ୍କ ନାମ ଅର୍ଜୁନ (ମତାନ୍ତରେ ଦେବଦତ୍ତ/ସାତ୍ୱକୀ) ଅଟନ୍ତି । ନବକଳେବର ସମୟରେ ଠାକୁରଙ୍କ ସାରଥିମାନେ ନୂତନ କରି ନିର୍ମାଣ ହେଉଥିବା ସ୍ଥଳେ ପ୍ରତି ରଥ ଯାତ୍ରାରେ ରଙ୍ଗ ହେବା ସହ ନୂତନ ବସ୍ତ୍ର ପରିଧାନ କରି ରଥରେ ଅବସ୍ଥାନ କରନ୍ତି । ସେପଟେ ଦର୍ଜୀ ସେବକମାନେ ଦୁଆରଘଡ଼ାର ଚନ୍ଦ୍ରଶାଳୀରେ ଫୁଲ, ଚିକଣ ଜରି ଲେସ୍ ସହ ଡାଳିଲତା ସହ ରଥ ସାରଥିଙ୍କ ପାଇଁ ପୋଷାକ ତିଆରି କରୁଛନ୍ତି । ଓଝା ସେବକମାନେ କମାର ଶାଳରେ ଜରୁରିକାଳୀନ ସ୍ଥିତି ପାଇଁ କଣ୍ଟା ଆଦି ଲୁହା ସାମଗ୍ରୀ ତିଆରୁଛନ୍ତି ।

ରାମ ମନ୍ଦିର ଦାନ ବିବାଦ ମାମଲା: ୧୩ରେ ସୁପ୍ରିମକୋର୍ଟରେ ଶୁଣାଣି

ନୂଆଦିଲ୍ଲୀ, ୧୧/୦୭

ଅଯୋଧ୍ୟାର ଶ୍ରୀରାମ ଜନ୍ମଭୂମି ମନ୍ଦିରରେ ଭକ୍ତଙ୍କ ଦାନ ଚୋରି, ଆତ୍ମସାତ୍ ଏବଂ ଆର୍ଥିକ ଅନିୟମିତତା ଅଭିଯୋଗକୁ ନେଇ ଦାଖଲ ହୋଇଥିବା ୩ଟି ଜନସ୍ୱାର୍ଥ ଆବେଦନର ଶୁଣାଣି ଆସନ୍ତା ୧୩ରେ ସୁପ୍ରିମକୋର୍ଟରେ ହେବ। ମୁଖ୍ୟ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତଙ୍କ ନେତୃତ୍ୱାଧୀନ ୩ ଜଣିଆ ଖଣ୍ଡପୀଠ ଏହି ସମସ୍ତ ଆବେଦନର ଶୁଣାଣି କରିବେ। ଆବେଦନ ମଧ୍ୟରୁ ଦୁଇଟିରେ ମାମଲାର ସିବିଆଇ ତଦନ୍ତ ଦାବି କରାଯାଇଛି। ଆବେଦନକାରୀଙ୍କ ଯୁକ୍ତି ହେଉଛି, ଉତ୍ତର ପ୍ରଦେଶ ସରକାର, ରାଜ୍ୟ ପୋଲିସ କିମ୍ବା ଏସଆଇଟି ଦ୍ୱାରା ନିରପେକ୍ଷ, ସ୍ୱଚ୍ଛ ଓ ବିଶ୍ୱସନୀୟ ତଦନ୍ତ ସମ୍ଭବ ନୁହେଁ। ଗତ ମାସରେ ସୁପ୍ରିମକୋର୍ଟର ଅବକାଶକାଳୀନ ଖଣ୍ଡପୀଠ ଜରୁରୀ ଶୁଣାଣିକୁ ଅସ୍ୱୀକାର କରିଥିଲେ ମଧ୍ୟ କୋର୍ଟ ଖୋଲିବା ପରେ ଜୁଲାଇ ୧୩ରେ ମାମଲାକୁ ତାଲିକାଭୁକ୍ତ କରାଯିବ ବୋଲି ଆଶ୍ୱାସନ ଦେଇଥିଲେ। ରାଜ୍ୟସଭା ସାଂସଦ ସୁଧାକର ସିଂହଙ୍କ ପକ୍ଷରୁ ଆଡଭୋକେଟ ସତ୍ୟମ ସିଂହ ରାଜପୁତ ଦାଖଲ କରିଥିବା ଆବେଦନରେ ରାମ ମନ୍ଦିରରେ ଦାନ ଚୋରି ଅଭିଯୋଗର ସିବିଆଇ ତଦନ୍ତ ଦାବି କରାଯାଇଛି। ସେହିପରି, ୨୦୨୦ ଫେବୃୟାରୀ ୫ରେ ଟ୍ରଷ୍ଟ ଗଠନ ପରଠାରୁ ଏପର୍ଯ୍ୟନ୍ତ ମିଳିଥିବା ସମସ୍ତ ନଗଦ ଅର୍ଥ, ବ୍ୟାଙ୍କ ଟ୍ରାନ୍ସଫର, ଡିଜିଟାଲ ପେମେଣ୍ଟ, ବିଦେଶୀ ଅନୁଦାନ, ସୁନା, ରୂପା, ଅଳଙ୍କାର ଓ ଅନ୍ୟାନ୍ୟ ମୂଲ୍ୟବାନ ସାମଗ୍ରୀର ସମ୍ପୂର୍ଣ୍ଣ ବିବରଣୀ, ସେଗୁଡ଼ିକର ହିସାବ, ସଂରକ୍ଷଣ ଓ ବ୍ୟବହାର ସମ୍ବନ୍ଧୀୟ ତଥ୍ୟ କୋର୍ଟରେ ଦାଖଲ କରିବାକୁ ଟ୍ରଷ୍ଟକୁ ନିର୍ଦ୍ଦେଶ ଦେବାକୁ ଅନୁରୋଧ କରାଯାଇଛି।

ଏଟିଏମ୍ କାର୍ଡ ବଦଳାଇ ଲୁଟ୍ : ୪ ଗିରଫ, ୨୩୨ ଏଟିଏମ କାର୍ଡ ଜବତ

କେନ୍ଦୁଝର, ୧୧।୭
ନ୍ୟୁଜ ବ୍ୟୁରୋ

ଗୋଟେ କି ଦୁଇଟି ନୁହେଁ ୨୩୨ଟି ଡେବିଟ ଓ କ୍ରେଡିଟ କାର୍ଡ ରଖିଥିଲେ।ଏହି କାର୍ଡ ଗୁଡିକ ସାହାଯ୍ୟରେ ବୃଦ୍ଧ, ବୃଦ୍ଧା ଏବଂ ସରଳ ଲୋକଙ୍କ ଏଟିଏମ୍ କାର୍ଡକୁ ବଦଳାଇ ଅନ୍ୟ ଏଟିଏମ୍‌ରୁ ଟଙ୍କା ଲୁଟ୍ ହେଉଥିଲା। ଏହି ଗ୍ୟାଙ୍ଗର ପର୍ଦ୍ଦାଫାସ କରିଛି କେନ୍ଦୁଝର ଟାଉନ ପୋଲିସ। ଏଟିଏମ କାର୍ଡ ବଦଳାଇ ଲୁଟ୍ କରୁଥିବା ଗ୍ୟାଙ୍ଗର ୪ ଜଣଙ୍କୁ ପୁଲିସ ଗିରଫ କରିଛି। ସେମାନେ ହେଲେ ମୁଖ୍ୟ ଅଭିଯୁକ୍ତ କଟକ ନେମାଳର ବଳରାମ ସାହୁ, ମୃତ୍ୟୁଞ୍ଜୟ ମହାପାତ୍ର, ମାନସ ରଞ୍ଜନ ପାଣି ଓ କେନ୍ଦ୍ରାପଡ଼ାର ପୂର୍ଣ୍ଣଚନ୍ଦ୍ର ମଲ୍ଲିକ। ପୋଲିସ ଉକ୍ତ ଘଟଣାରେ ତଦନ୍ତ କରିଥିଲା। ଏମାନେ ରାଜ୍ୟ ତଥା ରାଜ୍ୟ ବାହାରେ ବହୁ ଠକେଇ କରିଛନ୍ତି। ଏମାନଙ୍କ ନାଁରେ ରାଜ୍ୟର ବିଭିନ୍ନ ଥାନାରେ ଶହେରୁ ଊର୍ଦ୍ଧ୍ୱ ମାମଲା ରହିଛି। ଗିରଫ ସମୟରେ ଏମାନଙ୍କ ନିକଟରୁ ୨୩୨ଟି ଏଟିଏମ୍ କାର୍ଡ, ୯ ଟି ମୋବାଇଲ, ୧୨ହଜାର ଟଙ୍କା ଓ ଏକ କାର୍ ଟାଉନ ପୋଲିସ ଜବତ୍ କରିଥିବା ସଦର ଏସଡିପିଓ ସୁଦର୍ଶନ ଗାଙ୍ଗୋଇ ସୂଚନା ଦେଇଛନ୍ତି।

ଶତାୟୁ ମହିଳା ସୀତାମଣି ମହାନ୍ତିଙ୍କ ପରଲୋକ

ଭୁବନେଶ୍ୱର, ୧୧।୭ ନ୍ୟୁଜ ବ୍ୟୁରୋ

ଧାମନଗର ବ୍ଲକ ପାଳସାହି ଗ୍ରାମ ପଞ୍ଚାୟତର ପୂର୍ବତନ ସରପଞ୍ଚ ତଥା ସମାଜସେବୀ ଭାଗୀରଥୀ ମହାନ୍ତି ଏବଂ ବିଶିଷ୍ଟ ସମାଜସେବୀ ଦାଶରଥୀ ମହାନ୍ତିଙ୍କ ପୂଜ୍ୟା ମାତା ଶତାୟୁ ମହିଳା ସୀତାମଣି ମହାନ୍ତିଙ୍କ ୧୦୦ ବର୍ଷ ବୟସରେ ପରଲୋକ ଘଟିଛି। ସେ ଜଣେ ସରଳ, ଧର୍ମପରାୟଣ, ପରୋପକାରୀ ଓ ସ୍ନେହମୟୀ ମହିଳା ଭାବେ ସମଗ୍ର ଅଞ୍ଚଳରେ ପରିଚିତ ଥିଲେ । ବୟସାଧିକ୍ୟ ଜନିତ ଅସୁସ୍ଥତା କାରଣରୁ ସେ କିଛିଦିନ ଧରି ଶଯ୍ୟାଶାୟୀ ଥିଲେ । ଗତ ଗୁରୁବାର ରାତିରେ ତାଙ୍କର ପରଲୋକ ଘଟିଛି। ତାଙ୍କ ବିୟୋଗ ଖବର ପ୍ରଚାରିତ ହେବା ପରେ ପାଳସାହି ଗ୍ରାମ ସମେତ ସମଗ୍ର ଗ୍ରାମ ପଞ୍ଚାୟତରେ ଶୋକର ଛାୟା ଖେଳିଯାଇଥିଲା। ଗ୍ରାମବାସୀ, ସ୍ଥାନୀୟ ଜନସାଧାରଣ, ଆଖପାଖ ପଞ୍ଚାୟତର ବହୁ ବୁଦ୍ଧିଜୀବୀ, ବିଭିନ୍ନ ସାମାଜିକ, ସାଂସ୍କୃତିକ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତା ଓ ନେତୃବୃନ୍ଦ ତାଙ୍କ ବାସଭବନରେ ପହଞ୍ଚି ମରଶରୀରକୁ ଶେଷ ଦର୍ଶନ କରିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

‘ସମ୍ବାଦ କଳିକା’ ସମ୍ପାଦକଙ୍କ ଶୋକ

ସୀତାମଣି ମହାନ୍ତିଙ୍କ ପରଲୋକରେ ‘ସମ୍ବାଦ କଳିକା’ ସମ୍ପାଦକ ଜୟାଶୀଷ ରାୟ ଗଭୀର ଶୋକ ପ୍ରକାଶ କରିଛନ୍ତି। ଏକ ଶୋକ ବାର୍ତ୍ତାରେ ଶ୍ରୀ ରାୟ କହିଛନ୍ତି ଯେ, ସେ ମୋର ମାଆଙ୍କ ପରି ଥିଲେ। ମୋତେ ପୁତ୍ରବତ୍ ସ୍ନେହ କରୁଥିଲେ। ଦୀର୍ଘ ୫୦ ବର୍ଷ ଧରି ଆମର ନିବିଡ ସଂପର୍କ ରହିଆସିଥିଲା। ତାଙ୍କ ବିୟୋଗରେ ମୁଁ ଅତ୍ୟନ୍ତ ମର୍ମାହତ। ସେ ନାରାୟଣ ଚନ୍ଦ୍ର ମହାପାତ୍ରଙ୍କ ଭଉଣୀ ଏବଂ ମୋର ବନ୍ଧୁ ଦାଶରଥୀ ମହାନ୍ତିଙ୍କ ମାଆ ହୋଇଥିବାରୁ ମୋର ସବୁବେଳେ ତାଙ୍କ ଘରକୁ ଯାତାୟାତ ଥାଏ। ପ୍ରତିଥର ଭେଟ ହେଲେ ଖୁବ୍ ସ୍ନେହରେ ଭଲମନ୍ଦ ପଚାରନ୍ତି। ଜଣେ ସ୍ନେହମୟୀ ଜନନୀଙ୍କ ଆବିଷ୍କାର ମୁଁ ତାଙ୍କ ଭିତରେ କରିଥିଲି। ତାଙ୍କୁ ହରାଇ ମୁଁ ଯେମିତି ମାତୃ ସ୍ନେହରୁ ବଞ୍ଚିତ ହୋଇଗଲି। ସେ ଅତ୍ୟନ୍ତ ସରଳ, ଅମାୟିକ, ସ୍ନେହୀ ଏବଂ ଧର୍ମପ୍ରାଣା ଥିଲେ। ସମାଜ ସେବା କ୍ଷେତ୍ରରେ ତାଙ୍କର ବିଶେଷ ଅବଦାନ ରହିଥିଲା। ଆଖପାଖ ଅଞ୍ଚଳରେ ପ୍ରାୟ ଅଧିକାଂଶ ବାସିନ୍ଦା ତାଙ୍କର ସାହାଯ୍ୟ, ସହଯୋଗ ପାଉଥିଲେ। ସମସ୍ତଙ୍କୁ ସ୍ନେହରେ ବାନ୍ଧି ରଖିଥିବାରୁ ଆଜି ତାଙ୍କୁ ସମସ୍ତେ ଝୁରୁଛନ୍ତି। ତାଙ୍କ ପରଲୋକରେ ମୁଁ ଅତ୍ୟନ୍ତ ଦୁଃଖିତ। ଈଶ୍ୱରଙ୍କ ନିକଟରେ ତାଙ୍କ ଆତ୍ମାର ଶାନ୍ତି ପାଇଁ ପ୍ରାର୍ଥନା କରୁଛି ଏବଂ ତାଙ୍କର ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଉଛି।

ସେହିପରି ଶତାୟୁ ମହିଳା ସୀତାମଣି ମହାନ୍ତିଙ୍କ ପରଲୋକରେ ବିଶିଷ୍ଟ ଶିକ୍ଷବିତ୍ ବିମଳେନ୍ଦୁ ମହାନ୍ତି ଗଭୀର ଶୋକପ୍ରକାଶ କରିବା ସହ ଶୋକ ସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି।

ବର୍ଷ-୧୨ ସଂଖ୍ୟା-୨୩ RNI Regd.No:ODIODI/2010/34704 ମୂଲ୍ୟ ଟ୧.୫୦ ପୃଷ୍ଠା ସଂଖ୍ୟା-୮ ଭୁବନେଶ୍ୱର ୧୨ରୁ ୧୮ ଜୁଲାଇ୨୦୨୬
ସମ୍ବାଦ କଳିକା ସହିତ ମୂଲ୍ୟ ୪.୦୦
With Sambad Kalika ₹.4.00

ରବିବାସରୀୟ କଳିକା

ଭିତର ପୃଷ୍ଠାରେ...
- ପାଖେଇ ଆସୁଛି ରଥଯାତ୍ରା : ପାରମ୍ପରିକ ରଙ୍ଗ ବେରଙ୍ଗର ଝୋଟି ଚିତାରେ ଝଲସୁଛି ବଡଦାଣ୍ଡ
- ମାରିଅନ୍ ଦ୍ୱୀପରେ ମୂଷାଙ୍କ ଉତ୍ପାତ
- ଚକୋଲେଟ ଖାଉଥିଲେ ସାବଧାନ ! ଏସବୁ ଚକୋଲେଟରୁ ମିଳିଛି ବିଷାକ୍ତ ଧାତୁ

ପ୍ରଣମ୍ୟ ପୁରୁଷ କର୍ମବୀର ଗୌରୀଶଙ୍କରଙ୍କ ୧୮୮ ତମ ଜନ୍ମ (୧୮୩୮ ଜୁଲାଇ ୧୩ ତାରିଖ) ଜୟନ୍ତୀ ଉପଲକ୍ଷେ ସମ୍ବାଦ କଳିକା, କଥା କଳିକା, ଉତ୍କଳ ଦୀପିକା, ରବିବାସରୀୟ କଳିକା ତରଫରୁ ଶ୍ରଦ୍ଧା ସୁମନ ଅର୍ପଣ କରୁଛୁ । ଓଡ଼ିଆ ଜାତି ଏବଂ ଭାଷାର ସର୍ବବିଧ ଉନ୍ନତି ପାଇଁ ସେ ଯେଉଁ ଐକାନ୍ତିକ ଚେଷ୍ଟା କରି ତାକୁ ଏକ ସ୍ୱତନ୍ତ୍ର ସ୍ଥାନରେ ପହଞ୍ଚାଇଛନ୍ତି ଏ ମାଟି ତାଙ୍କୁ ସବୁଦିନ ପାଇଁ ମନେ ରଖିବ। ସାଧାରଣ ଜନତାଙ୍କ ସ୍ୱର ସରକାରଙ୍କ ନିକଟରେ ପହଞ୍ଚାଇବା ପାଇଁ ତାଙ୍କର ଅକ୍ଳାନ୍ତ ଉଦ୍ୟମ ସ୍ୱରୂପ ପ୍ରକାଶ ପାଇଥିଲା ‘ଉତ୍କଳ ଦୀପିକା’। ଗୌରୀଶଙ୍କରଙ୍କ ପରେ ଏହା କିଛି ବର୍ଷ ପାଇଁ ବନ୍ଦ ହୋଇଯାଇଥିଲେ ମଧ୍ୟ ବର୍ତ୍ତମାନ ତାଙ୍କର ସୁଯୋଗ୍ୟ ନାତି ସମ୍ବାଦ କଳିକାର ସଂପାଦକ ଜୟାଶୀଷ ରାୟ ଏହାକୁ ୨୦୧୬ ମସିହାରୁ ପୁନଃ ପ୍ରକାଶନ କରୁଛନ୍ତି। ଆଜି ବି ଏହାରି ମାଧ୍ୟମରେ ସାଧାରଣ ଜନତାଙ୍କ ସ୍ୱରକୁ ସରକାରଙ୍କ ନିକଟରେ ପହଞ୍ଚାଇବାର ଗୁରୁ ଦାୟିତ୍ୱ ଜାରି ରହିଛି। ଏହା ସହ ‘ଉତ୍କଳ ଦୀପିକା’ରେ ଭାଷା, ସାହିତ୍ୟ, କଳା, ସଂସ୍କୃତିର ପ୍ରଚାର ପ୍ରସାର ପାଇଁ ଯଥାସାଧ୍ୟ ଉଦ୍ୟମ କରାଯାଉଛି।

ରବିବାସରୀୟ କଳିକା ପରିବାର

ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !

ସାପ୍ତାହିକ ସମ୍ବାଦ ପତ୍ରିକା ‘ରବିବାସରୀୟ କଳିକା’ ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ ।

ସମ୍ପର୍କସ୍ଥ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା, ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com



ଏହି ବର୍ଷା, ଆସନ୍ତୁ ଏଥିରେ ସାମିଲ ହେବା

ବର୍ଷାଜଳ ସଂରକ୍ଷଣ ଅଭିଯାନରୁ,

ଜଳ ସଂରକ୍ଷଣ ପାଇଁ ସଂକଳ୍ପ ନିଅନ୍ତୁ

...କାରଣ ଯଦି ଜଳ ଅଛି ତ ଆମେ ଅଛୁ

ଆମକୁ କ'ଣ କରିବାକୁ ହେବ

ପ୍ରତ୍ୟେକ ଘରେ, ସମାଜ ଏବଂ କର୍ମକ୍ଷେତ୍ରରେ ବର୍ଷାଜଳ ଅମଳ କୌଶଳ ଗ୍ରହଣ କରନ୍ତୁ।

ଭୂତଳ ଜଳକୁ ରିଚାର୍ଜ ଏବଂ ଉପଯୁକ୍ତ ସ୍ଥାନରେ ପିଟ୍ ଓ ଶାଫ୍ଟ ସ୍ଥାପନ ଏବଂ ଅବ୍ୟବହୃତ ବୋରୱେଲକୁ ମରାମତି କରନ୍ତୁ।

କୂପ ଏବଂ ପାରମ୍ପରିକ ଜଳାଶୟର ପୁନଃରୁଦ୍ଧାର ଏବଂ ସେଗୁଡ଼ିକୁ ବ୍ୟବହାରଯୋଗ୍ୟ କରନ୍ତୁ।

ମୌସୁମୀ ଜଳକୁ ସର୍ବାଧିକ ସଂରକ୍ଷଣ କରିବା ପାଇଁ ନିକଟବର୍ତ୍ତୀ ପୋଖରୀ ଏବଂ ଜଳଭଣ୍ଡାରରୁ ପଟୁ ନିଷ୍କାସନ କରି ଜଳଧାରଣ କ୍ଷମତା ବୃଦ୍ଧି କରନ୍ତୁ।

ଜଳଭଣ୍ଡାର ଅଞ୍ଚଳରେ ଅଧିକରୁ ଅଧିକ ବୃକ୍ଷରୋପଣ କରି ସବୁଜ ବଳୟ ସୃଷ୍ଟିକୁ ସୁନିଶ୍ଚିତ କରନ୍ତୁ।

“ବର୍ଷା ଜଳ ସଂରକ୍ଷଣ - ଏହି ଅଭିଯାନରେ, ଆମକୁ ମିଳିତ ଭାବେ ବର୍ଷାଜଳର ପ୍ରତ୍ୟେକ ବୁନ୍ଦା ସଂରକ୍ଷଣ କରିବା । ମିଳିତ ଭାବେ ଆମକୁ ବର୍ଷାଜଳର ପ୍ରତ୍ୟେକ ବୁନ୍ଦା ସଂରକ୍ଷଣ କରିବାକୁ ମୋର ବିଶେଷ ନିବେଦନ ।”

- ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ

CBC-45101/13/0011/2627